Digitized by PPRACHIN, SOA

ନା
ନାରୀ ଦ ସୁଖ
ଦ
ସୁଖ

(ସମ୍ପୂର୍ଣ୍ଣ ଡିଟେକ୍ଟିଭ ଉପନ୍ୟାସ)

ଲେଖକ:—

ଶ୍ରୀ ଅଦ୍ୱୈତ ପ୍ରସାଦ ଦାଶ

ଗୋସ୍ୱାମୀ ସାହିତ୍ୟ କୁଟିର

ପ୍ରକାଶିକା—ଶ୍ରୀମତୀ କୁନ୍ତଳା ସାହୁ

Digitized by PPRACHIN, SOA

ଲେଖକ:—
ଶ୍ରୀ ଅଦ୍ୱୈତ ପ୍ରସାଦ ଦାଶ
ଗୋସ୍ୱାମୀ ସାହିତ୍ୟ କୁଟିର

ନୂତନ ମୁଦ୍ରଣ—୧୯୭୦

ପ୍ରାପ୍ତି ସ୍ଥାନ—
ଧର୍ମଗ୍ରନ୍ଥ ଷ୍ଟୋର
ଅଲିଶା ବଜାର, କଟକ—୨

ମୁଦ୍ରାକର:—ଶ୍ରୀ ଧନେଶ୍ୱର ସାହୁ,
ସୂର୍ଯ୍ୟୋଦୟ ପ୍ରେସ, କଟକ-୮

ମୂଲ୍ୟ:—ଦୁଇଟଙ୍କା ପଚାଶ ପଇସା ମାତ୍ର

Digitized by PPRACHIN, SOA

ଉତ୍ସର୍ଗ

ପୂଜନୀୟ .... କରକମଳେଷୁ

କଠୋର ଜୀବନ ସଂଗ୍ରାମର ଚକ୍ର ଚଳାଇ ଗୃଳଥିବାବେଳେ ଲେଖକର ଲେଖନୀ ମୁକ୍ତ ଚଳାଇବା ତା ପକ୍ଷରେ ଏକାବେଳକେ ଅସମ୍ଭବ ହୋଇପଡ଼େ । ତଥାପି ଲେଖକର ଅସାଧାରଣ ନିଷ୍ଠା ଓ ଅଦମ୍ୟ ଉତ୍ସାହ କେବଳ ଦୁର୍ଗମ ପଥରେ ସହାୟତା କରିଥାଏ । ଉତ୍କଳ ସାହିତ୍ୟ ଆକାଶରେ ବହୁତ ଜ୍ୟୋତିଷ୍କ ଗଣ ନିଜ ନିଜର ପ୍ରଭା ବିକାଶ କରି ସୁନାମ ଧନ୍ୟ ହୋଇ ଉତ୍କଳ ଜନନୀର ସେବାରେ ନିଜର ଜୀବନକୁ ସାର୍ଥକ କରିଛନ୍ତି । କିନ୍ତୁ ସେହି ଆକାଶରେ ମୁଁ ଜଣେ ଅତି କ୍ଷୁଦ୍ର ଓ ନଗଣ୍ୟ, ସାହିତ୍ୟ ପ୍ରୟାସୀ ମାତ୍ର । କିନ୍ତୁ ଲେଖକ ପଦବାର ଯୋଗ୍ୟ ନୁହେଁ ତଥାପି ମାତୃଭାଷା ଓ ଉତ୍କଳ ମାତାର ମହୀୟସୀ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୁଁ ଆଜି ମୋର ଯତ୍ ସାମାନ୍ୟ ଲେଖନୀ ନିସୃତ **"ନାରୀଦସ୍ୟୁ"** ଶିରୋନାମା ଯୁକ୍ତ ଡିଟେକ୍‌ଟିଭ୍ ଉପନ୍ୟାସ ଖଣ୍ଡି ମୋର ସହୃଦୟ ବରେଣ୍ୟ ଆଲିଗଡ଼ରୁ ପାଶ୍ କରିଥିବା ଚକ୍ଷୁ ବିଶେଷଜ୍ଞ ଡାକ୍ତର **ଶ୍ରୀଯୁକ୍ତ ରାଧାଗୋବିନ୍ଦ ଚୌଧୁରୀଙ୍କ** କର କମଳରେ ଉପହାର ସ୍ୱରୂପ ସମର୍ପଣ କରି ନିଜକୁ କୃତାର୍ଥ ମନେ କରୁଛି ।

ବିନୀତ

ଲେଖକ

ଶ୍ରୀ ଅଦ୍ୱୈତ ପ୍ରସାଦ ଦାଶ

Digitized by PPRACHIN, SOA

ମୋର ନିଜକଥା

କର୍ମମୟ ଜୀବନର ଅଭାବ ଅନାଟନ ମଧ୍ୟ ଦେଇ ଗତ କରୁଥିବା ବେଳେ ମୋର କାହିକ ଲେଖାଲେଖି ପ୍ରତି ମନ ବଳିଲା । ମୁଁ ମୋର ପୂଜ୍ୟାସ୍ପଦ ଜ୍ୟେଷ୍ଠଭ୍ରାତ ଲେଖକ ଅଧ୍ୟାପକ ଶ୍ରୀ ଗୌରାଙ୍ଗ ଚରଣ ଦାଶଙ୍କୁ ମୋର ମନର କଥା କହିଲି ସେ ମୋତେ ଲେଖିବାକୁ ତ ଖାଲି କହିଲେନି ଆଶୀର୍ବାଦବି କଲେ । ମୋପାଇଁ ସେ ରାତି ଉଜାଗର ରହି ମୋର ପ୍ରଥମ ଲେଖାଟିକୁ ଲୋକ ଲୋଚନକୁ ଆଣିଲେ । ତାପରେ ପର ପର କେତେ-ଖଣ୍ଡି ପୁସ୍ତକ ରଚନା କରିବାକୁ ସେ ମୋତେ ବାଧ୍ୟ କଲେ । ତାଙ୍କର ପାଇଁ ମୁଁ ଆଜି ଦଶ ପନ୍ଦର ଖଣ୍ଡ ପୁସ୍ତକ ଲେଖିବାକୁ ସାମର୍ଥ ହୋଇ ପାରିଲି । କାଲି ପରି ମୋର ମନେ ଅଛି, ସେ ମୋପାଇଁ କଣ ନ କରିଛନ୍ତି । ନଖାଇ ଖୁଆଇଛନ୍ତି । ନପିନ୍ଧି ପିନ୍ଧାଇଛନ୍ତି । ପିତାଠାରୁ ବଳି ଅଧିକ ସ୍ନେହ କରିଛନ୍ତି । ସମସ୍ତେ କୁହନ୍ତି ଭାଇ ଭଗାରି; କିନ୍ତୁ ମୁଁ କହିବି, ତା ନୁହେଁ । ବାପୁଠାରୁ ବଳି ଆଉକିଛୁ ମହାନ ସମ୍ପଦ ଦୁନିଆଁରେ ନାହିଁ । ଭାଉଜ ବି, ତାଙ୍କର ସ୍ନେହ ମୋ ପ୍ରତି ମା,ଠାରୁ ଅଧିକ । ତେଣୁ ସେମାନେହିଁ ମୋର ଚଲାପଥର ପଥ ପ୍ରଦର୍ଶକ, ତାଙ୍କୁହିଁ ମୋର ନମସ୍ୟ, ସେହିମାନେହିଁ ମୋର ସର୍ବସ୍ୱ ।

ଲେଖକ—

Digitized by PPRACHIN, SOA

ଏହି ଲେଖକଙ୍କର କେତେଖଣ୍ଡି ପୁସ୍ତକ

ଫଷ୍ଟ ପାସେଞ୍ଜର
ସ୍ପେଶାଲ ଟ୍ରେନ
ଡାଲଟେର ଲେକାଲ
ସୈତାନର ଷଡ଼ଯନ୍ତ୍ର
ସୈତାନର ଷଡ଼ଯନ୍ତ୍ର
କାବୁଲ ଡାକୁ (ବା) ତୀକ୍ଷ୍ଣ ଛୁରିକା
ଆଷ୍ଟ୍ରାନ ଡ଼ାକୁ (ବା) ଇସ୍ପାତ ଛୁରିକା
ନାଗ ଦସ୍ୟୁ
ଗୁପ୍ତ ଘାତକ
ଖୁନୀ କିଏ ?
ଦସ୍ୟୁ କମଳାକାନ୍ତ,
ଦସ୍ୟୁ ନାୟିକା ରେଣ୍ଡୁ
ରେଣ୍ଡୁର ନୂଆ ରୂପ (ବା) ସି, ଆଇ, ଡ଼ିର କୃତାନ୍ତ
ଏପାର୍ଶ୍ୱ କନ୍ୟା
ପ୍ରେମ ଜୀବନ ଓ ମୃତ୍ୟୁ

ଆଉମଧ୍ୟ ଖୁବ ନିକଟରେ ମୁକ୍ତ ଲଭ କରିବ—ସମ୍ପୂର୍ଣ୍ଣ ରୋମାନ୍ସ ଭରା ପୁସ୍ତକ

(ଦସ୍ୟୁ ସି ଆଇ ଡ଼ି)

ଅନୁସନ୍ଧାନ କରନ୍ତୁ—**ଧର୍ମଗ୍ରନ୍ଥ ଷ୍ଟୋର**
ଅଲିସା ବଜାର, କଟକ-୨

Digitized by PPRACHIN, SOA

ଦିଆଲ ଘଣ୍ଟାଟା, ରାତି ତିନଟା ବାଜିବାର ସଙ୍କେତ ଦେଇ ନୀରବ ରହିଲା । ବିଖ୍ୟାତ ସାହିତ୍ୟିକ ଓ ଦାର୍ଶନିକ, ବସନ୍ତ ପଟ୍ଟନାୟକ କଲମ ଦାନିରେ କଲମଟା ରଖିଦେଇ ଚସ୍ମାରଟା ଗୁଡ଼ି ଠିଆହେଲେ । ଲେଖି ଲେଖି ହାତଟା ଅବଶ ହୋଇ ପଡ଼ୁଥିଲା ।

ରାତି ତିନଟାର ପରେ ଆଉ ବସି ବସି ଲେଖିବାଟା, ସ୍ୱାସ୍ଥ୍ୟ-ପକ୍ଷେ ଅବନତି ଭାବି ବିଶ୍ରାମନେବାକୁ ସ୍ଥିରକଲେ ।

ଖଟିଆ ନିକଟକୁ ଯାଇ ଅବଶ ଦେହଟା ଶାଇତି ଦେବା ପୂର୍ବରୁ ଦେହରୁ ଗେଞ୍ଜି ଖଣ୍ଡି ବାହାର କରି ଖଟିଆ ନିକଟରେ ଥିବା ଇଲେକ୍ଟ୍ରିକ ସୁଇଚ ଉପରେ ହାତ ଦେଲେ । ସଙ୍ଗେ ସଙ୍ଗେ ଆଲୋକିତ ଘରଟି ଅନ୍ଧକାରରେ ଲୀନ ହେଲା, ହଠାତ୍ ସେହି ସମୟରେ ତାଙ୍କ ଘରର ବାହାର ପଟୁ କେଇଟା ରିଭଲବାର ଗୁଳିର ଶବ୍ଦ ଆସି ତାଙ୍କ କର୍ଣ୍ଣଗହ୍ୱରରେ ପ୍ରବେଶ କଲା, କ୍ଷଣକ ପାଇଁ ସେ, ବିଶ୍ରାମ ନେବା କଥା ଭୁଲିଗଲେ, ଆଉ ଗୋଟିଏ ନୂଆ ଭାବନା ଆସି ତାଙ୍କ ମନମଧ୍ୟରେ ଉଙ୍କି ମାରିଲା ।

ଏହି, ନିର୍ଜନ ନିଶୀଥରେ, କଟକର, ରାଜପଥ ଉପରେ. ରିଭଲବାର ଗୁଳିର ଶବ୍ଦ କାହିଁକି ? ତାହାହେଲେ······ ··। ଆଉ

Digitized by PPRACHIN, SOA

ଅନ୍ୟକିଛି ଭାବିବା ପୂର୍ବରୁ ଧୀର ପଦକ୍ଷେପରେ ଝରକା ଆଡ଼କୁ ଆଗେଇ ଗଲେ ।

କିନ୍ତୁ ଯେତେବେଳେ ଝରକାର, ଦ୍ୱାର, ଉନ୍ମୁକ୍ତ କଲେ, ବାହାର ଆଡ଼କୁ ଚାହାଁନ୍ତି ଖାଲି ଦେଖିବାକୁ ପାଇଲେ ନିବିଡ଼ ଅନ୍ଧକାର । ପୂର୍ବପରି ସେ ଆଉ ଆଲୋକ ମାଳାରେ ସଜ୍ଜିତ ନାହିଁ ତା ସହିତ ଯେପରି ଗୁଇନାର ଯୁଦ୍ଧ ବେଳର ବ୍ଲାକଆଉଟ କଟକ ସହର । ସେ ଯେପରି ଅତି ଅପରିଚିତ ପରି ମୁହଁ ତାଙ୍କ ଲୁଚି ରହିଛି ।

ସେହି ବହଳିଆ ଅନ୍ଧକାର ମଧ୍ୟରେ ତ କାହାରିକୁ ଦେଖିବା ଦୁରୂହ । ଦେଖିବା ପରିବର୍ତ୍ତରେ ସେ ଖାଲି ଶୁଣିବାକୁ ପାଇଲେ କେହି ଜଣେ ଯେପରି ଦୌଡ଼ି ଦୌଡ଼ି ଆସି ତାଙ୍କ, ଘରର ସଦର ଦରଜା ନିକଟରେ ଅଟକି ଗଲା, ଆଉ ସେ ଶବ୍ଦ ଶୁଣିବାକୁ ମିଳିଲା ନାହିଁ । ତା'ର ପରିବର୍ତ୍ତେ ଶୁଣିବାକୁ ମିଳିଲା ପୋଲିସଙ୍କ ସଙ୍କେତ, ବଂଶୀର ଧ୍ୱନି ଓ ଭାରି ବୁଟ୍‌ର ଶବ୍ଦ ଏବଂ ଘରର ଚତୁଃ-ପାର୍ଶ୍ୱରେ ସ୍ପଷ୍ଟ ଅସ୍ପଷ୍ଟ କଣ୍ଠସ୍ୱର ମଧ୍ୟ ।

ତାପରେ ତାଙ୍କ ଦରଜାରେ କାହାର ଯେପରି କରାଘାତ, ସେ କରାଘାତ ଥରେ ନୁହେଁ ଦୁଇଥର ନୁହେଁ ବାରମ୍ବାର ବାଡ଼େଇ ବାଡ଼େଇ କିଏ ଯେପରି ତାଙ୍କୁ ଖୁବ୍ ଧୀର ଗଳାରେ ଅନୁରୋଧ କରୁଛି ଦରଜାଖୋଲି ଦେବା ପାଇଁ । ଚମକି ଉଠିଲେ ବସନ୍ତ ପଟ୍ଟନାୟକ । ଦୋତାଲାର ବାରଣ୍ଡାକୁ ବାହାରିଆସି ଉଜ୍ଜ୍ୱଳ ତିନିସେଲିଆ ଟର୍ଚ୍ଚଟା ଜାଳି, ତଳଆଡ଼କୁ ଦୃଷ୍ଟିନିକ୍ଷେପ କଲେ । ହେଲେ କାହାରିକୁ ଦେଖିବାକୁ ପାଇଲେ ନାହିଁ, କାରଣ ସେ କଡ଼ା ବାଡ଼େଇଥିଲା

Digitized by PPRACHIN, SOA

ସେତ ଆଉ ବାହାରେ ଠିଆ ହୋଇ ନଥିଲା, କାହାରିକୁ ନଦେଖି ବସନ୍ତ ପଟ୍ଟନାୟକ ଉପରେ ଥାଇଁ ପ୍ରଶ୍ନ କଲେ, କିଏ ? କାହାକୁ ଚାହଁ ?? ତକ୍ଷ ଖୁବ୍ ଧିର ଗଳାରେ ଶବ୍ଦ ଆସିଲା ପାଟି ବନ୍ଦ କରିବା ସଙ୍ଗେ ସଙ୍ଗେ ଆଲୁଅ ବନ୍ଦକର ଶୀଘ୍ର ଦରଜା ଖୋଲ ମୁଁ ସୀପ୍ରା ।

ବସନ୍ତ ବାବୁ ଦରଜା ଉନ୍ମୁକ୍ତ କରିଦେବା ସଙ୍ଗେ ସଙ୍ଗେ ସୀପ୍ରା ଦୃତପଦରେ ଘର ମଧ୍ୟକୁ ପଶିଆସି ଦରଜାଟା ବନ୍ଦକରି ଦେଇ କ୍ଷଣକାଳ ସେହି ଦରଜାକୁ ଆଉଜି ଠିଆହୋଇଗଲା ।

ବସନ୍ତ ବାବୁ କିଛୁ ପ୍ରଶ୍ନ କରିବା ପୂର୍ବରୁ ସେ ସୀପ୍ରାର ଶ୍ୱାସ ପ୍ରଶ୍ୱାସର ଶବ୍ଦ ଶୁଣି ବୁଝିପାରିଲେ ଯେ ସୀପ୍ରା ଯେପରି ଖୁବ୍ ପରିଶ୍ରାନ୍ତ ।

ତେବେବି ସେ ନିଜକୁ କଣ୍ଟ୍ରୋଲ କରି ନପାରି ପ୍ରଶ୍ନ କରି କହିଲେ "ସୀପ୍ରା ! ତୁମେ ଏହି ନିର୍ଜନ ରାତରେ ଏକୁଟିଆ ଏଠାକୁ ଆସିଲ କପରି ?" ଆଉ········ ଆସିବାଟା·· ·····କିନ୍ତୁ ·····।

—"କିନ୍ତୁ ଫିନ୍ତୁ ଶୁଣିବାକୁ ଆଉ ବେଳ ନାହିଁ, କେବଳ ଏତିକି ମାତ୍ର ତୁମକୁ ଶୁଣାଇ ଦେବାକୁ ଆସିଛି । ଏଇଶୁଣ··· ।"

ସୀପ୍ରାର କଥା ଶୁଣିବା ପୂର୍ବରୁ ତା ପରିବର୍ତ୍ତେ ଶୁଣିବାକୁ ପାଇଲେ ସଦର ଦରଜାର କଡ଼ା ବାଡେଇବାର ଶବ୍ଦ । ସେ ଶବ୍ଦ ଯେପରି ବନ୍ଦ ହେବାକୁ ନାହିଁ ବରଂ ବଢିବଢ଼ି ଚାଲିଛି ।

Digitized by PPRACHIN, SOA

ଆଶ୍ଚର୍ଯ୍ୟଭାବେ ବସନ୍ତ ବାବୁ ପ୍ରଶ୍ନ କଲେ—"ଏ କଣ ସୀପ୍ରା ମୁଁ ଏହାର ରହସ୍ୟତ କିଛି ବୁଝି ପାରୁନି, ଯାହା ହୋଇଛି ସବୁ ମୋ ନିକଟରେ ସତ ସତ କୁହ ?"

ପରେ ସବୁ ଶୁଣିବେ ମୋର ଜୀବନର ଇତିହାସ, ବସନ୍ତ ବାବୁ ! ବର୍ତ୍ତମାନ କହିବାର ବେଳନାହିଁ ପୋଲିସ ମୋତେ ଗ୍ରେପ୍ତାର୍ କରିବା ପାଇଁ ଆସି ତୁମ ଘରର ଦ୍ୱାର ଦେଶରେ । ନିଶ୍ଚୟ ସେମାନେ ମୋତେ ଦେଖିବାକୁ ପାଇଛନ୍ତି । ଡ଼ିଟେକ୍ଟିଭ ସୁବ୍ରତବାବୁଙ୍କ ଆଖି ଯୋଡ଼ାକ ଯେପରି ବହିଡ଼ ଆଖିପରି, ସେ ଅନ୍ଧକାରରେ ମଧ୍ୟ ଦେଖିବାକୁ ପାଆନ୍ତି । ହେଉ ବସନ୍ତ ବାବୁ ! ଆପଣ ଥାଆନ୍ତୁ ପୁଣି ସାକ୍ଷାତ ହେବ, ଯଦି ସୁବ୍ରତ ବାବୁଙ୍କ ଆଖି ଆଗରୁ ନିଜକୁ ଉଦ୍ଧାର କରିପାରେ ।

—"ତୁ ଏଇନେ କେଉଁ ଆଡ଼େ ଯିବୁ ସୀପ୍ରା ?" ପୋଲିସ ବାହିନୀ ଯେ ମୋ ଘରର ଚ଼ରି ପଟରେ କୁଣ୍ଡଳପ୍ରାପ୍ୟ ପ୍ରହରରତ ।

—"ସେ କଥା ମୁଁ ମଧ୍ୟ ଏଇନେ ସ୍ଥିର କରି ପାରିନି ବସନ୍ତବାବୁ ! ତେବେ ଏତିକି ମାତ୍ର ମୋର ଆଶା, ଈଶ୍ୱରଙ୍କ ଆଶୀର୍ବାଦରୁ ମୁଁ ନିଶ୍ଚୟ ଜୟଯୁକ୍ତ ହେବି ।

ଏହାକହି ସୀପ୍ରା, ସଙ୍ଗେ ସଙ୍ଗେ ସେ ସ୍ଥାନରୁ ସ୍ଥାନାନ୍ତରିତ ହୋଇଗଲେ, କେଉଁ ଆଡ଼େଗଲେ ଏକା ସେ ଜାଣେ ।

କଡ଼ାବାଡ଼େଇ ବାଡେଇ ଯେତେବେଳେ କେହି ଶୁଣିଲେ ନାହିଁ । ଶେଷରେ ଡ଼ାକିବାକୁ ଆରମ୍ଭ କଲେ "ଘରେ କିଏ ଅଛ ଦରଜା ଖୋଲ ?"

Digitized by PPRACHIN, SOA

ବସନ୍ତବାବୁ କିଂ କର୍ତ୍ତବ୍ୟ ବିମୂଢ଼ପରି କ୍ଷଣକାଳ ଠିଆହୋଇ କଣ ଯେପରି କେତେ ଭାବିବାକୁ ଲଗିଲେ, ପୁନରାୟ ସେ ଶୁଣି ବାକୁ ପାଇଲେ—"କିଏ ଅଛ ଦରଜା ଖୋଲ ?"

ବସନ୍ତବାବୁ ଉପର ମହଲାରେ ଥାଇ ପ୍ରଶ୍ନକଲେ—"କିଏ ? ଏବଂ କାହାକୁ ଚାହଁ ??"

—"ଆମେ ପୋଲିସ ।"

—"ଏହି ନିର୍ଜନ ରାତିରେ ଆପଣମାନଙ୍କର ଏଠାରେ ଆବିର୍ଭାବ କାହିଁକି ଓ ପ୍ରୟୋଜନ କ'ଣ ?"

—"ଆପଣଙ୍କ ଅଟ୍ଟାଳିକା ମଧ୍ୟରେ ଦସ୍ୟୁ ଆତ୍ମ ଗୋପନ କରିଛି ।"

—"ଏ,କି ଆଶ୍ଚର୍ଯ୍ୟ କଥା ଆପଣମାନେ କହୁଛନ୍ତି, ମୋ ଘରେ ଦସ୍ୟୁ ଆତ୍ମ ଗୋପନ କରିଛି ବୋଲି ।"

—"ସେ ସବୁ କଥା ପରେ ଶୁଣିବେ । ଶୀଘ୍ର ଦରଜା ଖୋଲନ୍ତୁ ।"

ପୋଲିସଙ୍କ କଥା ଗୁଡ଼ିକ ଯେପରି ଶେଷ ଆଡ଼କୁ ରୁକ୍ଷ ଓ ହୁକୁମପରି ।

ଦରଜା ଖୋଲିବା ପୂର୍ବରୁ ବସନ୍ତବାବୁ ଆଗ ଘରର ସମସ୍ତ ଆଲୋକ ଗୁଡ଼ିକ ଜଳାଇଦେଇ ତଳକୁ ଆସି ସଦର ଦ୍ୱାର ଖୋଲି ଦେଲେ ।

Digitized by PPRACHIN, SOA

ସୁପ୍ତାଟା ଅନ୍ଧକାର ଥିଲେ ସୁଦ୍ଧା ଘରର ଆଲୋକଜ୍ୟୋତି ଆଂଶିକ ବାହାରେ ପଡ଼ିଥିବାରୁ ଦେଖିବାକୁ ପାଇଲେ ସୁପ୍ତାଟା ସମ୍ପୂର୍ଣ୍ଣ ପୋଲିସଙ୍କ ଦ୍ୱାରା ଭର ରହିଛି । ଆଉ ଦରଜା ନିକଟରେ ଦଣ୍ଡାୟମାନ ପ୍ରକାଣ୍ଡ ଦୀର୍ଘଦେହୀ ଜଣେ ଶକ୍ତିଶାଳୀ ବ୍ୟକ୍ତି ।

ବସନ୍ତବାବୁ ତାଙ୍କୁ ଦେଖି ଚହ୍ନିବାକୁ ବାକି ରହିଲା ନାହିଁ । ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଓଡ଼ିଶାର ବିଖ୍ୟାତ ଗୋଇନ୍ଦା ସୁବ୍ରତ ଚୌଧୁରୀ, ପୋଲିସଙ୍କ ମଧ୍ୟେ ସୁଦକ୍ଷ ଓ ପ୍ରସିଦ୍ଧ କର୍ମଚାରୀ ତାଙ୍କ ପଛେ ପଛେ ଆଉ କେତେ ଜଣ ସାଧା ପୋଷାକ ଧାରି ପୋଲିସ ଅଫିସର ଓ ସାର୍ଜେଣ୍ଟ ।

ଏହି ଅନ୍ଧକାର ରଜନୀ ମଧ୍ୟରେ ସୁବ୍ରତ ଚୌଧୁରୀଙ୍କର ଦୁଇ କ୍ଷୁଦ୍ର କିନ୍ତୁ ତୀକ୍ଷ୍ଣ ଚକ୍ଷୁରୁ ଯେପରି ତୀବ୍ର ଅଗ୍ନିକଣା ବୃଷ୍ଟି ହେବାକୁ ଲାଗିଛି ।

ସୁବ୍ରତ ଚୌଧୁରୀ ପ୍ରଥମେ ପ୍ରଶ୍ନକରି ବସିଲେ,—"ଆପଣଙ୍କ ନାଁଟା କ'ଣ ଜାଣି ପାରେକି ??

—"ନିଶ୍ଚୟ ଜାଣିବା ନ ଯାଣିବେ ମୋ ନାଁ, ମୋ ନାଁ ହେଉଛି ବସନ୍ତ କୁମାର ପଟ୍ଟନାୟକ ।"

—"ଆପଣ କ'ଣ କରନ୍ତି ?"

—"କିଛି ନୁହେଁ ।"

—"ତେବେ ?"

—"ଗୋଟାଏ ସ୍ୱାଧୀନ ବ୍ୟବସାୟ ।"

Digitized by PPRACHIN, SOA

—"ସ୍ୱାଧୀନ ବ୍ୟବସାୟ ?"

—"ହଁ ସ୍ୱାଧୀନ ବ୍ୟବସାୟ ବୋଲି ସାହିତ୍ୟ ସେବା ।'

ଓଃ ଆପଣ ତାହାହେଲେ ଲେଖକ ବସନ୍ତକୁମାର ପଟ୍ଟନାୟକ ।

ମୁଖ ମଣ୍ଡଳରେ ହାସ୍ୟ ରେଖାଟିଏ ସୃଷ୍ଟିକରି ବସନ୍ତ ବାବୁ କହିଲେ—"ଆଜ୍ଞା ହଁ ।"

—"ଅଚ୍ଛା ! ବସନ୍ତବାବୁ ! ଆପଣ ଏତେବେଳ ପର୍ଯ୍ୟନ୍ତ କଣ କରୁଥିଲେ ?"

—"ଆଉବା କଣ କରନ୍ତୁ ସୁବ୍ରତବାବୁ ! ଗଳ୍ପଟା ସୃଷ୍ଟି ହେଉଁଥିପାଇଁ ତାହାହିଁ କରୁଥିଲି ।"

—"ତାହାହେଲେ ତେବେ କଣ ତୁମେ ଶୋଇ ପଡ଼ିଥିଲ ?"

—"ହଁ ।"

—"ହଁ ବସନ୍ତବାବୁ ! ଶୋଇବା ପୂର୍ବରୁ ଆପଣ ଜାଣିଥିବେ ଏ ନିଦ୍ରା ତୁମର କାଳ ନିଦ୍ରାରେ ପରିଣତ ହୋଇପାରେ ?"

—"ନାଁ, ସେ ଦିଗକୁ ଏତେଟା ମୁଁ କୌଣସି ଦିନ ଧ୍ୟାନ ଦେଇନି । ଧ୍ୟାନ ଦେବାମଧ୍ୟ କୌଣସି ଦିନ ଦରକାରକୁ ଆସିନି ।"

—"ଏକଥା ଆପଣ ଜାଣନ୍ତି ଦସ୍ୟୁ ନେଳୀ ଗୀତା ଏହି ଆପଣଙ୍କ ବିରାଟ ଅଟ୍ଟାଳିକା ମଧ୍ୟରେ ଆତ୍ମ ଗୋପନ କରିଛି ?"

—"ନାଁ, ନାଁ, ସେ କଥାକୁ ମୁଁ ଆଦୌ ସମର୍ଥନ କରିବିନି କାରଣ ଘରର ଦରଜାଟା ଯେ ମୋର ଭିତରପଟୁ ବନ୍ଦ ଥିଲା, ଏପରି ରୁଦ୍ଧ ଅଟ୍ଟାଳିକା ମଧ୍ୟକୁ ଦସ୍ୟୁ ଅବା ଆସିବ କପରି ?

Digitized by PPRACHIN, SOA

—"ତୁମେ କଣ କହୁଛ ବସନ୍ତ ବାବୁ ?" ଗୀତା କଣ ସଂନ୍ୟାସିନୀ ପରି କାହାରି ସଦର ଦରଜା ଦେଇ ଭିତରକୁ ପଶେ। ସେ ତୁମରି ଏହି ରୁଦ୍ଧ ଅଟ୍ଟାଳିକା ମଧ୍ୟକୁ ପ୍ରବେଶ କରିଛି ଏହି ଲମ୍ବ ବାଉଁଶର ସାହାଯ୍ୟ ନେଇ ।

—"ଏକଥା ଯଦି ଆପଣଙ୍କର କହିବାନୁଯାଇ ଠିକ ହୁଏ, ସୁବ୍ରତ ବାବୁ ତେବେ ସୁଦ୍ଧା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରିବ ସେ ଏଘର ମଧ୍ୟରେ ନାହିଁ ଓ ଆସିନ, ତାଛଡ଼ା ତାର ଧର୍ମପ୍ରତିବାଦ ବିରୁଦ୍ଧରେ ଅଛି । ସେ କେବେହେଲେ ସଦର ଦ୍ୱାର ବ୍ୟତିତ ଅନ୍ୟ ପଥ ଦେଇ ଭିତରକୁ ପ୍ରବେଶ କରେନା, କାରଣ ତାର ନୀତି ନିୟମ ମୁଁ ପୂର୍ବରୁ ବହୁବାର ବହୁ ମୁଖରୁ ଶୁଣିବାକୁ ପାଇଛି ।"

ବସନ୍ତବାବୁଙ୍କର ଏପରି କଥା ଶୁଣି ରୁକ୍ଷ ସ୍ୱରରେ ସୁବ୍ରତବାବୁ କହିଲେ—"ତୁମେ କଣ ତାହାହେଲେ ଦସ୍ୟୁ ନାୟିକା ଗୀତାକୁ ଆପଣଙ୍କ ଘରେ ଆଶ୍ରୟ ଦେବାକୁ ଚାହିଁ ବସନ୍ତବାବୁ ??"

—"ଆପଣ ଏପରି ଅମୂଳକ ପ୍ରଶ୍ନ ବାଢ଼ୁଛନ୍ତି କାହିଁକି ସୁବ୍ରତ ବାବୁ ?"

ଆପଣଙ୍କ ବ୍ୟକ୍ତିଗତ ଭାଷା ଉପରେ ।"

—"ତୁମେ ତାହାହେଲେ କଣ ଯୋରକରି ମୋତେ କହିବାକୁ କହୁଛ । ଗୀତା ମୋ ଦ୍ୱାରା ଏଠାରେ ଆତ୍ମଗୋପନ କରିଛି ଓ ମୁଁ ତାକୁ ସମର୍ଥନ କରେ ।

ସୁବ୍ରତ ବାବୁ କିଛି ସମୟ ନୀରବ ରହି କହିଲେ—"ଆଚ୍ଛା ବସନ୍ତ ବାବୁ ଆପଣ ଥରେ ଆମ୍ଭମାନଙ୍କୁ ଅନୁମତି ଦେବେକି, ଆପଣଙ୍କର ଘରଗୁଡ଼ି ପରୀକ୍ଷା କରି ଦେଖିବାପାଇଁ ?

Digitized by PPRACHIN, SOA

—"ହଁ ମୋର ସେଥିରେ କୌଣସି ଆପତ୍ତି ନାହିଁ । ତେବେ ମୋର ସ୍ପଷ୍ଟ ଧାରଣା ହୁଏତ, ଖୋଜବାଟା ଆପଣମାନଙ୍କର ବୃଥା ହେବ । ଗୀତା ଯଦି ପ୍ରକୃତ ପକ୍ଷେ ମୋର ଏହି ବିରାଟ ଅଟ୍ଟାଳିକା ମଧ୍ୟରେ ଆତ୍ମ ଗୋପନ କରିଥାଏ, ତାହାହେଲେ କଣ ସେ ଏତେ ବେଳଯାଏ ତୁମ ହାତରେ ଧରା ପଡ଼ିବାର ଆଶା ନେଇ ଅପେକ୍ଷା କରିଥିବ ?"

ଏହାଶୁଣି ସୁବ୍ରତବାବୁ ଦୃଢ଼କଣ୍ଠେ କହି ଉଠିଲେ—"ଅପେକ୍ଷା କରିବାପାଇଁ ସେ ବାଧ୍ୟ । କାରଣ ଆଉ ତାର ପଳାଇଯିବାର ପଥ ନାହିଁ । ତା ପାଇଁ ସମସ୍ତ ପଥ ରୁଦ୍ଧ । ତୁମର ଏହି ଅଟ୍ଟାଳିକାର ପ୍ରତ୍ୟେକ ପାର୍ଶ୍ୱରେ ପୋଲିସ ବାହିନୀ ମୁତୟନ ।

ଗୀତାକି ଆଉ ଡେଣା ଲଗା ପକ୍ଷୀ ହୋଇଛି, ଉଡ଼ିଯିବ ? ସେ ନିଶ୍ଚୟ ଏହାରି ମଧ୍ୟରେ ଅଛି ।

ଏପରି କଥୋପ କଥନକୁ କୌଣସି ଆଶାନ୍ୱିତ ଉତ୍ତର ନଦେଇ ଅଗତ୍ୟା ବାଧ୍ୟ ହେଲେ ସୁବ୍ରତବାବୁଙ୍କୁ ଅନୁମତି ଦେବାକୁ ତାଙ୍କର ଅଟ୍ଟାଳିକାଟିକୁ ପରୀକ୍ଷା କରିବା ନିମନ୍ତେ ।

ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତାଲା ଗୁଡ଼ିକ ତନ୍ନ ତନ୍ନ କରି ପରୀକ୍ଷା କରି ସାରିବାପରେ ଶେଷ ମୁହୂର୍ତ୍ତରେ ପୋଲିସ ଫୌଜ ପ୍ରବେଶ କଲେ ବସନ୍ତବାବୁଙ୍କ ଶୟନ କକ୍ଷକୁ ।

ଉକ୍ତ ଗୃହ ମଧ୍ୟକୁ ପଶିପାଇଁ ସୁବ୍ରତବାବୁ ଜିଜ୍ଞାସୁ ନୟନରେ ବସନ୍ତବାବୁଙ୍କ ଆଡ଼କୁ ଚାହିଁ ପ୍ରଶ୍ନ କଲେ—"ଆପଣ କ'ଣ ଏହି ଘର ମଧ୍ୟରେ ନିଦ୍ରା ଯାଇଥିଲେ ?"

Digitized by PPRACHIN, SOA

—"ଆଜ୍ଞା ହଁ ।" ଉତ୍ତର ଦେଲେ ବସନ୍ତବାବୁ ।

—"ତେବେ ଶୁଣନ୍ତୁ ବସନ୍ତବାବୁ ଆପଣଙ୍କ ଅଟ୍ଟାଳିକା ଟିକୁ

ପରୀକ୍ଷାକରି ଯାହା ଦେଖିଲୁ ଏପରି ଗୋଟାଏ ପଥନାହିଁ ଯାହାଦ୍ୱାରାକି ଗୋଟିଏ ପିମ୍ପୁଡ଼ି ଚଳିପିବ, ତେଣୁ ମୋର ସ୍ପଷ୍ଟ ଧାରଣା ହୁଏ ନିଷ୍ଟୟ ଦସ୍ୟୁନେତ୍ରୀ ଗୀତା ଏହି ରୁମ୍ ମଧରେ ଆତ୍ମ ଗୋପନ କରିଛି ।

ଦ୍ୱାର ଦେଶରେ ଦୁଇଜଣ ପୋଲିସ ଅଫିସର ଦଣ୍ଡାୟମାନ ଥିଲେ । ସୁବ୍ରତବାବୁଙ୍କ ମୁହଁରୁ ଏହି କଥା ପଦକ ଶୁଣି ନିଜ ନିଜର ରିଭଲବାର ଗୁଡ଼ି ପ୍ରସ୍ତୁତ ରଖି ଠିଆ ହୋଇ ରହିଲେ ।

ସୁବ୍ରତବାବୁ ଟିକିଏ ବସନ୍ତବାବୁଙ୍କ ଆଡ଼େ ଆଖି ଯୋଡ଼ାକି ବୁଲାଇ ଦେଇ କହିଲେ—

—"ଆପଣ ଏପରି ଉଦାସିନ ପରି ଦେଖା ଯାଉଛନ୍ତି କହିଁକି ?" ମନରେ ଯେପରି ଆପଣଙ୍କର ଖୁବ୍ ଦୁଶ୍ଚିନ୍ତା ପୂରି ରହିଥିଲା ପରି ମନେ ହୁଏ ?"

ବସନ୍ତବାବୁ କଞ୍ଚିତ ହାସ୍ୟର ରେଖାଟିଏ ମୁଖ ମଣ୍ଡଳରେ ଦେଖାଇ କହିଲେ "ସାର ! ରାତ୍ରୀ ତିନଟା, ଚାରିଟା ସମୟରେ ପୋଲିସଙ୍କର ଏପରି ଜୁଲୁମ କାହାକୁ ଭଲ ଲାଗେ କହିଲ ଦେଖି ?"

ଏପରି ଉତ୍ତରଟିଏ ସୁବ୍ରତବାବୁ ଯେତେବେଳେ

ବସନ୍ତବାବୁଙ୍କଠାରୁ ଶୁଣିବାକୁ ପାଇଛନ୍ତି ତା ଉପରେ ଆଉ ବିଶେଷ ବାକ୍ୟବ୍ୟୟ ନକରି ପଲଙ୍କ ଆଡ଼କୁ ଆଗେଇ ଗଲେ । ଆଉମଧ୍ୟ ସେଇଠାରେ ଠିଆ ହୋଇଗଲେ । ଆଉ କେଇଜଣ ସହକାରୀ ଓ

Digitized by PPRACHIN, SOA

ସାହାଯ୍ୟକାରୀ ଘରର ପ୍ରତ୍ୟେକ ସ୍ଥାନ ଗୁଡ଼ି ତନ୍ନ ତନ୍ନ କରି ଖୋଜିବାକୁ ଲଗିପଡ଼ିଲେ ।

କେତେକ ସମୟ କଟିଯିବାପରେ, ସୁବ୍ରତବାବୁ ସୁତୀକ୍ଷ୍ଣ ଦୃଷ୍ଟିରେ ବସନ୍ତବାବୁଙ୍କ ଆଡ଼କୁ ଚାହିଁ ପ୍ରଶ୍ନକଲେ—"ବସନ୍ତବାବୁ ତୁମେ କଣ ଚାହେଁଲେ ଆମ୍ଭମାନଙ୍କ ସହିତ ଛଳନା କରୁଛ ? ଆପଣ କ'ଣ ସତ୍ୟଚାହିଁ ଶୋଇ ରହିଥିଲେ ?"

—"ଦେଖନ୍ତୁ ସୁବ୍ରତବାବୁ, ମୁଁ କିନ୍ତୁ ଆପଣଙ୍କର ଏ ମୂଲ୍ୟହୀନ ପ୍ରଶ୍ନର ଉତ୍ତର ଦେବାକୁ ଭାଷା ଖୋଜି ପାଉନି । ଆପଣ ଯାହା ମୋତେ କହିବାପାଇଁ ଚାହୁଁଛନ୍ତି ପରିଷ୍କାର ଓ ସ୍ପଷ୍ଟଭାବେ କୁହନ୍ତୁ ?"

—"ସେ ନେଇ ମୋତେ କ୍ଷମା କରିବେ, ମିଷ୍ଟର ବସନ୍ତବାବୁ ! ମୁଁ ପ୍ରକୃତ ଆପଣଙ୍କୁ ଅପମାନିତ କରିବାକୁ ଚାହୁଁନି । ମୁଁ ମୋର କର୍ତ୍ତବ୍ୟ ଦୃଷ୍ଟିରୁ ଯେତେଟା ସମ୍ଭବ ସେତେଟା ପ୍ରଶ୍ନ ବାଛି ବସିଛି । କାରଣ ଆପଣ ନିଜକୁ ନିଜେ ଟିକିଏ ବିଛଣା ଆଡ଼କୁ ଦୃଷ୍ଟିକଲେ ଜାଣିପାରିବେ । ଯେଉଁ ବିଛଣା ଉପରେ ଥରେ ବସି ପୁଣି ଉଠି ଆସିଲେ ବିଛଣା ପୂର୍ବାବସ୍ଥା ରହେନା, ତା ଉପରେ ଯଦି ଆପଣ ଏତେବଡ଼ ଭାରି ଦେହଟାକୁ ସାଇତି ଦେଇଥିଲେ ଟିକିଏ ହେଲେ ଏ ବିଛଣାଟା ଉପରେ ଦାଗଟିଏ ବି ପଡ଼ିଲା ନାହିଁ ?"

ଏଣୁ ମୋର ସମ୍ପୂର୍ଣ୍ଣ ଧାରଣା, ଆପଣଙ୍କର ଯୁକ୍ତି ନିହାତି ଅଗ୍ରହଣୀୟ ।

ଏହାଶୁଣି ବସନ୍ତବାବୁ କହିଲେ—"ହଁ ତା ଠିକ୍ ଆପଣ ଯାହା କହୁଛନ୍ତି ତା ପ୍ରକୃତ ପକ୍ଷେ ଗ୍ରହଣ ଯୋଗ୍ୟ ··।·· କିନ୍ତୁ······

Digitized by PPRACHIN, SOA

—"କିନ୍ତୁ ପୁଣି କଣ ?"

—"ମୁଁ ଯେ ଏଇ ପଲଙ୍କ ଉପରେ ଶୋଇ ରହିଥିଲି ଏକଥା ଆପଣଙ୍କୁ କହିଲା କିଏ ?

ଆପଣଙ୍କଠାରୁ ଯାହା ଶୁଣିବାକୁ ପାଇଛୁ ।

—"ତାହାହେଲେ ଆପଣ ଯାହା ଶୁଣିଛନ୍ତି ଠିକ୍ କିନ୍ତୁ ମୁଁ ଏ ବିଛଣା ଉପରେ ଶୋଇ ନଥିଲି, ଲେଖୁ ଲେଖୁ ଯେତେବେଳେ ମୋର ହାତଟା ଅବଶ ହୋଇ ପଡ଼ିଲା ସେତିକିବେଳେ ଏହି ଆରାମ ଚୌକିଟା ଉପରେ କ୍ଷଣକ ପାଇଁ ଟିକିଏ ବିଶ୍ରାମ ନେଇଥିଲି ।

ଏହାଶୁଣି ସୁବ୍ରତବାବୁ ଟିକିଏ ରହିଯାଇ କହିଲେ—"ତାହାହେଲେ ମୋର ଧାରଣା ଅମୂଳକ ।

ପୋଲିସଙ୍କର ଅନୁସନ୍ଧାନ ବୃଥାହେଲା । ଏତେ ତନ୍ନ ତନ୍ନ କରି ଖୋଜି ବୁଲି ଗୀତାର କୌଣସି ସନ୍ଧାନ ମିଳିଲା ନାହିଁ । ସେମାନେ ନିଜର ଗତିପଥ ବଦଳାଇବା ପାଇଁ ବାଧ୍ୟ ହେଲେ ।

ଏହା ଦେଖି ଲେଖକ ବସନ୍ତ ପଟ୍ଟନାୟକ ଶାନ୍ତରେ ଗୋଟାଏ ନିଶ୍ବାସ ତ୍ୟାଗ କଲେ । ଆଉ ମଧ କହିଲେ—"ଦେଖିଲେ ମିଷ୍ଟର ସୁବ୍ରତବାବୁ ମୋ କଥା କେତେ ଦୂର ବିଶ୍ବାସ ଯୋଗ୍ୟ । ଆପଣ ଯାହା ଅକାରଣେ ମୋର ଶାନ୍ତ ନିଦ୍ରାରେ ବ୍ୟାଘାତ କଲେ ।

ସୁବ୍ରତବାବୁ ହତାଶିଆ କଣ୍ଠେ କହି ଉଠିଲେ ଆଶ୍ଚର୍ଯ୍ୟ ଗୀତା କଣ କୌଣସି ଯାଦୁମନ୍ତ୍ରରେ ଦୀକ୍ଷିତ ? ହାତ ମୁଠାକୁ ଆସି କ୍ଷଣକର ମଧ୍ୟରେ କର୍ପୂର ପରି ଉଡ଼ିଗଲା ?"

Digitized by PPRACHIN, SOA

ବସନ୍ତବାବୁଙ୍କ ରୁମ୍‌ରେ ଥିବା ଦଆଲଘଣ୍ଟାଟା ଏକ ଦୁଇ ତିନି କରି ଗୁରିଟାବାଜି ଜମାନ୍ତପ୍ରେ ପୁଣି ଆଗେଇ ଗୁଲିଲା ।

ବସନ୍ତବାବୁ, ସୁବ୍ରତବାବୁ ଆଡ଼କୁ ଗୁହିଁ ପ୍ରଶ୍ନକଲେ, ଆପଣ ମାନେ ଯଦି ଏହିପରି ରାତ୍ରି ଗୁରିଟାରେ ଆସି ଆମ୍ଭମାନଙ୍କୁ ଦର୍ଶନ କରନ୍ତି ତାହାହେଲେ ଏ କର୍ମମୟ ଜୀବନରେ ଟିକିଏ ହେଲେ ଶାନ୍ତି ମିଳିବନି ।

ସୁବ୍ରତବାବୁ ତାଙ୍କ କଥା ଉପରେ ଉତ୍ତର ଦେଇ କହିଲେ —"ହଁ ତାହ ମଧ୍ୟ ସତକଥା । ଏଇବାର ଆମ୍ଭେମାନେ ଗୁଲି ଯାଉଛୁ ଆପଣଙ୍କୁ ମଧ୍ୟ ଅନେକ କଷ୍ଟ ଦେଲୁଣି, ସେଇଥିପାଇଁ ଆମକୁ କ୍ଷମା କରିବେ ମିଷ୍ଟର ?" କଣ କରିବୁ । ମଣିଷ ସମାଜକୁ କଷ୍ଟ ଦେବା ଟାହିଁ ଆମ୍ଭମାନଙ୍କର ଜନ୍ମ । ଏବଂ ଆମ୍ଭମାନଙ୍କର କର୍ତ୍ତବ୍ୟ । ଆଚ୍ଛା ତେବେ ତାହାହେଲେ ଆମ୍ଭେମାନେ ଗୁଲିଲୁ । ପୁନଶ୍ଚ କେବେ ଅବା କେଉଁ ମୁହୂର୍ତ୍ତରେ ହୁଏତ ତୁମ ସାଙ୍ଗରେ ସାକ୍ଷାତ ହେବ । ଆଚ୍ଛା ନମସ୍କାର ।"

ପ୍ରତି ନମସ୍କାର ମଧ୍ୟ ଜଣାଇଲେ ଲେଖକ ବସନ୍ତ କୁମାର ଚକ୍ରନାୟକ ।

ପୋଲିସ ସମୁଦ୍ର ଅଦୃଶ୍ୟ ହୋଇଗଲେ । ବସନ୍ତ କୁମାର ଖଣ୍ଡିଏ ଚୟାର ଟାଣି ଆଣି ନଥକରି ବସି ପଡ଼ିଲେ । ଆଉମଧ୍ୟ ମନେ ମନେ କହି ଉଠିଲେ—"ଯାହା ହେଉ ଭଗବାନଙ୍କର କୃପା ଓ ମା ଶାରଳାଙ୍କ କରୁଣାବଳେ କେଡ଼େ ବଡ଼ ବିପଦଟାଏ କଟିଗଲା । ଯଦି ସୀପ୍ରାକୁ ଏହି ଅଟ୍ଟାଳିକା ମଧ୍ୟରୁ ପାଇ ଥାଆନ୍ତେ, ତାହେଲେ ଆଇନଗତ ଭାବେ ସେ କଣ ଆଉ ଅଦାଲତକୁ ଯାଇ ନଥାନ୍ତେ ।

Digitized by PPRACHIN, SOA

ବାଧହୋଇ ଯିବାକୁ ପଡ଼ୁଥାନ୍ତା । କାରଣ ସନ୍ଧିଧାନ ସମସ୍ତଙ୍କ ପାଇ ଗୋଟିଏ ।

ହଁ, ବସନ୍ତବାବୁ ସନ୍ଧିଧାନହିଁ ସମସ୍ତଙ୍କପାଇଁ ଗୋଟିଏ । କିନ୍ତୁ ଏକଥା ମୁଁ ଦୃଢ଼କଣ୍ଠେ ଘୋଷଣା କରିପାରେ ମୋତେ ଧରିବାପାଇଁ ଏତେବଡ଼ ଶକ୍ତି ସମ୍ପନ୍ନ ଆମର ଏହି ଓଡ଼ିଶାର ପୋଲିସ ବାହିନୀଙ୍କର ହୋଇ ନାହିଁ । ଆଉ ଧରିବା ପୂର୍ବରୁ ଯେ ମୁଁ ସ୍ୱଦେହରେ ତାଙ୍କ ହାତ ମୁଠାକୁ ଆସିବି, ତା ମଧ୍ୟ କଳ୍ପନାତୀତ । କିନ୍ତୁ, ଯାହାହେଉ ଭଗବାନଙ୍କର ଆମ ଉପରେ ଯେ କୃପାର ଦୃଷ୍ଟି ନାହିଁ କିଏ କହିବ ।

ପଛକୁ ଫେରି ଚାହିଁଲେ ମିଷ୍ଟର ବସନ୍ତ ପଟ୍ଟନାୟକ । ତାଙ୍କ ନିକଟରେ କେହି ନାହାନ୍ତି, ତାହାହେଲେ ଏକଥାଗୁଡ଼ିକ ଆସିଲାବା କେଉଁଠୁ ।

ପୁଣି ନୂଆ ଭାବନା ଆସି ତାଙ୍କ ହାଲୁକା ମସ୍ତିଷ୍କଟା ଭରି କରି ଦେଲା ।

ସୀପ୍ରା— ତାର ବଂଶୀଧରର ବାନ୍ଧବୀ, ଗୋଟିଏ ନିପଟ ଗ୍ରାମ୍ୟ ପଲ୍ଲିଗ୍ରାମରେ ଏ ଦୁହିଁଙ୍କର ଜନ୍ମ । ଏକାସାଙ୍ଗରେ ସେମାନଙ୍କର ଖେଳାଧୂଳାର ଧୂଳିଧର ମାଟିରେ ମିଶିଛି । ବାଲ୍ୟ ସ୍କୁଲରେ ଦୁଇ ଜଣ ଛାତ୍ର-ଛାତ୍ରୀ, ଯୌବନର ପଦାର୍ପଣରେ କଲେଜ ଜୀବନ ମଧ୍ୟ ଶାନ୍ତ ଓ ସୁଖମୟ ହୋଇଥିଲା । ଆଉ ତା ସହିତ ମଧ୍ୟ ସମ୍ମାନରେ ଡ଼ିଗ୍ରୀ ନେଇ ଉତ୍ତୀର୍ଣ୍ଣ ହୋଇଥିଲେ ।

ସୀପ୍ରା, ପ୍ରକୃତ ସେ ଜଣେ ଧନୀର କନ୍ୟା । ହେଲେ ସେ କିନ୍ତୁ ସବୁଦିନ ପାଇଁ ଗରୀବ ଦୁଃଖରେ ମ୍ରିୟମାଣ ।

Digitized by PPRACHIN, SOA

ସୀପ୍ରାର ମିଳାମିଶା ଓ ବନ୍ଧୁତା ଖାଲି ଗଣ୍ଡବଙ୍କ ସଙ୍ଗେ, ଏବଂ ସବୁ ସମୟରେ ତାର ମୂଳମନ୍ତ୍ର ଥିଲି । ଗଣ୍ଡବଙ୍କୁ ସାହାଯ୍ୟ କରିବା ଯେଉଁଠି ଅଭାବ ଅନାଟନ ଓ ହା ହା କାର ଯେଉଁଠି ହୁଏ ସୀପ୍ରାର ଆବିର୍ଭାବ । ଆଉ ଯେଉଁଠି ବନ୍ୟା ଝଡ଼, ବା ଭୂମିକମ୍ପ କମ୍ବା ଦୈବଦୁର୍ବିପାକ ହୋଇଛି, ଚୁମ୍ବକପରି ସୀପ୍ରା ଟାଣି ହୋଇଯିବ ସେଇଠାକୁ । କେତେ ଯେ ତାର ଗୋପନରେ ଦାନଥିଲି ସେ କଥା ବସନ୍ତବାବୁ ମଧ୍ୟ କୌଣସି ଦିନ ଶୁଣିବାକୁ ପାଇନଥିଲେ ।

ଏହି ସୀପ୍ରା, ହଠାତ୍ ଦିନେ କେଉଁ ଆଡ଼େ ଯେ ଅଦୃଶ୍ୟ ହୋଇ ଗଲି, ବାପା ତାଙ୍କର ଯେତେ ଖୋଜିଲେ ଏବଂ କେତେ ଅର୍ଥ ବ୍ୟୟ କରିଲେ, ସେଥିରେ ବରଷ ବରଷ କଟିଯିବାକୁ ବସିଲି ହେଲେ ତାର କୌଣସି ସନ୍ଧାନ ମିଳିଲି ନାହିଁ । ଏଣୁ ସମସ୍ତେ ଶେଷ ସିଦ୍ଧାନ୍ତରେ ଉପନୀତ ହେଲେ ସୀପ୍ରା ଆଉ ଏହି ଇହଜଗତରେ ନାହିଁ । କିନ୍ତୁ ଏସବୁ କଥାକୁ ବସନ୍ତବାବୁ କୌଣସି ଦିନ ବିଶ୍ୱାସ କଲେ ନାହିଁ । ସେ ଜାଣନ୍ତି ସୀପ୍ରା ହେଉଛି ଗଣ୍ଡବଙ୍କ ବନ୍ଧୁ । ଗଣ୍ଡବପାଇଁ ସେ ମିତ୍ରୁ ପ୍ରମାଣ । ତେଣୁ ସେ ଏତେ ଶୀଘ୍ର ମରି ପାରେନା, ଯଦି ସେ ସବୁ ଦିନପାଇଁ ପର ଜଗତକୁ ଯିବାପାଇଁ ପ୍ରସ୍ତୁତ ହୋଇ ପଡ଼ିଥିଲି । ତାହେଲେ ସେ, ବା କାହିଁକି ଲିଖିତ ଆକାରରେ ଜଣାଇଗଲି କାହିଁକି ବସନ୍ତ ବାବୁ ! ମୁଁ ତୁମ ଆଖି ଆଗରୁ ବହୁଦୂରକୁ ଗୃଲି ଯାଉଛି । ପୁଣି ସାକ୍ଷାତ ହେବ । ହେଲେ ଟିକିଏ ସମୟ ସାପେକ୍ଷ,

ସୁଦୀର୍ଘ ଦଶଟି ବରଷ ବିତିଯିବାପରେ ପୁନରାୟ ସେ ଯେତେ ବେଳେ ଫେରି ଆସେ, ସେତେବେଳେ ସେ ଆଉ ସୀପ୍ରା ହୋଇ ଫେରି ଆସିନି, ଆଉ ଫେରି ଆସିଛି ଦସ୍ୟୁନେତ୍ରୀ ଗୀତା ହୋଇ ।

Digitized by PPRACHIN, SOA

ଆଜିବି ଅନନ୍ତ ବାବୁଙ୍କ ମନରେ ଅଛି । ସେ ଯେତେବେଳେ ସୀପ୍ରାକୁ ଏହି ପ୍ରଶ୍ନର ଯଥାର୍ଥ ଉତ୍ତର ପୁଛିଁଥିଲେ । ସେ ଯାହା କଳ୍ପନା ପର୍ଯ୍ୟନ୍ତ କରି ନଥିଲେ ତାଠାରୁ ସେହି ଉତ୍ତର ସେ ଶୁଣିବାକୁ ପାଇଥିଲେ । ସୀପ୍ରା ଆଉ ସୀପ୍ରା ହୋଇ ନାହିଁ । ସେ ଏଇନେ ବିଖ୍ୟାତ ଦସ୍ୟୁ ଦଳର ଦଳନେତ୍ରୀ ଗୀତା ନାମରେ ପରିଚିତା ।

ସୀପ୍ରା ଯେତେବେଳେ ପ୍ରଥମେ ବସନ୍ତବାବୁଙ୍କୁ ତାର ଦସ୍ୟୁ ବୃତ୍ତି କରିବାର ମୂଳଉଦ୍ଦେଶ୍ୟ ଜଣାଇଦେଲା ସେତେବେଳେ ସେ ମଧ୍ୟ ତାଙ୍କର ମତ ପରିବର୍ତ୍ତନ କଲେନି । ହେଲେ ମାନି ନେବାକୁ ବାଧ୍ୟ ହେଲେ । ଉକାପ୍ତ କଲେ ଯେ ଅସାଧୁ ବ୍ୟବହାର ହୁଏ ତା ନୁହେଁ ।

ପ୍ରକୃତ ବନ୍ଧୁ ଭୁଲିବା ତାଙ୍କୁ ହୁଏତ ଅସମ୍ଭବ । ହେଲେସୁଦ୍ଧା ଦସ୍ୟୁ ସେ, କିନ୍ତୁ ତାଙ୍କୁ ତ୍ୟାଗ କରି ପାରିବେନି ।

ଏହି ଅଂଜ ସେ ସୀପ୍ରାକୁ ବଞ୍ଚାଇବାର ଉଦ୍ଦେଶ୍ୟ ନେଇ କେତେ ଯେ ମିଛ କହିଛନ୍ତି, ମିଛ କହିବାକୁହିଁ କଣ ବା ଉପାୟ ଥିଲା । ନହେଲେ ·······। କ୍ଷେତ୍ର ବିଶେଷ ନେଇ ସତକୁ ମିଛ ଓ ମିଛକୁ ସତ କହିବାକୁ ମଣିଷ ବାଧ୍ୟ ହୁଏ ।

ବସନ୍ତବାବୁ ଏହି ସବୁକଥା ଭାବୁଥିବା ବେଳେ ସେହି ଘର ମଧ୍ୟକୁ ପ୍ରବେଶ କଲା ଧୀର ।

ଧୀର କହିବାକୁ ଗଲେ ଧୀରେନ । ଧୀରେନର ପୂର୍ବ ଇତିହାସ ଖୋଳି ବସିଲେ ଓ ସେ କିସ ଜାଣିବାକୁ ପାଇଲେ ତାଙ୍କୁଯେ କଚେରୀରେ ଆଶ୍ରୟ ନେବାକୁ ନହେବ ତା ନୁହେଁ ।

Digitized by PPRACHIN, SOA

ପୂର୍ବରୁ ଧୀରେନ ଥିଲା ଗୋଟିଏ ବିରାଟ ଦସ୍ୟୁ ଦଳର ନାୟକ । ଆଉ ସେହି ସମୟରେ ମଧ୍ୟ ଦୁଇ ଚାରି ଥର ଜେଲ ଯାଇଛି । ଜେଲରୁ ମୁକ୍ତି ପାଇବା ପରେ ଶେଷରେ ଆସି ସୀପ୍ରାର ପିତା ଜମିଦାର ଅମରନାଥ ବାବୁଙ୍କ ଘରେ ଆଶ୍ରୟ ନିଏ । ଅମର-ନାଥ ବାବୁଙ୍କ ଦେହତ୍ୟାଗ ପରେ ସୀପ୍ରାର ଅଧୀନରେ ମଧ୍ୟ କେତେଦିନ ଚାକିରି କରେ । ତାପରେ ସୀପ୍ରା ହୋଇଯାଏ ନିରୁଦ୍ଦେଶ । ସେଠାରୁ ଧୀରେନ ଆସି ଶେଷରେ ଆଶ୍ରୟ ନେଲା ଲେଖକ ବସନ୍ତ ପଟ୍ଟନାୟକଙ୍କ କଟକସ୍ଥ ବସାରେ, ଭୃତ୍ୟ ରୂପେ ଆବଦ୍ଧ ରହିଲା ସେ । ପୂର୍ବର କ୍ରିୟା-କଳାପ ରଥଚକ୍ରପରେ ଘୂରିଗଲା । ମଣିଷ ସମାଜରେ ପୁଣି ଠିଆ ହେବାକୁ ସାହାସ ବାନ୍ଧିଲା ।

ଧୀରେନର ବୟସ ବର୍ତ୍ତମାନ ଚାଳିଶରୁ ବର୍ଷେ ଦୁଇବର୍ଷ କିମ୍ବା ବେଶୀ ହୋଇପାରେ; କିନ୍ତୁ ତାକୁ ଦେଖିଲେ ମନେହୁଏ, ସତେ ସେ ଯେପରି ଗୋଟିଏ ପହଲମାନ, ଗୁଣ୍ଡା । ଚେହେରା ମଧ୍ୟ ସେହିପରି । ମୋଟା ମୋଟା ଲମ୍ବ ଲମ୍ବ ହାତ, ପ୍ରଶସ୍ତ ବକ୍ଷ, ଦଶାନନକାୟ ଶରୀର । ରକ୍ତାପ୍ଲୁତ ଆଖି, ଆଉ ଦେହର ରଙ୍ଗଟା ସମ୍ପୂର୍ଣ୍ଣ କଳା ।

ବସନ୍ତବାବୁ ଧୀରେନକୁ ଲକ୍ଷ୍ୟ କରି କହିଲେ – ଯାହାହେଉ ଆମର ଗୋଟିଏ ମସ୍ତବଡ଼ ବିପଦ କଟିଗଲା ।

ଏହା ଶୁଣି ଧୀରେନ ବଡ଼ ବଡ଼ କେଇଟା ଦାନ୍ତ ଆଗକୁ ବାହାର କରି ହସି ହସି କହିଲା—"କ'ଣ କହୁଛନ୍ତି ଶ୍ରେଷ୍ଠ ବାବୁ ! ଏହି ସୀପ୍ରା ଅପାଙ୍କର ବିଦ୍ରୋହୀ ମାନଙ୍କ କଥା । ହଁ ସେମାନେ ଚାଲି ଯାଇଛନ୍ତି ।"

—"ତୁ ସଦର ଦ୍ୱାର ବନ୍ଦକରି ଆସିଛୁ ତ ?"

Digitized by PPRACHIN, SOA

—"ହଁ, ଆଜ୍ଞା !

—"ତା ହେଲେ ତୁ ଆଜକାର ସମସ୍ତ ଘଟଣା ଦେଖିବାକୁ ଓ ଶୁଣିବାକୁ ପାଇଛୁ ?"

—"ହଁ, ଆଜ୍ଞା ଆଦ୍ୟରୁ ପ୍ରାନ୍ତଯାଏ ସବୁ ମୋ ଆଖି ଆଗରେ ।'

—"ତୁ କ'ଣ ତାହାହେଲେ ସୀପ୍ରାକୁ ଦେଖିଛୁ ?"

—"ଖାଲି ଯେ ଦେଖିଛୁ ତା' ନୁହେଁ ! ଅପାଙ୍କୁ ବ ଅନେକଟା ସାହାଯ୍ୟ କରିଛୁ ।"

—"ତୁ ପୁଣି କ ସାହାଯ୍ୟ କଲୁ ?"

—"ସେପରି ଯେ ବିଶେଷ ସାହାଯ୍ୟ କଲି, ତା ନୁହେଁ, କେବଳ ମାତ୍ର ସେ ବନ ବଜାରରୁ ଆସିଲ ବେଳେ ସେଠୁ ଋବଟ, ପାଇପ୍‌ଟା କଣି ଆଣିଥିଲେ, ସେଇଟିକୁ ଅପା ମୋଠାରୁ ମାଗି ନେଇଗଲେ ।"

—"ସେ ପାଇପ୍‌ଟା ଅବା, ତା'ର, କ ଦରକାରରେ ଲଗି ପାରିବ ?"

—"ସେ କଥା ଅବଶ୍ୟ ମୁଁ ଜାଣେନା ! ମୋଠେ ଅବଶ୍ୟ ସେ ଖୁବ୍ ବ୍ୟସ୍ତବ୍ୟସ୍ତ ଭାବରେ ମାଗିନେଲେ ! ମୋର ତାଙ୍କ କଥା ଶୁଣି ମନେ ହେଉଥିଲ୍ ପାଇପ୍‌ଟା ଯେପରି ତାଙ୍କର ସେହି ମୁହୂର୍ତ୍ତରେ ଦରକାର ହେଉଥିଲ ।"

"ସୀପ୍ରାର ସମସ୍ତ କଥା ଯେପରି ଅଦ୍ଭୁତ ଧରଣର । ଏପାଖରେ ପୋଲିସ ଆସି ତାକୁ ଗ୍ରେପ୍ତାର କରିବାପାଇଁ ଦ୍ୱାରଦେଶରେ

Digitized by PPRACHIN, SOA

ଉପସ୍ଥିତ ନହେଲେଣି, ଆଉ ସେ ସେହି ସମୟରେ ଘର ମଧ୍ୟରେ ରହି ଖୋଜୁଛୁ ରବର ପାଇପ । ଧରା ପଡ଼ିଲେ କେଉଁ ଜଳାପାଣି ପାର, ନଚେତ୍ ହେବ ଦ୍ୱୀପାନ୍ତର । ଆଜ୍ଞା ଧରେନ୍ ! ଆଜ୍ଞା, ରବର ପାଇପ୍‌ଟା ନେଇ କୁଆଡ଼କୁ ଗଲ ?”

“ସେ ଏହି ଆମ ଛାତ ଉପରକୁ ଖୁବ୍ ଦ୍ରୁତଗତିରେ ଦୌଡ଼ିଗଲେ ।”

—“କିନ୍ତୁ ସେ ସେ ଛାତ ଉପରେ ନାହିଁ; ଅନ୍ତର୍ଦ୍ଧାନ ହୋଇ-ଯାଉଛି; ଏଇଟା ହିଁ ଭୟର କଥା ।”

—“ଆପଣଙ୍କୁ କଏ କହିଲ ଯୀପ୍ରା ପଳାଇ ଯାଉଛି ମୁଁ ଯେ ତୁମ ସମ୍ମୁଖରେ ସ୍ୱଦେହରେ ଦଣ୍ଡାୟମାନ ।”

ହସ ହସ ମୁଖରେ ସୀପ୍ରା ବସନ୍ତବାବୁଙ୍କ ଦ୍ୱାରବନ୍ଧ ଉପରେ ହାତଦେଇ ଠିଆ ହୋଇଛନ୍ତି ।

ଏହା ଦେଖି ବସନ୍ତବାବୁ ସୀପ୍ରା ନିକଟକୁ ଉଠିଯାଇ କହିଲେ —“ତୁ କ’ଣ ତା’ହେଲେ ଏ ଘର ମଧ୍ୟରେ ସତେ ଲୁଚି ରହିଥିଲୁ ?”

—“ହଁ ।”

—“ଆରେ ଏ କ’ଣ ସୀପ୍ରା ! ତୋର ସର୍ବାଙ୍ଗଟା ପାଣିରେ ଭେଦ ରହିଛୁ ! ମୁଣ୍ଡଦେଇ ପାଣି ଗଡ଼ୁଛି !”

—“ମୁଁ ଯେ ଏତେ ସମୟ ପାଣିରେ ବୁଡ଼ି ରହିଥିଲି ।”

—‘ପାଣି ପୁଣି ଆସିଲା କୁଆଡୁ ? ଏ କ ଆଶ୍ଚର୍ଯ୍ୟ କଥା ତୋ ମୁଖରୁ ଶୁଣୁଛୁ !”

Digitized by PPRACHIN, SOA

ମୁଁ ତ ତୋ କଥା କିଛି ବୁଝିପାରୁ ନାହିଁ ସୀପ୍ରା !"

—"ଜାଣନ୍ତୁନା ବସନ୍ତବାବୁ, ଭୀମ ଆଖିକୁ ଫାଙ୍କି ଦେବାର ଉଦ୍ଦେଶ୍ୟ ନେଇ ଯେପରି ଦୁର୍ଯ୍ୟୋଧନ ଯାଇ ବ୍ୟାସନଗରର ବ୍ୟାସ ସରୋବରରେ ଲକ୍ଷ୍ମୀଙ୍କ କୋଳରେ ଆଶ୍ରୟ ନେଇଥିଲ, ମୁଁ ଠିକ୍ ସେହିପରି ସୁବ୍ରତ ବାବୁଙ୍କ ଆଖି ଦି'ଟାକୁ ଫାଙ୍କି ଦେବାକୁ ଯାଇ ଲୁଚି ରହିଥିଲି ଆପଣଙ୍କ କୋଳ ସଦୃଶ ଆପଣଙ୍କର ଗୃହ ଉପରେ-ଥିବା ପାଣି ଟାଙ୍କିରେ ।"

—"ଏକଥା ମୋତେ ତୁ କହନା ସୀପ୍ରା ! କାରଣ ଏକଥା ତୁ ଯଦି ମୋ ପାଖରେ କହୁ, ମୁଁ ଆଦୌ ବିଶ୍ୱାସ ଯିବନି; କାରଣ ମୁଁ ନିଜେ ମୋ ଆଖି ଯୋଡ଼ାକୁ କେବେ ଅବିଶ୍ୱାସ କରି ପାରିବିନ । ସୁବ୍ରତବାବୁ ମୋର ଆଖି ଆଗରେ ଟାଙ୍କିର ଢାଙ୍କଣା ଖୋଲି ମୁହଁ ଗଳାଇ ଅନେକ ସମୟ କଣ ଯେପରି ଦେଖୁଥିଲେ ।'

—"ଖାଲି କଣ ମୁହଁ ଗଳାଇ ଦେଖୁଥିଲେ, ପାଣି ମଧ୍ୟରେ ହାତ ବୁଲାଉଥିଲେ ମଧ୍ୟ ।"

—"ତେବେ ତାହାହେଲେ ସୀପ୍ରା, ତୁ ତା ମଧ୍ୟରେ ଆତ୍ମଗୋପନ କଲୁ କିପରି ?"

—"ମୁଁ କିପରି ଆତ୍ମଗୋପନ କଲି ଆପଣ ତାହା ଜାଣିବାକୁ ନିହାତି ଚାହୁଁଛନ୍ତି ?" ମୁଁ ସେତେବେଳେ ସେହି ପାଣି ଟାଙ୍କିର ନିମ୍ନ ଦେଶରେ ଖୁବ୍ ନିସ୍ପନ୍ଦରେ ଶୋଇ ରହିଥିଲି । ତୁମର ତ ଟାଙ୍କିଟା ଛୋଟ ନୁହେଁ, ମୁଁ କାହିଁକି, ମୋ ପରି ଆଉ ଯଦି ଦୁଇ

Digitized by PPRACHIN, SOA

ଗୁରଜଣ ତାମଧ୍ୟରେ ଆତ୍ମଗୋପନ କରନ୍ତି ତେବେ ମଧ୍ୟ କେହି ଠେର ପାଇବେନ । ଏତେ ତଳକୁ ସେମାନେ ଅବା ଖୋଜିବ କାହିଁକ ?"

—"କିନ୍ତୁ ଏହା ମଧ୍ୟ ଗୋଟିଏ ଚିନ୍ତା କରିବା ବିଷୟ ଯେ ନିଜେ ସୁବ୍ରତ ଚୌଧୁରୀ ସେ ଠାଙ୍କ ନିକଟରେ ଦଶମିନଟ୍ ଖଣ୍ଡେ ଠିଆହୋଇ ରହିଥିଲେ । ତୁ ତାହାହେଲେ ସେହି ପାଣି ମଧ୍ୟରେ ନିଶ୍ୱାସ ପ୍ରଶ୍ୱାସ ତ୍ୟାଗ କରୁଥିଲୁ କିପରି ?"

—"ଗୋଟିଏ ରବର ପାଇପ୍ ସାହାଯ୍ୟରେ ।"

—"କଣ କହିଲୁ ସୀପ୍ରା !"

—"ଆପଣ କଣ ଜାଣି ନାହାନ୍ତି ଠାଙ୍କିରୁ ଅତିରିକ୍ତ ଜଳ ଗୁଡ଼ିକ ନିଷ୍କାସନ କରିବା ନିମନ୍ତେ ଗୋଟିଏ ଛିଦ୍ରଥାଏ । ସେହି ଛିଦ୍ର-ଦେଇ ମୁଁ ରବର ପାଇପ୍‌ର ଗୋଟିଏ ଅଂଶ ଭର୍ତ୍ତି କରି ଦେଖିଲି । ଆଉ ଗୋଟିଏ ପାଖ ଥିଲା ମୋର ପାଟି ମଧ୍ୟରେ, ଏବଂ ସେହି ପାଇପ୍‌ଦ୍ୱାରା ମୁଁ ନିଶ୍ୱାସ ନେଉଥିଲି ଓ ପ୍ରଶ୍ୱାସ ତ୍ୟାଗ କରୁଥିଲି । ଏ ବୁଦ୍ଧିଟା ଅବଶ୍ୟ ବଡ଼ କଷ୍ଟକର, ହେଲେ ଅଭ୍ୟାସ ଦରକାର । ଏ ମୋର ବହୁ ଦିନର ଅଭ୍ୟାସ ପୋଖରୀ, କିମ୍ବା ନଈ ମଧ୍ୟରେ ଗାଧୋଉଥିବା ବେଳେ ସେଜ ନଳ ନେଇ ଅଭ୍ୟାସ କରିବାକୁ ପଡ଼ିଥିଲା । ଏପରିକି ସେହି ସିଜ ନଳ ସାହାଯ୍ୟରେ ଅନେକ ଥର ବାପା ମାଆଙ୍କୁ ମଧ୍ୟ ଫାଙ୍କି ଦେଇଛି । ସେହି ନଈ ପୋଖରୀ ମଧ୍ୟରେ ଦୀର୍ଘ ସମୟ ଧରି ବୁଡ଼ିକରି ଲୁଚି ରହିଯାଏ ।"

—"ଆଚ୍ଛା ସୀପ୍ରା ! ସୁବ୍ରତ ଚୌଧୁରୀ ଯଦି କୌଣସି ବାଡ଼ି ସାହାଯ୍ୟରେ ଠାଙ୍କିର ଅଂଶଟା ପରୀକ୍ଷା କରିଥାଆନ୍ତା ?"

Digitized by PPRACHIN, SOA

—"ତାହେଲେ ଧରା ପଡ଼ିଥାଆନ୍ତ ।" ଯେତେବେଳେ ଯେ ତାହା କରିନାହାନ୍ତି ମୁଁ ମଧ ସେଇଥିପାଇଁ ଧରାପଡ଼ିନ । ଗତଯେ ଶୋଚନା ନାସ୍ତି । ଗତକଥା ଭାବ ଲାଭ ନାହିଁ, ଭବିଷ୍ୟତ କଥା ଭାବିବା ହିଁ ଆମ୍ଭମାନଙ୍କର କାମ୍ୟ ।'

ଧିରେନ୍ ଏ ସବୁ କଥା ଶୁଣି ଯେପରି ବୋକା ପାଲଟି ଗଲଣି । ମୁଖରେ ତାର ଯେପରି ଆଉ ଭାଷା ନାହିଁ । ତାକୁ ଦେଖିଲେ ମନେହେଉଥିଲା ସେ ଯେପରି ଗୋଟିଏ ସ୍ଥାଣୁ ପାଲଟି ଯାଉଛି ।

ବସନ୍ତବାବୁ ଧିରେନକୁ ଡ଼ାକି କହିଲେ– "ଅଉ କ'ଣ ଦେଖୁଛୁ ଅବା କଣ ଶୁଣୁଛୁ ? ଯାଅ ସୀତାକୁ ନେଇ ତାର ଲୁଗାପଟା ବଦଳାଇବାର ବ୍ୟବସ୍ଥା କରିଦେ ।"

ଏହା ଶୁଣି ଧିରେନ୍‌ର ଭାବନା ଅନ୍ୟଆଡେ ବଦଳିଗଲା । ଦୁଇଟି ଆଖି ଯେପରି ତାର ନାଚି ଉଠିଲା । ଆଉ ମଧ ସେହି ମୁହୂର୍ତ୍ତରେ କହି ପକାଇଲା—"ଧନ୍ୟ ତୁମର ବୁଦ୍ଧି ସୀତା ଅପା । ଧନ୍ୟ ତୁମର ବୁଦ୍ଧି ! ତୁମପରି ବୁଦ୍ଧିମତୀ ଯଦି ମୋ ପାଖକୁ ଥାଆନ୍ତେ, ତେବେ କଣ ମୁଁ ସେ ପଥକୁ କେବେହେଲେ ଗ୍ରହଣ କରି ଥାଆନ୍ତ ? ତୁମପରି ମୋର ଜଣେ ପଥପ୍ରଦର୍ଶିକା ହେଲେ ମୁଁ ପୁଣି ସେ ପଥକୁ ସୁଦୃଢ଼କରି ଗଢ଼ି ନଥାନ୍ତ ।"

ସୀତା ଭ୍ରୂଭଙ୍ଗି କରି କହିଲା—"ଥାଉ, ଥାଉ ମୋର ଆଉ ଶିଷ୍ୟର ପ୍ରୟୋଜନ ନାହିଁ । ତୁମେ ଯାଅ ଧିରେନ ଶୋଇପଡ଼ ।

ଧିରେନ ମୁଣ୍ଡ ହଲାଇ ହଲାଇ ଆପଣା ମନକୁ ମନ କହି କହି ଚାଲିଗଲା, ସାବାସ୍ ବୁଦ୍ଧି, ସାବାସ ବୁଦ୍ଧି । ସୀତା ଅପାପରି ଜଣେ

Digitized by PPRACHIN, SOA

ଯଦି ଦଳନେତ୍ରୀ ମୁଁ ପାଆନ୍ତି,ତାହାହେଲେ ନିଜକୁ ଧନ୍ୟ ମନେକରନ୍ତି ଓ ତା ସହିତ ସାରା ପୃଥିବୀଟାକୁ ଜୟ କରିବାକୁ ମୋଟେ ଆଉ ଭୟ ରହନ୍ତା ନାହିଁ ।

ଧିରେନ ଗ୍ଳଯିବା ପରେ ସୀପ୍ରା ନିଜର ସାଲୁଆରର ପକେଟ ମଧ୍ୟରୁ ବାହାର କଲା କେତେଗୁଡ଼ିଏ ହୀରାର ମୁଦ୍ରିକା, ଆଉ ମଧ୍ୟ କେଇଟା ମୁକ୍ତାର ମାଳା ଓ କେତେଗୁଡ଼ିଏ ସୁବର୍ଣ୍ଣ ମୋହର ।

ବସନ୍ତ ବାବୁ ବିସ୍ଫାରିତ ନେତ୍ରରେ କିଛିକ୍ଷଣ ସେହି ଅଳଙ୍କାର ଆଡ଼େ ଗ୍ହିଁ ରହିଲେ ।

ସୀପ୍ରା ମୃଦୁ ହାସ୍ୟ କରି ମୁଖେ କହି ଉଠିଲା—"ଆଚ୍ଛା ବସନ୍ତ ବାବୁ, ଏଗୁଡ଼ିକର ମୂଲ୍ୟ ଆନୁମାନିକ କେତେ ହେବ କହିଲ ଦେଖି ?"

ବିରକ୍ତ ସ୍ୱରରେ ବସନ୍ତ ବାବୁ କହିଲେ—"ନାଁ, ମୁଁ ଏହାର ଦାମ ଜାଣେନା ।"

—"ତୁମେ ତାହାହେଲେ ଏହାର ଦାମ କଣ ଶୁଣିବାକୁ ଗ୍ହୁଁଛ ?"

—"ନାଁ, ତା ମଧ୍ୟ ମୋର ଶୁଣିବାର ପ୍ରୟୋଜନ ନାହିଁ ।"

—"ତୁମକୁ ଶୁଣିବାକୁ ହେବ ବସନ୍ତ ବାବୁ ।" ଏ ସବୁ ଗଚ୍ଛିତ ଥିବା ଧନର ମାଲିକ ହେଉଛନ୍ତି ମିଲେଟାରୀ ଅଫିସର ରମାକାନ୍ତ ମହାପାତ୍ର । ଗତ ଗ୍ଇନା ଯୁଦ୍ଧରେ ମହାପାତ୍ର ବାବୁ କୋଟିପତି ହେବାର ଆଶା ପୋଷଣ କରି ଏହାକୁ ସବୁ ସଂଗ୍ରହ କରିଥିଲେ । ସେତେବେଳେ ସାରା ଓଡ଼ିଶାଟା ଦୁର୍ଭିକ୍ଷରେ ହା ହା କାର

Digitized by PPRACHIN, SOA

କରୁଥାଏ । ସହରର ରାସ୍ତାଘାଟରେ ଶହ, ଶହ ହଜାର, ହଜାର ଲୋକ ନଖାଇ ନପିଇ ଛଟପଟ ହେଉଥାନ୍ତି । ଆମ ସରକାର ନିକଟରେ ଖାଦ୍ୟ ନାହିଁ, ସେଥିପାଇଁ ସରକାର ଆମର ପରିବାର ନିୟନ୍ତ୍ରଣ ଯୋଜନା ବାହାର କରିଛନ୍ତି । ଲୋକ ସଂଖ୍ୟା କମିଗଲେ ଆମ ଦେଶକୁ ଏତେଟା ଆଉ ଦୁର୍ଭିକ୍ଷ ପଡ଼ିବନି । ଖାଦ୍ୟର ଅଭାବ ସତ୍ତ୍ୱେ ଏଦେଶରେ ବାପ ପୁଅକୁ ହତ୍ୟା କରିବାକୁ ତତ୍ପର ହେଲେ ଦ୍ୱିଧା କରୁନି, କିନ୍ତୁ ଏହି ମହାପାତ୍ରଙ୍କ ଧନ ଭଣ୍ଡାର ମାଇ ଦେଶରେ ମହଜୁତ ଥିବା ଧାନ ଠାରୁ ଆରମ୍ଭ କରି ଚାଉଳ, ଡାଲି, ଅଟା, ମଇଦା ସୁଜି, ଚିନି ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ତାଙ୍କଘରେ ପାହାଡ଼ ପରି ଜମା ହୋଇରହିଛି । ଏହିସବୁ ଉଚ୍ଚ ମୂଲ୍ୟରେ ବିକ୍ରୟ କରି ଧନପତି କୁବେର ହେବାକୁ ଚାହାଁନ୍ତି ସେ । ଅସ୍ଥିକଙ୍କାଳଧାରୀଙ୍କ ଉପରେ ତାଙ୍କ ପ୍ରାଣରେ ଟିକିଏ ହେଲେ ଦୟା ନାହିଁ । ତେଣୁ ସେଇଥି ପାଇଁ ମୁଁ ବହନ କରିଛି ଏହି ମହାନ ଦାୟିତ୍ୱର ବୋଝ ।

ଏହା ଶୁଣି ବସନ୍ତ ବାବୁ କହିଲେ – "ତୁ ତାଙ୍କୁ ଶାସ୍ତି ଦେବାପାଇଁ ଅଧିକାର ପାଇଲୁ କେଉଁଠୁ ? ଆଉ ତୋତେ ସେ ଅଧିକାର ଦେଲା କିଏ ?? ତୋର ସେ ସମ୍ବନ୍ଧରେ ମୁଣ୍ଡ ଖେଳାଇବାର ପ୍ରୟୋଜନ କଣ ???"

ସୀପ୍ରାର ଦୁଇ ଚକ୍ଷୁରୁ ଯେପରି ଅଗ୍ନି କଣା ସ୍ଖଳିତ ହେଲା । ସିଧାଭାବରେ ସେ ଠିଆହୋଇ ବଡ଼ପାଟିରେ କହିବାକୁ ଆରମ୍ଭ କଲା-- "ମୁଁ ହେଉଛି ଗରିବଙ୍କର ଅନ୍ନଦାଣୀ । ଯେଉଁମାନେ ଗରିବର ରକ୍ତ ଶୋଷଣ କରନ୍ତି, ସେମାନଙ୍କର ସ୍ପର୍ଦ୍ଧା ଚୂର୍ଣ୍ଣ କରିବା ପାଇଁ ମୁଁ ବଦ୍ଧ ପରିକର । ରଜାର ଆଇନ ମୋ ପାଇଁ ବଳବତ୍ତର ନୁହେଁ, ଝାଙ୍ଗି ମନର ଖବର ଯଦି ସରକାରଙ୍କ କାନକୁ ଯାଏ, ମହାପାତ୍ରେ ତାଙ୍କର

Digitized by PPRACHIN, SOA

ବୁଦ୍ଧି ଓ ଲଞ୍ଚ ଦେଇ ଖସି ଆସନ୍ତି । ତାଙ୍କର କୌଶଳ ସାଧାରଣ ନୁହେଁ, ତେଣୁ ସେଇଥି ପାଇଁ ମୁଁ ସିଧା ସଳଖ ଭାବେ ଠିଆ ହୋଇଛି ତାଙ୍କର ମାନଙ୍କ ବିରୁଦ୍ଧରେ । ଆଇନ ଜାଲର ଛିଦ୍ରରେ ଜଣଙ୍କ ପରେ ଜଣେ ଖସି ଆସିବେ, ହେଲେ କିନ୍ତୁ ମୋ ପାଖରୁ ସେମାନେ ବର୍ତ୍ତିଯିବା ବଡ଼ ଦୁରୁହ ଓ କଷ୍ଟକର ।

—" ଆଇନର ତ୍ରୁଟି ସଂଶୋଧନ ପାଇ ତୁ ମଧ୍ୟ ପ୍ରସ୍ତୁତ ହୋଇ ପଡ଼ିଛୁ । ଆଉ ଆଇନକୁ ଅମାନ୍ୟ କରିବାକୁ ?"

—" ମନେ କରନ୍ତୁ ତାହାହିଁ ।"

—" ତୋ ପରି ସବୁ ସମସ୍ତେ ଏହି ଦିଗରେ ପରିଚିତ ହୁଅନ୍ତି, ତାହେଲେ ଶାସନ କ୍ଷେତ୍ର ଚଳିବ କିପରି ? ଅଚଳ ତ ହୋଇ ପଡ଼ିବ ??"

—"ବିଷ । ବିଷଟାଯେ ଭଲ ଜିନିଷ ନୁହେଁ ଏକଥା ସମସ୍ତଙ୍କୁ ଭଲ ଭାବରେ ଜଣା, ଆଉ ସେହି ଉତ୍କଟ ବିଷପାନ କରି ବଞ୍ଚି ରହିବାର ଶକ୍ତି ଅଛି ମଧ୍ୟ । ଯେପରିକି ବିଷ ପାନକରି ଶିବଙ୍କନାଁ ହୋଇଛି ଅମର, ବିଷକଣ୍ଠ ବା ନୀଳକଣ୍ଠ, ତାଙ୍କୁ ପୁଣି ଆମ୍ଭେମାନେ ପୂଜା କରୁଛନ୍ତି ?' ମୋପରି ଅବା ଏପରି ଶକ୍ତି ହେବ, କେଉ ଜଣଙ୍କର ?" ଗୈର ଡ଼କାଯୁତ ନ ହୋଇବ, ଗୈର ଡ଼କାଯୁତରେ ଅଭିଶପ୍ତ ଜୀବନ ଯାପନ କରିବାର ସାଧ୍ୟ ଓ ସାହାସ ହେବ କାହାର ?"

—"ତୁ ଯେତେବେଳେ ପରର ଧନ, ଦ୍ରବ୍ୟ, ଅପହରଣ କରୁ ତୁ ତାହାହେଲେ କଣ ହେଲୁ ?"

—"ଦୁଃଖିତ କଣ୍ଠେ ସୀପ୍ରା କହିଲା—"ବସନ୍ତବାବୁ ମୁଁ ବିଶ୍ୱାସ ବା କଳ୍ପନା କରିନଥିଲି ଶେଷରେ ଆପଣଙ୍କ ମୁହଁରୁ ଏପରି

Digitized by PPRACHIN, SOA

କଥା ଶୁଣିବ ବୋଲି । ଏଣୁ ମୁଁ ସେଥିପାଇଁ ପ୍ରକୃତ ପକ୍ଷେ ଆନ୍ତରିକ ଦୁଃଖିତ । ମୁଁ କଣ ଚୋରି କରେ ନିଜର ସ୍ୱାର୍ଥ ଦୃଷ୍ଟିରୁ ?" ମୁଁ ଯଦି ମହାପାତ୍ରବାବୁଙ୍କ ମୂଲ୍ୟବାନ ଜିନିଷ ଗୁଡ଼ିକ ବଜାରରେ ବିକ୍ରୟ କରେ ତେବେ ଦେଢ଼ ଲକ୍ଷ କିମ୍ବା, ଦୁଇଲକ୍ଷ ଟଙ୍କା ପାଏ, ତାହେଲେ କେତେ ଅସ୍ଥିକଙ୍କାଳ ଦେହଧାରୀ ଲୋକଙ୍କ ମୁଖକୁ ଗଣ୍ଡାଏ ଅନ୍ନ ମିଳିବ ? ଆଉ ଯେଉଁମାନଙ୍କର ଜୀବନର ଆଶା ନାହିଁ, ଦେହରେ ବସ୍ତ୍ର ନାହିଁ, ପେଟରେ ଅନ୍ନ ନାହିଁ, ସେହିମାନଙ୍କୁ ଯଦି ସାହାଯ୍ୟ କରେ ସେଇଟାହିଁ କ'ଣ ମୋ ପକ୍ଷରେ ଅନ୍ୟାୟ ବସନ୍ତବାବୁ ?" ଦେଶପାଇଁ ମଣିଷ ସମାଜ ନୁହେଁ, ମଣିଷ ସମାଜ ପାଇଁ ଦେଶ, ଦେଶ ପାଇଁ ମଣିଷ ବଡ଼ । ଆଉ ମୁଁ ହେଉଛି ସେହି ମଣିଷର ସେବକ ।

ହଠାତ୍ ସଜୋରରେ ବସନ୍ତ ବାବୁଙ୍କ ସଦର ଦ୍ୱାରର କଡ଼ା ବାଡ଼େଇବାର ଶବ୍ଦ ଶୁଣିବାକୁ ମିଳିଲା । ଆଉ ମଧ୍ୟ ଶୀଘ୍ର ଦରଜା ଖୋଲ ବୋଲି କିଏ ଯେପରି ଚିତ୍କାର କରି କହୁଛି ।

ସୀପ୍ରାର ମୁଖ ମଣ୍ଡଳଟି ମ୍ଳାନ ହୋଇଗଲା କ୍ଷଣକ ପାଇଁ, ତାପରେ ସେ କହିଲା "ବସନ୍ତ ବାବୁ ! ପୁନଶ୍ଚ ସୁବ୍ରତବାବୁ ଆସିଛନ୍ତି, ତାଙ୍କର ଭ୍ରମ ସଂଶୋଧନ କରିବା ନିମନ୍ତେ । ତୁମେ ଯାଅ ଦରଜା ଖୋଲିଦିଅ, ମୋ ପାଇଁ କୌଣସି ଚିନ୍ତା କରନା । ମୁଁ ମୋର ନିଜକୁ ଲୁଚାଇ ରଖିବାକୁ ପ୍ରସ୍ତୁତ ହୋଇ ପଡ଼ୁଛି ।

ଏହା କହି ସୀପ୍ରା ଦ୍ରୁତଗତିରେ ସେ ଘର ମଧ୍ୟରୁ ବାହାରିଗଲା । ବସନ୍ତ ବାବୁ ମଧ୍ୟ ଯାଇ ଦ୍ୱାର ଉନ୍ମୁକ୍ତ କରିଦେଲେ ।

× × × ×

Digitized by PPRACHIN, SOA

ରୁଦ୍ଧ ଦ୍ୱାରଟି ଉନ୍ମୁକ୍ତ କରି ଘଗନ୍ଧୁତ କଣ୍ଠରେ ବସନ୍ତବାବୁ କହିଲେ—' ବାରମ୍ବାର ଆପଣଙ୍କ ଉପସ୍ଥିତିଟା ମୋତେ ଆଦୌ ଭଲ ଲାଗେନା—ମିଷ୍ଟର ସୁବ୍ରତ ବାବୁ ! ଆପଣ କହି ପାରିବେ କେଉଁ ଅଧିକାରରେ — ।

ନମ୍ର ଓ ଧିର କଣ୍ଠରେ ସୁବ୍ରତ ବାବୁ ଉତ୍ତର ଦେଲେ, ନାଁ ମିଷ୍ଟର ବସନ୍ତ ବାବୁ ! ସେପରି ଅଧିକାର ଅବଶ୍ୟ ମୋର ନାହିଁ । ତେବେ ଆପଣତ ଏତେବେଳ ପର୍ଯ୍ୟନ୍ତ ଶୋଇ ନାହାଁନ୍ତି, ଆଉ ମଧ ମୁଁ ତଳେ ଠିଆହୋଇ ଶୁଣିବାକୁ ପାଇଲି ଆପଣ ଯେପରି କାହା ସହିତ କଥାବାର୍ତ୍ତା କରୁଥିଲେ । ସତ କହିବେ କି କାହା ସହିତ ଆପଣ କଥାବାର୍ତ୍ତା କରୁଥିଲେ ? ଆଉ ମଧ ସେ ଲୋକଟି କିଏ ??"

—"ସେ ମୋର ଭୃତ୍ୟ ଧିରେନ୍ ।"

—"ଆପଣଙ୍କର ଭୃତ୍ୟ ଧିରେନ୍ ?"

—"ହଁ ।"

—"ସାମାନ୍ୟ ଗୋଟିଏ ଚାକର ସହିତ ପୁଣି ଏତେ କଥାବାର୍ତ୍ତା ?"

—"ସେହି କଥାବାର୍ତ୍ତାର ସୁଯୋଗଟାକୁ ଆପଣମାନେ ଦେଇ ଗଲେ ?"

—"ତା,ର ମାନେ ?"

—"ଆପଣମାନଙ୍କ କିଛୁ ଜଳାପ କଥା ତା ନୁହେଁ ଶୁଣାଉ ଥିଲି, ତୁମ୍ଭମାନଙ୍କର ଗୋଟାଏ ନିର୍ଦ୍ଦିଷ୍ଟ ସମୟ ନାହିଁ । ଯେତେ-ବେଳେ ନାହିଁ ସେତେବେଳେ ଆସି ହାଜର୍ ।"

Digitized by PPRACHIN, SOA

—ହଁ, ବସନ୍ତ ବାବୁ ! ମୁଁ ମଧ୍ୟ ସେଇଟାକୁ ସ୍ୱୀକାର କରୁଛି । ପ୍ରକୃତ ପକ୍ଷରେ ସେଇଟାହିଁ ଆମ୍ଭମାନଙ୍କ ପକ୍ଷେ ଅନ୍ୟାୟ । ତେବେ ଯେତେବେଳେ ଏତେ ଗୁଡ଼ାଏ ଆମ ପାଇଁ କଷ୍ଟ ସ୍ୱୀକାର ଆପଣ କରିଛନ୍ତି, ଆଉ ଟିକଏ କଷ୍ଟ ସ୍ୱୀକାର କରି ଆମ୍ଭମାନଙ୍କୁ ଅନୁମତି ଦିଅନ୍ତୁ, ପୁନରାୟ ଟିକଏ ପରୀକ୍ଷା କରି ଦେଖିବା ପାଇଁ ?'

—"ଥରେ ଦେଖି କଣ ଆପଣମାନଙ୍କ ସନ୍ଦେହ ଦୂରୀଭୂତ ହେଲ ନାହିଁ ?"

"ନା, ବସନ୍ତ ବାବୁ ! ସାମାନ୍ୟ ଟିକଏ ସନ୍ଦେହ ରହି ଯାଉଛି । ସେହି ସନ୍ଦେହଟା ଦୂର କରିବା ଏକାନ୍ତ ଆବଶ୍ୟକ ।

"ତାହାହେଲେ କଣ ଆପଣଙ୍କର ଏ ଧାରଣା ଅଛି, ଗୀତା ଏତେବେଳ ପର୍ଯ୍ୟନ୍ତ ମୋ ଘରେ ଲୁଚି ରହିଛି ବୋଲି ?"

—"ସେହିପରିତ ମୋର ସନ୍ଦେହ ହୁଏ । ତା ଛଡ଼ା ଘରର ଚାରି ଆଡ଼େତ ପୋଲିସର କଡ଼ା ପ୍ରହରୀ, ଗୋଟିଏ ପତଙ୍ଗ ଉଡ଼ି ଯିବାର ପଥ ନାହିଁ । ସେପରି ସ୍ଥଳେ ସନ୍ଦେହତ ଜନ୍ମିବାର କଥା ।"

—"ହେଉ ତେବେ ଆସନ୍ତୁ । କିନ୍ତୁ ଏ ଟା ମନେ ରଖନ୍ତୁ । ଏଇଟାହିଁ ଆପଣଙ୍କର ଶେଷ ପରୀକ୍ଷା । ଏହାପରେ ଯଦି ପୁନଶ୍ଚ ଏହି ପରି ଅତ୍ୟାଚାର କର ତାହେଲେ ତୁମ ବିରୁଦ୍ଧରେ କୋର୍ଟ କଚେରୀରେ ଆଶ୍ରୟ ନେବାକୁ ବାଧ ହେବ ।"

—"ବେଶ ତାହାହିଁ ହେବ, ମୁଁ ମଧ୍ୟ ସେଥିରେ ଏକମତ ।"

ସୁବ୍ରତ ବାବୁଙ୍କ ସଙ୍ଗେ ସ୍ଥାନୀୟ ପୋଲିସ ଇନ୍‌ସପେକ୍‌ଟର ଓ କେତେଜଣ କନେଷ୍ଟବଲ ଯୋତା ମଚ ମଚ କରି କୋଠା ସିଡ଼ି

Digitized by PPRACHIN, SOA

ଦେଇ ଉପରକୁ ଉଠିବାକୁ ଲାଗିଲେ । ଆଉ ତାଙ୍କ ପଛେ ପଛେ ଲେଖକ ବସନ୍ତ ପଟ୍ଟନାୟକ ।

ସୁବ୍ରତ ବାବୁ ଆଉ କୌଣସି ଆଡ଼କୁ ଦୃଷ୍ଟି ନିକ୍ଷେପ ନକରି ସିଧା ସଳଖ ଉଠିଗଲେ ଛାତ ଉପରକୁ । ଛାତ ଉପରକୁ ଯାଇ ପାଣିଟାଙ୍କି ନିକଟରେ ଠିଆ ହୋଇ ଗଲେ ।

ଏହା ଦେଖି ବସନ୍ତ ବାବୁଙ୍କ ଛାତିରେ ଚମକ ଲାଗିଲା । ଏଥରବାରହିଁ ସର୍ବନାଶ । ସୀପ୍ରା ଠିକ୍ ଅନୁମାନ କରିଛି ସୁବ୍ରତ ବାବୁ ଆସିଛନ୍ତି ତାଙ୍କର ଭ୍ରମ ସଂଶୋଧନ କରିବା ନିମନ୍ତେ । ଏଇବାର ଉପାୟ କଣ ।

ସୁବ୍ରତ ବାବୁ, ଇନ୍‌ସ୍‌ପେକ୍‌ଟର ଶଦାଶିବ ବାବୁଙ୍କ ଠାରୁ ବେନବାଡ଼ି ଖଣ୍ଡି ମାଗି ନେଇ ପାଣି ଟାଙ୍କିର ଢାଙ୍କଣା ଖୋଲି ବାଡ଼ି ଖଣ୍ଡିକ ଜଳ ମଧ୍ୟରେ ଚଡ଼ା ନଡ଼ା କରିବାକୁ ଲାଗିଲେ ।

ଏହା ଦେଖି ବସନ୍ତ ବାବୁଙ୍କର ମୁଣ୍ଡ ଘୁରିଗଲା । ସେ ଛାତ ବାରଣ୍ଡାକୁ ଧରି ନିଜକୁ ସମ୍ଭାଳି ନେଲେ ।

ସୁବ୍ରତ ବାବୁ ବାଡ଼ି ଖଣ୍ଡ ପାଣିରୁ ବାହାର କରି ଆଣିବା ସମୟରେ ତାଙ୍କ ମୁଖ ମଣ୍ଡଳରେ ପରିଷ୍କୁଟ ହୋଇପେ ତାଙ୍କ ଅନୁସନ୍ଧାନ ସନ୍ତୋଷ ଜନକ ନୁହେଁ ।

ଏହା ଦେଖି ବସନ୍ତ ବାବୁ ଟିକଏ ଶାନ୍ତରେ ନିଶ୍ୱାସ ତ୍ୟାଗ କଲେ ।

ଶଦାଶିବ ବାବୁ, ବସନ୍ତ ବାବୁଙ୍କ ମୁଖ ମଣ୍ଡଳଟି ବିବର୍ଣ୍ଣ ଦେଖି ପ୍ରଶ୍ନ କଲେ—" କଣ ଆପଣଙ୍କର ମନେ ହୁଏ ସୀପ୍ରା········ ।

Digitized by PPRACHIN, SOA

—" ହଁ ସୀତା ଏହ୍ୱ ପାଣି ଟାଙ୍କି ମଧ୍ୟରେ ଆତ୍ମ ଗୋପନ କରିଥିଲ ।"

—" ସେ କଣ କହୁଛନ୍ତି ଆପଣ ? "

—" ମୁଁ ଯାହା କୁହେ ସେ କେବେ ହେଲେ ଅଯୁକ୍ତ ମୂଳକ ନୁହେଁ । କାରଣ ତାରମଧ୍ୟ ପ୍ରମାଣ ଅଛି ।"

—" କଣ ପ୍ରମାଣ ସଂଗ୍ରହ କଲେ ଆପଣ ?"

—" ଏହ୍ୱ ଯେଉଁ ରବର ପାଇପିଟା ଆପଣ ଦେଖୁଛନ୍ତି ।"

—" ସେ ରବର ପାଇପିଟା ଅବା କ ଦରକାରରେ ସୀତାର ଲାଗି ପାରିଥିବ ?"

—" ପାଇପଟି ତାକୁ ଦଶ ମିନଟ ବଞ୍ଚାଇ ରଖି ପାରିଛି ।"

—" କପରି ?"

—" ଆମ୍ଭେ ମାନେ ଯେତେବେଳେ ଏ ସ୍ଥାନ ଉପର ପରୀକ୍ଷା କରି ଦେଖୁଥିଲେ ସୀତା ସେତେବେଳେ ଆରାମରେ ଶୋଇ ପଡ଼ି ଥିଲା ଏହ୍ୱ ଉକ୍ତ ପାଣି ଟାଙ୍କି ମଧ୍ୟରେ ।"

ସେତକ ବେଳେ ଏତକ ମାତ୍ର ବୁଦ୍ଧି କାହାର ହେଲା ନାହିଁ ବାଡ଼ି ଖଣ୍ଡିକ ସାହାଯ୍ୟରେ ପାଣି ଟାଙ୍କିଟା ପରୀକ୍ଷାକରି, ନେବାକୁ । କଥାରେ ନାହିଁ ଚୋର ପଳାଇଗଲେ ବୁଦ୍ଧି ବାହାରେ । ଠିକ୍ ତାହାହିଁ ଆମ୍ଭମାନଙ୍କର ହେଲା । ଚୋର ପଳାଇ ଗଲାପରେ. ଅବଶ୍ୟ ବୁଦ୍ଧି ଦେଖା ଯାଉଛି । ମୋର ସ୍ପଷ୍ଟ ଧାରଣା ସୀତା ଏହ୍ୱ ରବର ପାଇପିଟା ମୁଖରେ ଦେଇ ଆରାମରେ ପାଣି ମଧ୍ୟରେ ରହି ପାରିଥିଲା । ଦେଖୁ ନାହାନ୍ତି, ପାଇପିର ଗୋଟିଏ ଅଂଶ ଉପରକୁ ଓ ଅନ୍ୟ ଅଂଶଟି ଭିତରକୁ ।

Digitized by PPRACHIN, SOA

ଶଦାଶିବ ବାବୁ ସେତେବେଳେ ଯାଇଁ ବୁଝିଲେ ମଣିଷ ଯଦି ପାଣି ଭିତରେ ବୁଡ଼ିରହି ନିଶ୍ୱାସ ପ୍ରଶ୍ୱାସ ନେଇ ପାରୁଥାଏ ତାହେଲେ ତାକୁ କୌଣସି ଅସୁବିଧା ହେବନି ଏବଂ ସେ ନିରାପଦରେ ଦୀର୍ଘ ସମୟ ଅତିବାହିତ କରି ପାରିବ ।

ଶେଷରେ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଲେ ସୁବ୍ରତ ବାବୁ ଓ ଆସିବା ସମୟରେ ବସନ୍ତ ବାବୁ କହିଲେ ଆଉ ଯଦି ଆପଣମାନଙ୍କର କୌଣସି ସ୍ଥାନ ଉପରେ ସନ୍ଦେହ ଥାଏ ତାହାହେଲେ ଦେଖି ଯାଅନ୍ତୁ । କାରଣ ଆପଣମାନେ ବାରମ୍ବାର ଆସି ଏପରି ହଇରାଣ କରିବାକୁ ମୁଁ ଆଦୌ ପସନ୍ଦ କରୁନି ।

ବସନ୍ତ ବାବୁଙ୍କ କଥା ଉପରେ ଶଦାଶିବ ବାବୁ ଜୋର ଦେଇ କହିଲେ ହଁ, ତା'ତ ନିଶ୍ଚୟ ମୋ ମତରେ ଆଉଥରେ ଏ ଘର ବୁଲି ଭଲ ଭାବରେ ପରୀକ୍ଷା କରି ଦେଖି ନେବା ବରଂ ଉଚିତ୍ ।

ଏହାଶୁଣି ସୁବ୍ରତ ବାବୁ ବାଧ୍ୟତା ମୂଳକ ହଁଟିଏ ମାରିଲେ । ତାଙ୍କର ସମ୍ପୂର୍ଣ୍ଣ ଧାରଣା ଗୀତା ଆଉ କେବେହେଲେ ଏ ଘର ମଧ୍ୟରେ ନାହିଁ । କାରଣ ଆଉ ଏଠାରେ ସେପରି ଗୋପନୀୟ ସ୍ଥାନ ନାହିଁ ଯେଉଁ ସ୍ଥାନଟିକୁ ଆମ୍ଭେ ମାନେ ପୁନରାୟ ପରୀକ୍ଷା କରିବା ଆଉମଧ୍ୟ ସେ ନିଜକୁ ଲୁଚାଇ ରଖି ପାରିବ ।

ତାହାହିଁ ହେଲା ପ୍ରତ୍ୟେକ ଘର ଗୁଡ଼ିକ ଆଉଥରେ ପରୀକ୍ଷା କରାଗଲା । କୌଣସିଠାରେ ସେପରି ସନ୍ଦେହ ଜନକ ସ୍ଥାନ ଦେଖିବାକୁ ପାଇଲେନାହିଁ ।

ପୋଲିସ ସମୂହ ଶେଷରେ ବାଧ୍ୟ ହେଲେ ଫେରି ଆସିବା ପାଇଁ ।

Digitized by PPRACHIN, SOA

ଫେରି ଆସିବା ସମୟରେ ଇନସ୍‌ପେକ୍‌ଟର ଶଦାଶିବ ବାବୁ କହିଲେ—"ସୁବ୍ରତ ବାବୁ ଆପଣ ଟିକଏ ବାହାର ଘରଟା ଦେଖି ଆସନ୍ତୁ ।"

ଶଦାଶିବ ବାବୁଙ୍କ କଥାଶୁଣି ସୁବ୍ରତ ବାବୁ ଟିକଏ ହସିଦେଇ କହିଲେ—"ଆପଣ କ'ଣ ପାଗଳ ହେଲେ ? ଦସ୍ୟୁ ପୁଣି ଖୋଲା ପଡ଼ଆରେ ଅସ୍ତ୍ର ଗୋପନ କରିବ ?" ଘରର ଚାରି ଅଢ଼େଇତ ପୋଲିସଙ୍କ ସମାବେଶ । ଆଉ ···· । ହେଉ ତୁମ କଥାଟାକୁ ବି କାଟି ଦେଉନି ।

ଏହାକହି ସୁବ୍ରତ ବାବୁ ଟିକଏ ସେ ଘର ଆଡ଼କୁ ଆଗେଇ ଯାଇଁ ଝରକା ପଥରେ ମୁହଁ ଗଳାଇ ଦେଖିଲେ ଘର ମଧ୍ୟରେ ସେପରି ଗୋପନୀୟ ସ୍ଥାନ ଆଦୌ ନାହିଁ । କେବଳ ମାତ୍ର ଖଣ୍ଡିଏ ଖଟିଆ ଓ କେତୋଟା ଚଉକୀ , ତା ବ୍ୟତୀତ ଆଉ ସେ ଘରେ କିଛି ନ ଥିଲା ।

ତା'ପରେ ପୋଲିସମାନେ ସେଠାରୁ ବିଦାୟ ନେଇ ଚାଲିଗଲେ ଓ ଯିବାବେଳେ ସୁବ୍ରତବାବୁ କହିଗଲେ—"କ୍ଷମା କରିବେ ବସନ୍ତ ବାବୁ ! ଆମ୍ଭମାନଙ୍କ ପାଇଁ, ଆପଣ ବହୁତ କଷ୍ଟ ସ୍ୱିକାର କଲେ ସେଥିପାଇଁ ଆମ୍ଭେମାନେ ଆନ୍ତରିକ ଦୁଃଖିତ ।

ବସନ୍ତବାବୁ ଏହି ଛଳନା କଥା ଉପରେ ଟିକଏ ହେଲେ ଆନନ୍ଦିତ ହେଲେନି । ବରଂ ଆହୁରି ଦୁଇପଦ କଡ଼ା କଡ଼ା କଥା ଶୁଣାଇ କହିଲେ—"ଏଇ ଦୁଇବାର ପାଇଁ ମୁଁ ଆପଣମାନଙ୍କୁ କ୍ଷମା ଦେଲି । ପୁନର୍ବାର ଯଦି କୌଣସି ଦିନ ଏପରି ଅସମୟରେ ଏଠାରେ ଉପସ୍ଥିତ ହୋଇଯାଅ ତାହେଲେ·········। ତୁମ୍ଭେମାନେ ତ ଯାଣ ସମାଲୋଚନା ମୂଳକ ପତ୍ରିକାରେ ମୁଁ ହେଉଛି ସାମ୍ପାଦକ ।

Digitized by PPRACHIN, SOA

ତୁମ୍ଭମାନଙ୍କ ବିରୁଦ୍ଧରେ ଦୁଇଧାଡ଼ି ଲେଖିଦେବାକୁ ମୋତେ ମଧ୍ୟ କଷ୍ଟ ହେବନି ।

ନମ୍ର ଓ ଭୟାତୁର କଣ୍ଠରେ ସୁବ୍ରତବାବୁ କହିଲେ—"ଆମ୍ଭ-ମାନଙ୍କୁ ଏଇଥରପାଇଁ କ୍ଷମା ଦିଅନ୍ତୁ ବସନ୍ତବାବୁ । ଆପଣ ଯଦି ଆମ୍ଭମାନଙ୍କର ଦୋଷ, ଦୁର୍ବଳତା ଓ ଅକର୍ମଣ୍ୟତାକୁ ପତ୍ର, ପତ୍ରିକା-ରେ ଲେଖି ଲୋକ ଲୋଚନକୁ ଆଣନ୍ତି, ତାହେଲେ ଜନ ସମାଜରେ ଆମ୍ଭେମାନେ ଆଉ ମୁହଁ ଦେଖାଇ ପାରିବୁନାହିଁ । ଦେଖୁଛନ୍ତି ଆପଣଙ୍କ ସମ୍ମୁଖରେ ଦସ୍ୟୁନେତ୍ରୀ ଗୀତାକୁ ହାତ ମୁଠାରେ ପାଇ ଓ ଧରି ପାରିଲୁ ନାହିଁ । ଏହାଠାରୁବଳି ଅପମାନ ଆଉ ଦୁନିଆରେ ଅଛି କଣ ?"

ପୋଲିସଙ୍କ ଯାନଗୁଡ଼ିକ ସହରର ପିଚୁରାସ୍ତା ଦେଇ ଆଗେଇ ଗଲା ।

ହୋଟେଲ ବାରଣ୍ଡାରେ ଠିଆହୋଇ ଦେଖୁଥିଲେ ବସନ୍ତ ବାବୁ । ଫେରି ଆସିଲେ ନିଜର ରୁମ୍‌କୁ । ଖଣ୍ଡିଏ ଚଉକି ଟାଣି ଆଣି ବସିପଡ଼ିଲେ ଦରଜା ନିକଟରେ । ହାସ୍ୟ ମୁଖରେ ଘର ମଧ୍ୟକୁ ପ୍ରବେଶ କଲା ଧିରେନ୍ ।

ଧିରେନ୍‌ର ଏ ହସ ଯେପରି ତାଙ୍କୁ ଆଦୌ ଭଲ ଲାଗୁନଥିଲା । ସେ ମଧ୍ୟ ଟିକିଏ ଉତ୍ତ୍ୟକ୍ତସ୍ୱରରେ କହିଲେ—" ତୁ ଆଉ ଏପରି ଭାବରେ ହସନା ।

—"କାହିଁକି ଆଜ୍ଞା କଣ ହୋଇଛି କି ?"

—"ଆଉ ହେବ କଣ । ଗୀତା ପାଇଁ ଦିନେ ହୁଏତ ମୋତେ ଜେଲ ମଧ୍ୟକୁ ଯିବାପାଇଁ ପଡ଼ିବ । ତା ଛଡ଼ା ଉପାୟ ନାହିଁ ।

Digitized by PPRACHIN, SOA

ସେ ଥର ଟିନା ରବର ଘାଇପି ଦେଇ ତାଙ୍କୁ ସାହାଯ୍ୟ କରିଥିଲୁ ଏଥର କ'ଣ ଦେଇ ସାହାଯ୍ୟ କଲୁ ?

—"ଏଥର କିଛି ସାହାଯ୍ୟ କରିବାର ପ୍ରୟୋଜନ ନଥିଲା ସୁବ୍ରତ ବାବୁ ମୁଁ ପ୍ରକାଶ୍ୟ ଭାବରେ ଆତ୍ମ ଗୋପନ କରିଥିଲି ।"

ଏ ଯେ ସୀପ୍ରାର କଣ୍ଠସ୍ୱର ! ଚିନ୍ତା କଲେ ବସନ୍ତ ବାବୁ ।

ବସନ୍ତ ବାବୁଙ୍କ ସମ୍ମୁଖେ ଆସି ଠିଆ ହେଲା ସୀପ୍ରା ଆଉ ମଧ୍ୟ ନିର୍ଦ୍ଦେଶ ଦେଲା ଧିରେନ୍‌କୁ ଖଣ୍ଡିଏ ସୁଖିଲା ବସ୍ତ୍ର ପାଇଁ ।

ଧିରେନ୍ ଖଣ୍ଡିଏ କପଡ଼ା ଆଣି ସୀପ୍ରା ହାତକୁ ଷ୍ଟେର ଦେଇ ନୀରବରେ ଠିଆ ହେଲା ସେଠାରେ ।

ସୀପ୍ରା ସେ ଘର ମଧ୍ୟରୁ ଅନ୍ୟ ଘରକୁ ଚାଲି ଯାଇ କିଛି ସମୟ ପରେ ଫେରି ଆସି ବସନ୍ତ ବାବୁଙ୍କ ନିକଟକୁ ଖଣ୍ଡିଏ ଚେୟାର ଟାଣି ନେଇ ବସି ପଡ଼ିଲା ।

ବସନ୍ତ ବାବୁ ସେଇ ମୁହୂର୍ତ୍ତରେ ଭାବୁଥିଲେ, ସେ ନିଦ୍ରିତ ନା ଜାଗ୍ରତ । ଏ ସ୍ୱପ୍ନ ନା ସତ୍ୟ, ଯେଉଁ ଅଟ୍ଟାଳିକାଟି ପଚିଶ ଯୋଡ଼ା ଆଖି ତନ୍ନ ତନ୍ନ କରି ଖୋଜି ଗଲା ଯାହାକୁ, ସେ ପୁଣି ଥିଲା ପ୍ରକାଶ୍ୟ ଗୋପନତାରେ ।

—" ଏତେ ଭାବନା ସମୁଦ୍ରରେ ବୁଡ଼ି ରହିଲେ ଚଳିବନି ବସନ୍ତ ବାବୁ । ଟିକିଏ ବାହାର ଜଗତକୁ ଆସନ୍ତୁ ?"

ଋଷୀଙ୍କର ଧ୍ୟାନ ଭଙ୍ଗପରି, ଭାବନାର ଖିଅ ତାଙ୍କର ଛିଣ୍ଡିଗଲା ସୀପ୍ରାକୁ କହିଲେ—"ଏ ସବୁର ରହସ୍ୟ ମୁଁ କିଛି ବୁଝିପାରୁନି ।"

Digitized by PPRACHIN, SOA

—"ଆପଣଙ୍କୁ ଆଜ ବୁଝିବାକୁ ଦେବନି ବସନ୍ତ ବାବୁ, ଆଉ ମଧ୍ୟ ମୋ ପାଇଁ ଆପଣଙ୍କର ଏହି ବାଲୁକା ମନ୍ତ୍ରିଷ୍ଟା ଘରେ କରୁଅଛନ୍ତି ? ଯେଉଁଠାରେ ଯେଉଁପରି ପରିସ୍ଥିତି ସୃଷ୍ଟି ହୁଏ, ମୁଁ ସେଇଠାରେ ସେହିପରି ପରିସ୍ଥିତି ପାଇଁ ସଜାଗ ରୁହେ ତେଣୁ···

—"ତେଣୁ ସେଣୁ ଗୁଡ଼ାଏ କଥା ମୋତେ ଶୁଣିବାକୁ ଆଦୌ ଭଲ ଲଗୁନାହିଁ ସୀପ୍ରା, ଆଗ କହିଲୁ ତୁ କପରି ଭାବରେ ପ୍ରକାଶ୍ୟ ଆମ୍ଭ ଗୋପନ କରିଥିଲୁ ?"

—"ମଣିଷଙ୍କ ସଙ୍ଗେ ଖେଳ ଖେଳିବାଟା ଗୋଟିଏ କୁଅଭ୍ୟାସ-ରେ ପରିଣତ ହୋଇଗଲାଣି, ଆଉ ମଧ୍ୟ ମୁଁ ଜାଣେ କେଉଁ ପରିସ୍ଥିତିରେ କ'ଣ କଲେ ମୁଁ ନିଜକୁ ବଞ୍ଚାଇ ପାରିବ । ଏ ଖିଆଲ କ'ଣ ମୋର ନଥିଲା ଯେ ପାଣି ଟାଙ୍କିଟା ଉପରେ ତାଙ୍କର ସନ୍ଦେହ ରହି ଯାଇଛି ବୋଲି । ପୁଣି ଦେଖିବାକୁ ପାଇଲି ସେମାନେ ଫେର ଆସିଛନ୍ତି, ତେଣୁ ସେଠାରେ ମୋର ରହିବାଟା ନିରାପଦର ସ୍ଥାନ ନୁହେଁ ବୋଲି ସ୍ଥିର କରି ନେଇଥିଲି । ତେଣୁ ମୁଁ ବାହାର ଘରର ଖୋଲା ଦରଜା କବାଟ ପଛ ପଛରେ ଥିବା କଡ଼ିଧରି ବନ୍ଧାଯାଇଥିବା କାଠ ଉପରେ ବସି ରହିଥିଲି, ସୁବ୍ରତ ବାବୁ ମଧ୍ୟ ଝରକା ଦେଇ ଉଙ୍କିମାରି ଦେଖୁ ଥିଲେ, ଆଉ ସେତେବେଳେ ଥିଲି ଖିଆଲ କରନ୍ତୁ । ସେ ଅବା ମୋତେ ଦେଖିବେ କପରି ?" ତା ଛଡ଼ା ଉକ୍ତ ଘରର ଝରକା ଗୁଡ଼ିକ ମଧ୍ୟ ସବୁ ଉନ୍ମୁକ୍ତ ଥିଲି ଓ ଲାଇଟି ଜଳୁଥିଲା । ତେଣୁ ସେମାନେ ଆଉ ସେ ଘର ପ୍ରତି ଗୁରୁତ୍ୱ ଦେଲେନି । ସନ୍ଦେହବି କଲେନି । ସିଧା ସଳଖଭାବେ ସେମାନେ ନେଉଟି ଆସିଲେ । ତାପରେ ସେମାନେ ଯେତେବେଳେ ବୁଝିଲେ । ଗୀତା ଆଉ ଆପଣଙ୍କ ଘରେ

Digitized by PPRACHIN, SOA

ନାହିଁ, ତେଣୁ ଆଉ ମୋର ଭୟ କରିବାର କୌଣସି ପ୍ରୟୋଜନ ରହିଲାନି । ମୁଁ ତ ଏଇନେ ସ୍ୱାଧୀନ । ମୁକ୍ତ ଆକାଶର ବିହଙ୍ଗମ ।

—"ଧନ୍ୟ ତମର ବୁଦ୍ଧି ଦୀପ୍ତି ଅପା ! ଧନ୍ୟ ତୁମର ବୁଦ୍ଧି ! ଯଦି ତୁମପରି ସୁ ଚତୁର ଦଲନେତ୍ରୀ ଆମ ଦଳ ମଧ୍ୟରେ କେହି ଜଣେ ଥାଆନ୍ତେ ତାହାହେଲେ ଏ ହତଭାଗା ଧିରେନ୍‌ଟା ବାରମ୍ବାର ଜିଅଲକୁ ଯାଇ ନଥାନ୍ତା ।

ଏହାକହି ଧିରେନ୍ ତାର ଲମ୍ବା ଲମ୍ବା କେଇଟା ଦାନ୍ତ ଦେଖାଇ ଗୁଳିଗଲି ଟେବୁଲଆଡ଼େ । ମୁହଁରେ,ତାର ଲାଗି ରହିଥିଲା, ଧନ୍ୟ ତୁମେ ଦୀପ୍ତି, ଧନ୍ୟ ତୁମେ, ଭଗବାନ ତୁମକୁ ନିରାପଦରେ ରଖନ୍ତୁ । ଆଜ ଦାରିଦ୍ର୍ୟର ସେବାତୁମ ଚିରଦିନ କାମ୍ୟ ହେଉ । ଏହାହିଁ ମୋର ଈଶ୍ୱରଙ୍କ ନିକଟରେ ବିନମ୍ର ବିନତି ।

ଧିରେନ୍‌ର ଏପରି ବାଗ୍ମିତା ଶୁଣି ବସନ୍ତ ବାବୁ ଓ ଦୀପ୍ତି ଏକା ସାଙ୍ଗରେ ହୋ, ହୋ, ହୋଇ ହସି ଉଠିଲେ ।

କିଛି ସମୟ କଟିଯିବାପରେ ଦୀପ୍ତି ବାହାରିଲା ଯିବାପାଇଁ । ବସନ୍ତବାବୁ ତାଙ୍କୁ ମଧ୍ୟ ବାଧା ଦେଲେନି । କେବଳ ଏତିକି ମାତ୍ର ପ୍ରଶ୍ନ କରିଥିଲେ ।

— "ଦୀପ୍ତି, ବର୍ତ୍ତମାନ ତୋର ଗତି କେଉଁ ଆଡ଼େ ?" ସାରା କଟକ ସହରଟା ଏକା ବେଳକେ ଶୃଙ୍ଖଳ୍ୟ ଖୋଲି ଯାଇଛି । ତୋ'ର କାର୍ଯ୍ୟ କଳାପ । ତାଛଡ଼ା ପୋଲିସ ବାହିନୀ ଓ ସୁବ୍ରତ ବାବୁ ଅତି ବ୍ୟଗ୍ର ହୋଇ ପଡ଼ିଛନ୍ତି, ତୋତେ ଖୋଜ ବାହାର କରିବାପାଇଁ ।

Digitized by PPRACHIN, SOA

ଏଣୁ ମୋର ତୋତେ ଆଦେଶ ନୁହେଁ, ଅନୁରୋଧ ଭୁ ଏ ପଥରୁ ଦୂରେଇ ଯା ଧୀପ୍ରା ?"

ସଂପ୍ରା ଏତେଗୁଡ଼ାଏ କଥା ଏକ ସାଙ୍ଗରେ ଶୁଣିପାଇଁ କହିଲା —"ମୁଁ ଜାଣେ ମୋତେ ଧରିବାପାଇଁ ପୋଲିସ ଏକ ପ୍ରକାର ଜାଲ ସୃଷ୍ଟି କରିଥିଲେ, ମହାପାତ୍ର ବାବୁଙ୍କ ଘରେ । କିନ୍ତୁ ସେ ସବୁକୁ ମୁଁ ଫାଙ୍କି ଦେଇ ମୋର କର୍ତ୍ତବ୍ୟକରି ଚାଲି ଆସିଛି । ହେଲେ ସେଥିରେ କ'ଣ ପୋଲିସ ବାହିନୀ ଶିକ୍ଷା ପାଇଛନ୍ତି, ଆହୁରି କିଛି ଶିକ୍ଷା ସେମାନଙ୍କ ପକ୍ଷେ ପ୍ରୟୋଜନ ଅଟେ । ଏଇବାରହିଁ ଆପଣ ମଧ୍ୟ ଜାଣିପାରିବେ ମୋର କପରି ତାଙ୍କ ପାଇଁ ଜାଲ ସୃଷ୍ଟି ହେଉଛି ।

× × × ×

ମିଲେଟାରି ଅଫିସରଙ୍କ ଘରୁ ଚୋରି ହୋଇ ଯାଇଥିବା ଖବରଟା ଗୋପନ ରହିଲାନାହିଁ । ପରଦିନ ଓପରବେଳା ସମସ୍ତ ଖବର କାଗଜରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଇଗଲା ।

ଆହୁରିମଧ୍ୟ ସେଥିରେ ଉଲ୍ଲେଖ ଥିଲା ମହାପାତ୍ରଙ୍କ ଘରୁ ଯେଉଁ ଚୋରି ହୋଇଗଲା ଏଖବର ମଧ୍ୟ ବହୁ ପୂର୍ବରୁ ପୋଲିସ ଷ୍ଟେସନରେ ପହଞ୍ଚି ସାରିଥିଲା । ପୋଲିସ ମଧ୍ୟ ଆଗରୁ ସଜାଗ ହୋଇ ଆସି ଘଟଣା ସ୍ଥଳେ ଉପସ୍ଥିତ ହୋଇଥିଲେ । ହେଲେ କଣ ହେବ ଦସ୍ୟୁ

Digitized by PPRACHIN, SOA

ନାୟିକା ଗୀତା'ତାର ବୁଦ୍ଧିର ପରକାଷ୍ଠା ଦେଖାଇ ସମସ୍ତ ମୂଲ୍ୟବାନ ବସ୍ତୁ, ହୀର ଲାଲ ଓ ସୁନାଧନ ଚମ୍ପଟ ।

ସମ୍ବାଦ ଦାତାମାନେ କମ୍ ନମ୍ବର ନୁହଁନ୍ତି ସେ ମଧ୍ୟ ଏ ଘଟଣାଟିକୁ ଏପରି ଭାବରେ ଅତି ରଞ୍ଜିତ କରି ଲେଖି ଦେଇଥିଲେ ଯେ ତାକୁ ଯେ କୌଣସି ଲୋକ ପଢ଼ିବେ ତାର ଯେ ପୋଲିସ ମହଲରେ ବିଶ୍ୱାସ ରହିବ, ତା ନୁହେଁ । ବରଂ ଘୃଣାରେ ନାକ ଟେକିବେ । ବେଡ଼ି ଉପରେ କୋରଡ଼ା ମାଡ଼ପରି ବ୍ୟଙ୍ଗ ଚିତ୍ରମାନ ଦେବାକୁ ମଧ୍ୟ ଭୁଲିବେ ନାହିଁ । ସେତିକିରେ ଜଣେ ସାକ୍ଷୀ ମିଳିଲା ତା ନୁହେଁ । ଖଣ୍ଡିଏ ଚିଠି ମଧ୍ୟ କେହିଜଣେ ଆଣି କେତେବେଳେ ବା କେଉଁ ମୁହୂର୍ତ୍ତରେ ଲେଖକ ବସନ୍ତବାବୁଙ୍କ ଘରେ ଦେଇ ଯାଇଥିଲା କେହି ଜାଣି ନାହାଁନ୍ତି । ସେ ଚିଠିରେ ମଧ୍ୟ ଏତିକି ଉଲ୍ଲେଖ କରା ଯାଇଥିଲା ।

ସମ୍ବାଦଦାତା ମହାଶୟ !

ଗତରାତିରେ ଗୀତା ମହାପାତ୍ର ବାବୁଙ୍କ ଘରୁ ଯେଉଁ ମୂଲ୍ୟବାନ ଜିନିଷଗୁଡ଼ିକ ଆଣିଥିଲି ସେ ସବୁ ବଜାରରେ ବିକ୍ରୟ ହୋଇ ଗରିବ ଓ ନିଃସ୍ୱ କାଙ୍ଗାଳ ମାନଙ୍କୁ ବିତରଣ କରାଗଲା । ସେଥି ମଧ୍ୟରୁ ତାର ଗୋଟିଏ ନୂଆ ପଇସା ମଧ୍ୟ ନିଜକାମରେ ଲଗାଇନି ।

ଖବର କାଗଜରେ ଏପରି ନମ୍ବର ଲେଖାଗୁଡ଼ି ପଢ଼ି ସେ ଯେ ନିଜକୁ ଭୁଲିଯାଇ ମୁଣ୍ଡଟାକୁ ଦୁଇ ହାତରେ ଆଘାତ ଦେବାକୁ ଲାଗିଲେ, ଖାଲି ତାଙ୍କର ଆଖି ଆଗରେ ଗୀତାର ପୌରୁଷ ଓ ପ୍ରଶଂସା । ଆଉ ସେ ସ୍ଥଳରେ ତାଙ୍କପକ୍ଷେ ଅପମାନ, ଓ ଲାଞ୍ଛନାର ବୋଝ ।

Digitized by PPRACHIN, SOA

ଆଜ ପୋଲିସ ସମସ୍ତଙ୍କ ଆଖି ଆଗରେ ହୋଇ ପଡ଼ିଛନ୍ତି ଅତି ନଗନ୍ୟ ଓ ଅତି ଘୃଣ୍ୟ । ଆଉ ଶ୍ରଦ୍ଧାର ପାତ୍ରୀ ହୋଇ ଉଠିଛି ସେହି ଘରର ଅପହରଣକାରିଣୀ ଗୀତା ।

ସୁବ୍ରତ ବାବୁ ଉପରସ୍ଥ କର୍ମଚାରୀ ମାନଙ୍କଠାରୁ ଯେଉଁପରି ଅପମାନିତ ହେବାକୁ ପଡ଼ୁଛନ୍ତି, ତାହା ଭାଷାରେ ଅବର୍ଣ୍ଣନୀୟ । ଓଡ଼ିଶାରେ ସେ ହେଉଛନ୍ତି ଜଣେ ପ୍ରଥମ ଶ୍ରେଣୀର ସି· ଆଇ. ଡ଼ି, ସେ ଯେଉଁ ଫାଇଲ୍‌ଟିକୁ ହାତକୁ ନଅନ୍ତି ତାଙ୍କୁ ଶେଷ ନ କରିବା ପର୍ଯ୍ୟନ୍ତ ଖାଇବା ପିଇବା ଓ ଶୋଇବା ଏ ସବୁ ଯେପରି ବିଷ ପରି ଲାଗେ । ଆଉମଧ୍ୟ ତାଙ୍କ ନାଁ ଶୁଣିଲେ ଯେତେ ବଡ଼ ବଡ଼ ଦସ୍ୟୁ ହେଉନ୍ତୁନା କାହିଁକି ତାଙ୍କଆଗରୁ ବହୁ ଦୂରକୁ ଦୂରେଇ ଯାଆନ୍ତି । ଯେଉଁଠିକି ସୁବ୍ରତ ବାବୁଙ୍କର ନାଁ ପର୍ଯ୍ୟନ୍ତ ଶୁଣିବାକୁ ମିଳିବନାହିଁ । କିନ୍ତୁ ସେ ଆଜ ସାମାନ୍ୟ ଗୋଟିଏ ନାରୀ ନିକଟରେ ହାରି ଯାଉଛନ୍ତି । କୌଣସି ବୁଦ୍ଧି ଯେପରି ତାଙ୍କର ଆଉ କାର୍ଯ୍ୟକାରୀ ହେଉନି । କେବଳ ଏତେ ଚିନ୍ତିତ ଥାଇ ସୁଦ୍ଧା ଥରେ ଫୋନର ଡ଼ାଇଲି ଘୁରାଇଲେ । ୧୩୭୪ ବସନ୍ତ ବାବୁଙ୍କ ଫୋନ ନମ୍ବର ।

ବସନ୍ତ ବାବୁଙ୍କୁ ସେ ପ୍ରଶ୍ନକଲେ—"ଆପଣଙ୍କୁ ସେଦିନ ଏତେ ଅନୁରୋଧ କରି କହି ଆସିଥିଲି ଆପଣ ମୋ କଥାରେ ଟିକିଏ ଚିନ୍ତାହେଲେ କଲେନି ?" ଶେଷରେ ମୋତେ ଲୋକ ଲୋଚନରେ···· ।

"ଆପଣ ମୋତେ ଭୁଲ ବୁଝନ୍ତୁ ନାହିଁ ସୁବ୍ରତ ବାବୁ ?" ଅପର ପ୍ରାନ୍ତରୁ କହିଲେ ବସନ୍ତ ବାବୁ ।

ଯା ସବୁ ଆଜ ଦୈନିକ ସମାଜ ପତ୍ରିକାରେ ପ୍ରକାଶ ପାଉଛି । ତା ସମ୍ବନ୍ଧରେ ମୁଁ କୌଣସି କଥା ଜାଣିନାହିଁ । ଆଉମଧ୍ୟ ଯେଉଁ

Digitized by PPRACHIN, SOA

ଲେଖାଗୁଡ଼ ପ୍ରକାଶ ପାଇଲା ସେ ଲେଖା ଗୁଡ଼ ମୋର ନିଜଲେଖା ନୁହେଁ । ମୁଁ ଜାଣେ ଆପଣ ସେ ଲେଖାଗୁଡ଼ିକ ପଢ଼ି ମୋତେ ଆପଣ ଏହିପରି ଗୋଟିଏ ପ୍ରଶ୍ନ ବାଢ଼ି ବସିବ । ମୋତେ ଆପଣ ବିଶ୍ୱାସ କରନ୍ତୁ । ମୁଁ ଯାହାକୁ ଯେଉଁ ପ୍ରତିଶ୍ରୁତି ଦିଏ ସେଥିରୁ କେବେ ହେଲେ ଟଳି ପଡ଼େନା । ମୋ କଥା ଅଟଳ ।

କିନ୍ତୁ ସମସ୍ତ ଚନ୍ଦ୍ରାକର ସୁବ୍ରତ ବାବୁ ଠିକ୍ କଲେ ଏ ସବୁ ବସନ୍ତ ବାବୁଙ୍କ ଦ୍ୱାରା ପ୍ରକାଶ ପାଇବ । ଏ ସବୁର ମୂଳରେ ସେହି ବୃଦ୍ଧି ମଣି ଗୀତା । ଗୀତା ମୋ ତ ଦୁନିଆଁ ଆଖିରେ ଦର୍ଶାଇ ଦେବାକୁ ଚାହେଁ ମୁଁ ତା ନିକଟରେ ଖୁବ୍ ଶ୍ରେଷ୍ଠ, ଓ ଖୁବ୍ ଭୁକ୍ତ ।

ପୁନରାୟ ବସନ୍ତବାବୁଙ୍କ ସାଙ୍ଗରେ ଥିବା ଫୋନ ନମ୍ବର ବାଛି ନିଷ କରି ସଯୋଗ କଲେ ଉକ୍ତ ପତ୍ରିକା ଅଫିସକୁ ।

ପତ୍ରିକା ଅଫିସର ଜାଣିବାକୁ ପାଇଲେ ଏ ଯେଉଁ ଚିଠି ଆପଣ ପଢିବାକୁ ପାଇଲେ ସେ ଚିଠିଖଣ୍ଡି କୌଣସି ନିର୍ଦ୍ଦିଷ୍ଟ ଠିକଣାରୁ ଆସିନି । କେହିଜଣେ ସେ ଚିଠିଖଣ୍ଡି ଆଣି ଆମ ଅଫିସ ନିକଟରେ ଥିବା ଲେଟର ବାକ୍ସରେ ପକାଇ ଦେଇ ଯାଇଥିଲା ।

—"ଆପଣ ତାହାହେଲେ ସେ ଲୋକଙ୍କୁ ଦେଖି ନାହାନ୍ତି ?"

—"ନା"

—"ତାହାହେଲେ ସେ ଲେଖା ପ୍ରକାଶ କଲେ କିପରି ?"

—"ଆମର ପତ୍ରିକାର ନିୟମାବଳୀରେ ଅଛି, ସେ ଚିଠି ଖଣ୍ଡି ଯଦି କୌଣସି ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଦସ୍ତଖତ ହୋଇ ଥାଏ ତାହେଲେ ଆମ୍ଭେ ସେ ଲେଖାକୁ ପ୍ରକାଶ କରିପାରିବୁ ।

—"ଆପଣ କଣ ଏ ଚିଠିଖଣ୍ଡିକାରେ କୌଣସି ପଞ୍ଚାୟତର ସରପଞ୍ଚଙ୍କ ଦସ୍ତଖତ ପାଇଥିଲେ ?"

Digitized by PPRACHIN, SOA

—"ଆପଣ ଖାଲି ଦସ୍ୟୁଟିର୍ କଥା କଣ ପଚାରୁଛନ୍ତି ?" ସରପଞ୍ଚ ମଧ୍ୟ ଏଥି ମଧ୍ୟରେ ଖଣ୍ଡିଏ ଚିଠି ଲେଖି ପଠାଇ ଦେଇଥିଲେ । ସେଥିରେ ସେ ଲେଖି ଦେଇଥିଲେ, ଏହାକି ଯେ ଏଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ଘଟଣା, ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ।

—"ଆଚ୍ଛା ! ଆପଣ ମୋତେ ଯେଉଁ ସରପଞ୍ଚଙ୍କ ଦସ୍ୟୁଟିର୍ କଥା କହୁ-ଛନ୍ତି ତାଙ୍କର ଫୋନ ଅଛି କି ? ଆଉ ସେ ଫୋନ ନମ୍ବରଟା ମୋତେ କହନ୍ତୁ ?"

—"ନାଁ, ତାଙ୍କର ଫୋନ ନାହିଁ ।"

—"ତେବେ ତାଙ୍କ ଠିକଣା"

—"B.N.P, K.K.G.P ଏହି ଠିକଣାରେ ଆପଣ ତାଙ୍କୁ ସାକ୍ଷାତ କରି ପାରିବେ ।

ତାପରେ ସୁବ୍ରତ ବାବୁଙ୍କ ସ୍କୁଟର ଖଣ୍ଡି ଯାଇଁ ଠିକଣା ସ୍ଥାନରେ ପହଁଞ୍ଚିଲା । ସେତେବେଳେ ସରପଞ୍ଚ ମହାଶୟ ବାହାର ପଡ଼ିଥିଲେ କଣ ଗୋଟିଏ ଗ୍ରାମ୍ୟ ଦଳାଦଳିର ଝଗଡ଼ାର ସମାଧାନ ପାଇଁ । ହଠାତ୍ ସୁବ୍ରତ ବାବୁଙ୍କୁ ଦେଖି ତାଙ୍କୁ ସାଦରେ ନମସ୍କାରଟିଏ ଜଣାଇ ବସିବା ପାଇଁ ଖଣ୍ଡିଏ ଚେୟାର ଆଣି ଦେଲେ । ସୁବ୍ରତ ବାବୁ ବସୁ ବସୁ ପ୍ରଶ୍ନ କଲେ—"ମୋର ଆପଣଙ୍କ ନିକଟରେ ଗୋଟିଏ ବିଶେଷ ଦରକାର କାମ ଥିବାରୁ ଚାଲି ଆସିଲି, ଆପଣ ମୋତେ ସଠିକ୍ ଉତ୍ତରଟିଏ ଦେଲେ ମୋର ଅନୁସନ୍ଧାନର ପଥ କେତେକାଂଶରେ ସୁଗମ ହୋଇ ପାରନ୍ତା ।

—"ମୁଁ ଜାଣେ ଆପଣ ମୋତେ କେଉଁ କଥା ପଚାରିବା ପାଇଁ ଛୁଟି ଆସିଛନ୍ତି । ତୁମେ ଯେଉଁ ଦସ୍ୟୁ କଥା ମୋତେ ପଚାରିବାକୁ ଚାହୁଁଛନ୍ତି । ସେ ଏହି କିଛି ସମୟ ପୂର୍ବରୁ ଆପଣ ମୋ ପାଖକୁ ଆସିବେ ବୋଲି ଖବର ପଠାଇ ଥିଲା ।

Digitized by PPRACHIN, SOA

—"ଏ କ'ଣ କହୁଛନ୍ତି ଆପଣ ? ମୁଁ ଯେ ଆପଣଙ୍କ ନିକଟକୁ ଆସିବି ଏ କଥା ତ ଆଉ କେହି ଜାଣି ନ ଥିଲେ, ଆଉ ସେ ଖବର ଆଣି ପହଞ୍ଚାଇ ଦେଲା କିଏ ?"

—"ଜଣେ ଅଳ୍ପ ବୟସ୍କା ତରୁଣୀ, ନାଁ ତାର ଗୀତା।"

—"ସେ କେତେବେଳେ ଓ କେଉଁ ମୁହୂର୍ତ୍ତରେ ଆସିଥିଲା ?"

—"ଏଇତ ଆପଣଙ୍କ ଆସିବା ଦୁଇ ଘଣ୍ଟା, ମିନିଟ୍ଟା ପୂର୍ବରୁ।"

"ସେ ଗଲା କେଉଁଆଡ଼େ ?"

"ସେ ଦିଗକୁ ଅବଶ୍ୟ ମୋର ଧ୍ୟାନ ନାହିଁ। ତେବେ ମୋର ମନେ ହେଉଥିଲା ସେ ଯେପରି ଖୁବ୍ ବ୍ୟସ୍ତ ଥିବାପରି।"

—"ଦେଖିବାକୁ ସେ କିପରି ?"

—ଠିକ ଗୋଟିଏ ରାଜକନ୍ୟାପରି, ତାର ବେଶ ପରିପାଟିରୁ ଜଣା ଯାଏ, ଖୁବ୍ ଉଚ୍ଚ ବଂଶୀୟା ହେବ।"

—"ହେଉ, ଆଉ ତା'ର ରୂପର ବର୍ଣ୍ଣନା କରନ୍ତୁନି, ଆପଣ ତାଙ୍କୁ ଜାଣନ୍ତିନି ସେ କିଏ ବୋଲି, ସେ ହେଉଛି ସେହି ଦସ୍ୟୁ ନେତ୍ରୀ ଗୀତା।"

—"ସେ କଥା ଅବଶ୍ୟ ମୁଁ ଜାଣିବି କିପରି। ମୁଁ ତ ଆଉ ଆପଣଙ୍କ ପରି ଗୁପ୍ତଚର ସି: ଆଇ: ଡ଼ି ନୁହେଁ।"

—"ଆପଣ କଣ ତା ହେଲେ ମୋ ସାଙ୍ଗରେ ଥଟ୍ଟା କରୁଛନ୍ତି ?"

—"ଏପରି ଅମଙ୍ଗଳ କଥା ଆପଣ କଣ କହୁଛନ୍ତି ସୁବ୍ରତ ବାବୁ ?" ସିଂହ ନିକଟରେ ହରିଣ ଛୁଆର ଖେଳ କଣ ଶୋଭା ପାଏ ?"

—"ଆପଣ ଯେଉଁ ପତ୍ରଖଣ୍ଡି ପତ୍ରିକା ଅଫିସକୁ ପଠାଇଥିଲେ ସେଥିରେ ତାର ଠିକଣା ଅଛି ଜାଣିଛନ୍ତି ?"

—"ନିଶ୍ଚୟ ଏପରି ଦାଇତ୍ୱବାନ ଚିଠି ଖଣ୍ଡି ଉପରେ ଗୁରୁତ୍ୱ ନ ଦେଇ କଣ କେବେ ମୁଁ ଏପରି ଅନ୍ୟାୟ କାର୍ଯ୍ୟ କରିପାରେ ?"

Digitized by PPRACHIN, SOA

—"ସେ ଠିକଣାଟି ମୋତେ ଦେଖାଇ ପାରିବେକି ?"

ସରପଞ୍ଚ ମହାଶୟ ଯେତେବେଳେ ଚିଠିଖଣ୍ଡି ଆଣି ସୁବ୍ରତ ବାବୁଙ୍କ ହାତକୁ ବଢ଼ାଇ ଦେଇଛନ୍ତି । ସୁବ୍ରତ ବାବୁ ତାକୁ ଆଦ୍ୟରୁ ପ୍ରାନ୍ତ ଯାଏ ଗୋଟିଏ ନିଶ୍ୱାସରେ ଦୁଇଥର ଆଖି ବୁଲାଇ ନେଲେ । ସେ ଠିକଣା ଆଉ ଅନ୍ୟ କାହାର ନୁହେଁ । ନାଁ ଟାର ଯାହା କେବଳ ପରିବର୍ତ୍ତନ କରି ଯାଇଛି । ହେଲେ ଠିକଣାଟି ସମ୍ପୂର୍ଣ୍ଣ ତାଙ୍କର ନିଜର ।

"ଦେଖନ୍ତୁ ସରପଞ୍ଚ ବାବୁ ! ଆପଣ ମୋଠାରୁ ବୟସରେ ଯଥେଷ୍ଟ ଗୁଣେ ବଡ଼ ଅଟନ୍ତି, ତେଣୁ ମୋର ଆପଣଙ୍କୁ ଉପଦେଶ ଦେବାଟା ନିହାତି ଅମୂଳକ, ତେବେ ଯେତେ ବେଳେ ଏ ଖବରଟା ଆପଣ ପତ୍ରିକା ଅଫିସକୁ ପଠାଇଲେ, ଏ ଠିକଣାଟି ଠିକ୍ କି ଠିକ୍ ଥରେ ଘଟଣା କ୍ଷେତ୍ରକୁ ଯାଇଁ ଏହାର ଉପଯୁକ୍ତ ପ୍ରମାଣ ଉପରେ ଗୁରୁତ୍ୱ ଦେଇଥିଲେ କି ?"

—"ତାହାହେଲେ ଆପଣଙ୍କ ବକ୍ତବ୍ୟ ଏହିଯେ, ଏହି ସାମାନ୍ୟ ସାମାନ୍ୟ ଘଟଣା ନେଇ ମୋତେ କଣ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ଗୋଇନ୍ଦା ନିଯୁକ୍ତ କରିବାକୁ ପଡ଼ିବ ?"

ଏହିପରି ଉତ୍ତରଟିଏ ସେ ଯେତେବେଳେ ଶୁଣିଲେ ଆଉ ସେ ତାଙ୍କୁ ସେଠାରେ କ୍ଷଣକ ମାତ୍ର ରହି ହାସ୍ୟାସ୍ପଦ ହେବାଛଡ଼ା ଅନ୍ୟକିଛି ଉପାୟ ନଥିଲା । ତେଣୁ ସେ ସେଠାରେ ବିଶେଷ ବାକ୍ୟ ବ୍ୟୟ ନକରି ଦ୍ରୁତଗତିରେ ନିଜର ସ୍କୁଟର ଟିଣ୍ଡି ଛୁଟାଇ ଦେଲେ ଘରଅଭିମୁଖେ । ଯିବା ପଥରେ ପ୍ରତିଜ୍ଞା କରି ଗଲେ ସେ । ଯଦି କୌଣସି ଦିନ ଏ ସରପଞ୍ଚ ମୋ ହାତ ମୁଠାକୁ ଆସେ ସେହି ଦିନ ସ୍ୟାଙ୍କୁ ବୁଝାଇ ଦେବି ସିଂହ ସଙ୍ଗେ ହରିଣ ଖେଳ ଖେଳିଲେ ଶେଷରେ ପରିଣାମ କଣ ହୁଏ ।

ସବୁ ଯାଗାରେ ଖାଲି ସେହି ଗୀତାର ନାମ । କ୍ରମେ କ୍ରମେ ମଧ୍ୟ ସୁବ୍ରତ ବାବୁଙ୍କ ଘରର ଆଲୋକ ରଶ୍ମି, ମଳିନ ଧରି ଆସିଲାଣି । ଆଜି ସେହି ପତ୍ର

Digitized by PPRACHIN, SOA

ପତ୍ରିକାରେ ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଉଛି ଗୀତାର ଭୂରି ଭୂରି ପ୍ରଶଂସା । ପର ଉପକାରିଣୀ, ପରପାଇଁ ସବୁବେଳେ ଦୁଃଖରେ କାତରତା । ପରର ଦୁଃଖ ଯେପରି ତାର ଗୋଟିଏ ଅଂଶ । ଅନ୍ୟର ଉପବାସ ଦେଖିଲେ ସେ ସେଥିରେ ହୁଏ ମ୍ରିୟମାଣ ।

ସେ ଦିନ କାଗଜରେ ପଢ଼ିବାକୁ ମିଳିଥିଲା କେହି ଜଣେ ଅନାଥ ବିଧବା ବ୍ରାହ୍ମଣ ଘରର ସମ୍ପତ୍ତିକୁ ଭୟ ଦେଖାଇ ଯୋର ଯବର ଦସ୍ତ ଦଖଲ କରି ନେଇଥିଲା, ସେହି ଗ୍ରାମର ଜଣେ ଠାକୁର । କିନ୍ତୁ ଗୀତାର ଭୟରେ ଅପହୃତ କାରି ବ୍ୟକ୍ତି ପୁଣି ତାଙ୍କୁ ଫେରାଇ ଦେଇଛି । ଆହୁରି ମଧ୍ୟ ହଜାର ହଜାର କୋଷ୍ଟରୋଗୀଙ୍କ ପାଇଁ ଗୋଟିଏ ବିରାଟ ହାଲଘର ପ୍ରସ୍ତୁତ କରାଇ ଦେଇ ସମସ୍ତଙ୍କୁ ସେଇଠାରେ ସ୍ଥାନ ଦେଇଛି । ତା ଛଡ଼ା ମଧ୍ୟ ସେମାନଙ୍କର ଖାଇବା ପିନ୍ଧିବା, ଔଷଧ ଓ ଡ଼ାକ୍ତର ସମସ୍ତଙ୍କର ବ୍ୟବସ୍ଥା ଖୁବ୍ ଉଚ୍ଚ କୋଟିର ବ୍ୟବସ୍ଥା ଅଛି । ଗରିବ ମାନଙ୍କର ସେ ହେଉଛି ସ୍ୱୟଂ ଜନ୍ମଦାତ୍ରୀ ଓ ଧନୀ ଲୋକମାନଙ୍କ ପାଇଁ ସଂହାର କାରିଣୀ । ଆଉ ସେମାନଙ୍କ ପାଇଁ ଖାଲି ପ୍ରତିଶୋଧର ରକ୍ତ ଗୃଦ୍ଧକ ।

ଗୀତାର ନାଁ ଶୁଣିଲେ କେହି ଅବା ଭୟରେ ଶିହରି ଉଠେ । ଆଉ କିଏ ଅବା ତାକୁ ଦୁଷ୍ଟ ଦଳନୀ ଭାବି ତାର ଜୟ ଜୟ ଧ୍ୱନି ଦେବାକୁ ଲାଗନ୍ତି ଓ ଭକ୍ତିର ପ୍ରଣାମ ବାଢ଼ନ୍ତି ।

ଗୀତାର ପଛେ ପଛେ ଦୌଡ଼ି ଦୌଡ଼ି ସୁବ୍ରତ ବାବୁଙ୍କ ଅନ୍ତର ଆତ୍ମା ଯେପରି ଅବଶ ହୋଇ ପଡ଼ୁଛି । ସେ, ଯେ ତା,ର ପ୍ରତିବମ୍ବର ପଛେ ପଛେ ଅନ୍ଧ ଧାବନ କରୁଛନ୍ତି ନିଜକୁ ନିଜେ ବୁଝି ପାରୁଥିଲେ ସିନା, ତାଙ୍କର ଏ ଧାରଣା ଅଛି ଯେଉଁ ଗୀତା ପୋଲିସଙ୍କ ଗୁପ୍ତ ଖବର ଓ ପ୍ରକାଶ୍ୟ ଭାବରେ ଚୋରି କରି ପାରୁଛି । ସେ ଯେ ଏକୁଟିଆ ତା ନୁହେଁ, ତାର ଅନେକ ଗୁପ୍ତଚର ତାକୁ ଏହିସବୁ କାର୍ଯ୍ୟରେ ସାହାଯ୍ୟ ନିଶ୍ଚୟ କରୁଥିବେ, ଏହା ନିସନ୍ଦେହ । ତାଙ୍କ ମଧ୍ୟରୁ ସେ ଯଦି ଜଣକୁ ହାତ ମୁଠାରେ ପାଇ ପାରନ୍ତି

Digitized by PPRACHIN, SOA

ତାହାହେଲେ ତାଙ୍କୁ ଆଉ ଏତେଟା କଷ୍ଟ ସ୍ୱୀକାର କରିବାକୁ ପଡ଼ନ୍ତାନି । ନିର୍ଦ୍ୱନ୍ଦରେ ଦସ୍ୟୁ ନେତ୍ରୀ ଗୀତାକୁ ଆରେଷ୍ଟ କରି ପାରନ୍ତେ ।

ସୁବ୍ରତ ବାବୁଙ୍କର ଘରେ ଓ ବାହାରେ ଯେଉଁଠି ଯାନ୍ତି ସେଇଠି ଖାଲି ଗୋଟିଏ ଭାବନା ଗୀତା ! ଗୀତା ତାଙ୍କ ଜୀବନର ଗୋଟିଏ ବଡ଼ ଶତ୍ରୁ ।

ବେଳ ଚାରିଟା । ସୁବ୍ରତ ବାବୁ ଘରେ ଆସି ଶୁଣିଲେ ସ୍ତ୍ରୀ ଅନ୍ନପୂର୍ଣ୍ଣା ତାଙ୍କୁ କହୁଛନ୍ତି ଆପଣଙ୍କୁ କେହି ଜଣେ ଭଦ୍ର ମହିଳା ଦୀର୍ଘ ସମୟ ଧରି ଆପଣଙ୍କ ସହିତ ସାକ୍ଷାତ କରିବାକୁ ପ୍ରତୀକ୍ଷା କରି ବସି ରହିଛନ୍ତି—ଆମ ବୈଠକ ଖାନାରେ । ଆଜି ଆପଣଙ୍କର ଫେରିବା ଏତେ ବିଳମ୍ବ ହେଲା କାହିଁକି ?”

—“ମୁଁ, କଣ ନିଜ ଇଚ୍ଛାରେ ଜାଣି ଶୁଣି ବିଳମ୍ବ କରୁଛି । ମୋତେ ପରା ଆଜି ମଟଗମ୍ବର ଯିବାକୁ ପଡ଼ିଥିଲା ।”

—କାହିଁକି ?

—“ଗୀତା ପାଇଁ । ହଠାତ୍ ଖଣ୍ଡିଏ ଚିଠି ଆସି ପହଞ୍ଚିଥିଲା । ଗୀତା ସେଠାରେ ଗୋଟିଏ ବଡ଼ ଧରଣର ଭୋଜିର ଆୟୋଜନ କରି ସାରା କଟକ ସହର ଓ ନିକଟବର୍ତ୍ତୀ ଅଞ୍ଚଳର ଯେତେକ ଭିକ୍ଷୁକ ଅଛନ୍ତି, ତାଙ୍କୁ ନିମନ୍ତ୍ରଣ କରି ଖାଇବାକୁ ଦେବ । ଅଯଥା ଯେତେବେଳେ ଏ ଖବରଟା ପାଇଲି ନଯାଇ ଥାନ୍ତି ବା କିପରି ?”

ଏ କଥା ଶୁଣି ସୁବ୍ରତ ବାବୁଙ୍କ ସ୍ତ୍ରୀ ଦୁଇଟା କାନରେ ଦୁଇଟା ଆଙ୍ଗୁଳି ପୂରାଇ କହିଲେ—“ଯେଉଁ କଥା କାଳେ ନା କାଳେ ଶୁଣା ନ ଥିଲା, ଆଜି ତା ଶୁଣିବାକୁ ମିଳିଲା । ଦସ୍ୟୁ ପୁଣି କରେ ଭୋଜି ?”

ଏ କଣ ଅନ୍ନପୂର୍ଣ୍ଣା ! ତୁମର ସେହି ପୁରୁଣା ଯୁଗର ଦସ୍ୟୁ ହୋଇଛି । ଏ ପରା ଆଧୁନିକ ରକେଟ ଯୁଗକଥା । ତୁମେତ ସବୁବେଳେ ରହିଲ ଘର କୋଣରେ । ବାହାରର କଥା ଅବା ଜାଣିବ କାହିଁ । ଶୁଣିନା ? ହକର ମାନେ ଯେତେବେଳେ କାଗଜ ବିକ୍ରୀ କରନ୍ତି ସେମାନେ କଣ କୁହନ୍ତି ?? ବୈଜ୍ଞାନିକ ଯୁଗର ରକେଟ । ଏ ଦସ୍ୟୁଟି ଠିକ୍ ସେହିପରି । ବର୍ତ୍ତମାନ ଯୁଦ୍ଧ

Digitized by PPRACHIN, SOA

ଦେଖିବ ଏଇଠାରେ । ଆଉ କ୍ଷଣକ ମଧ୍ୟରେ ଦେଖିବ ଯାଇଁ ଅନ୍ୟ କେଉଁଠି ସତେ ଯେପରି ତା,ର ଦୁଇଟା ଡେଣା ଲାଗିଛି । ଉଡ଼ି ଯାଉଛି କି କଣ ? ସେଦିନ ଯେଉଁଦିନ ସେ ବସନ୍ତ ବାବୁଙ୍କ ଘରେ ଆତ୍ମଗୋପନ କରିଥିଲା । ଏପରି ଭାବରେ ସେହି ଆମ ଆଖି ଆଗରୁ କ୍ଷଣକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇ-ଗଲା ଆମ୍ଭେମାନେ କିଛି ଜାଣି ପାରିଲୁ ନାହିଁ । ମୋର ସେହିଦିନଠାରୁ ଧାରଣା ସେ ସାଧାରଣ ଦସ୍ୟୁ ନୁହେଁ । ନିଶ୍ଚୟ ତାଠାରେ କୌଣସି ଦୈବ ଶକ୍ତି ଅଛି । ଯା ଫଳରେ·········।

— "ତାହେଲେ ତା ପଛେ ପଛେ ଗୋଡ଼ାଇ ଲାଭ କଣ ? ତୁମେ ଆଜ ଯେଉଁଠାକୁ ଯାଇଥିଲ, ସତକୁ ସତ କଣ ସେଠାରେ ଏହିପରି ଭୋଜିର କିଛି ଆୟୋଜନ ହୋଇ ଥିଲା ??"

—"ହଁ ହୋଇଥିଲା ।" ହେଲେ ଗୀତା ସେଠାରେ ଉପସ୍ଥିତ ନ ଥିଲା ।

—"ତେବେ କଣ ସେ ଟଙ୍କା ପଇସା ଦେଇ ନିଜକୁ ଗୋପନ ରଖିଛି ?"

—"ତା ନୁହେଁତ ଆଉ କଣ ।"

—"ତାହେଲେ ଗୀତା ଦସ୍ୟୁ ହେଲେ କଣ ହେବ, ତାର ଗରିବ ଉପରେ ଦୟା ଅଛି ଓ ମମତା ଅଛି ତାକୁ ଆପଣ ଅଯଥାରେ ଧରିବାକୁ ପ୍ରୟାସ କରୁଛନ୍ତି କାହିଁକି ?"

ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କ କଥା ଯେପରି ତାଙ୍କ ଦେହର ଇଲେକ୍‌ଟ୍ରିକ୍ ସର୍ଟ୍ ପରି ଲାଗିଲା, ରାଗରେ ଗର୍ଜିଉଠି କହିଲେ —"ଦେଖ ଅନ୍ନପୂର୍ଣ୍ଣା ! ତୁମ ମୁଖରେ ଏ ସବୁ କଥା ଆଦୌ ଶୋଭା ପାଏନା । ଯାହାପାଇଁ ମୁଁ ରାତଦିନ·····।

ସ୍ୱାମୀଙ୍କର ମୁଖ ମଣ୍ଡଳକୁ ଦେଖି ଅନ୍ନପୂର୍ଣ୍ଣା ଦେବୀ କଥାର ଖିଅ ଘୁରାଇ କହିଲେ—"ହେଉ ତୁମେ ଯାଅ କାଲିଦିନଟା ସାରା ତୁମକୁ ଅନେକ ପରିଶ୍ରମ କରିବାକୁ ପଡ଼ୁଛି । ତା ଛଡ଼ା ଆଜ ଦିନଟା ବି ବିତିଯିବାକୁ

Digitized by PPRACHIN, SOA

ବସିଲଣି । ହାତଗୋଡ଼ ଧୋଇ ଆସ ଖାଇନଅ । ହଁ ଭୁଲିଗଲି, ତୁମ ସହିତ ସାକ୍ଷାତ କରିବା ପାଇଁ ବୈଠକ ଖାନାରେ ସେ ଘଣ୍ଟା ଜଣଙ୍କ ପରି ଅପେକ୍ଷା କରି ଅନେକ ସମୟ ଧରି ବସି ରହିଲେଣି, ତାଙ୍କୁ ଟିକିଏ ଦେଖା କରି ଆସ ?”

—“ମୁଁ ଘରକୁ ଆସିବା ବେଳେ ଆଗ ବୈଠକ ଖାନା ଆଡ଼େ ଦେଖି ଆସିଛି, କେହି ନାହାନ୍ତି ।”

—“ହୁଏତ ଆପଣଙ୍କ ବିଳମ୍ବ ଦେଖି ସେ ଚାଲି ଯାଇଥିବେ ।”

ଆଉ କୌଣସି କଥା ନକହି, ଅନ୍ନପୂର୍ଣ୍ଣା ଦେବୀ ରୋଷାଇ ଘରକୁ ଚାଲିଗଲେ । ସୁବ୍ରତ ବାବୁ ଜାମାର ଗୋଡାମ ଗୁଡ଼ି ଖୋଲି ଖୋଲି ସେଡ଼ ଦେଇ ଉପର ମହଲାକୁ ଯାଇ ଦେଖନ୍ତି ତାଙ୍କର ଶୋଇବା ଘରର ଦରଜା ଖୋଲା ଓ କେତେ ଗୁଡ଼ାଏ କାଗଜ ପତ୍ର ଓ ବହି ଗୁଡ଼ି ତଳେ ଏପଟ ସେପଟ ହୋଇ ପଡ଼ି ରହିଛି । ଆଉ ଟେବୁଲ ଉପରେ ଥିବା ରେଡ଼ିଓର ହେଣ୍ଡେଲ ମଧ୍ୟରେ ଖୋସା ହୋଇ ରହିଛି ଖଣ୍ଡିଏ ଗ୍ରିନ ରଙ୍ଗର ଲଫାପା ।

ସୁବ୍ରତ ବାବୁ ଆଉ ଅନ୍ୟକୁ ଲକ୍ଷ ନକରି ଆଗ ସେହି ଲଫପା ଖଣ୍ଡି ଆଣି ଖୋଲି ପକାଇଲେ । ଦେଖିଲେ ସେଥିରେ ଲେଖାଅଛି ।

ଦୁରଦର୍ଶୀ ସି: ଆଇ. ଡ଼ି: ଇନସ୍‌ପେକ୍‌ଟର ମିଷ୍ଟର ସୁବ୍ରତ ବାବୁ ! ବଡ଼ ଦୁଃଖେର କଥା ବହୁ ପରିଶ୍ରମ ଓ କାର୍ଯ୍ୟର ଅବହେଳା କରି ତୁମ ସହିତ ସାକ୍ଷାତ କରିବା ପାଇଁ ବହୁତ ଦୂରରୁ ଧାଇଁ ଆସିଥିଲି ତୁମର ସେହି ପୂର୍ଣ୍ଣିମା ଶଶୀର ମୁଖ ମଣ୍ଡଳଟିକୁ ଦେଖିବାର ଆଶାନେଇ । କିନ୍ତୁ ତାହା ବ୍ୟର୍ଥ ହେଲା । ତେବେ ମୁଁ ଯେଉଁ ମହାନ ସ୍ୱାର୍ଥ ନେଇ ତୁମ ନିକଟକୁ ଛୁଟି ଆସିଥିଲି । ଯାହାହେଉ ସେ ସବୁ ମୋର ହସ୍ତଗତ ହୋଇଛି । ସେ ଜଣ ଆପଣ କି ତାହା ଜାଣିବାକୁ ଚାହୁଁଛନ୍ତି ? ସେ କେଇଖଣ୍ଡ ଧଳା କାଗଜର କଳା ଅକ୍ଷରରେ ଲେଖା । ଯେଉଁ ଗୁଡ଼ିକ ମୋତେ ଧରିବା ପାଇଁ ତୁମର ଅନେକ କ୍ଷେତ୍ରରେ ସାହାଯ୍ୟ କରିବ । ମୋର ଆଶା ଥିଲି ମୁଁ ଆସି ନଥାନ୍ତି ।

Digitized by PPRACHIN, SOA

ତୁମେ ନେଇ ଆମ ଆଡ଼ାରେ ଦେଇ ଆସିଥାନ୍ତ । କିନ୍ତୁ ପରେ ଚନ୍ଦ୍ରାକର ଦେଖିଲି ତୁମର ସମସ୍ତ ନାହିଁ । ମୋତେ ସେ ଗୁଡ଼ା ନେଇ ଦେଇ ଆସିବାକୁ, ତେଣୁ ବାଧହୋଇ ନିଜକୁ ଆସିବାକୁ ପଡ଼ିଲା । ଯା ହେଉ ମୁଁ ମୋର ସମସ୍ତ ଦରକାର ଜିନିଷ ଗୁଡ଼ା ନେଇ ଚାଲି ଯାଉଛି । ଏଥିପାଇଁ ଅବଶ୍ୟ ତୁମେ ତୁମ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଉପରେ ବିରକ୍ତ ହେବ । ନାଁ ତାଙ୍କର ଏଥିରେ ଆଦୌ ଦୋଷ ନାହିଁ, କାରଣ ଏ ସବୁ ତାଙ୍କର ଦେଖିବାକୁ ଆଦୌ ସମସ୍ତ ନଥିଲା । ସେ ତୁମ ଖାଇବାର ସାମଗ୍ରି ତିଆରି କରିବା ପାଇଁ ବଡ ବ୍ୟସ୍ତ ଥିଲେ । ହଁ ଏଗୁଡ଼ା ମୁଁ ନେଇଗଲି ସେଥିରେ ହୁଏତ ତୁମର ଅନେକ କ୍ଷତି ହୋଇପାରେ ବା ଅସୁବିଧାର ସମ୍ମୁଖିନ ହୋଇ ପାରନ୍ତି, ଏଣୁ ମୁଁ ଆନ୍ତରିକ ପକ୍ଷେ ବଡ଼ ଦୁଃଖିତ ।"

ଆଉରି ଗୋଟିଏ କଥା ଲେଖିବାକୁ ଭୁଲିଗଲି ମୁଁ । ଆପଣ ହୁଏତ ଶୁଣିଥିବେ ଆମର ଏଠାକାର ଶିଳ୍ପପତି ଗୌରିଶ୍ୟାମ ବାବୁଙ୍କୁ । ସେ ଗୋଟିଏ କାତର ମଣିଷଖିଆ ବାଘ । ଅଧିକ ଦାମରେ ଦ୍ରବ୍ୟ ବିକ୍ରୟ କରି ସେ ଆଜି ଲକ୍ଷପତି ହୋଇଛନ୍ତି । ତାଙ୍କ ପକ୍ଷରେ ଏତେ ଗୁଡ଼ାଏ ଧନ ରଖିବା ନିହାତି ଅଶୋଭନୀୟ କଥା । ତେଣୁ ମୁଁ ସେଇଥି ପାଇଁ ସ୍ଥିର କରିଛି ଆଗାମି ଅମାବାସ୍ୟା ଦିନ ତାଙ୍କ ଘରକୁ ଯିବି ଅତିଥି ହୋଇ । ଆଉମଧ ଆପଣ ବି ମୋ ସହିତ ସାକ୍ଷାତ କରିବା ପାଇଁ ବ୍ୟାକୁଳିତ । ଆଶା ଉକ୍ତଦିନ ତୁମର ମୋର ସେଇଠାରେ ସାକ୍ଷାତ ହେବ ।

କିନ୍ତୁ ସୁବ୍ରତ ବାବୁ ! ଖୁବ୍ ସାବଧାନ । ଅବଶ୍ୟ ଆପଣଙ୍କ ଭଲପାଇଁ କହୁଛି । ଏ ଖବରଟି ଯେପରି ଗୌରିଶ୍ୟାମ ବାବୁଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ ନ କରେ । କାରଣ ଏ ଖବର ଯଦି ସେ ଜାଣିବାକୁ ପାଆନ୍ତି, ତାହେଲେ ତାଙ୍କ ନିକଟରେ ଯେଉଁ ସବୁ ମୂଲ୍ୟବାନ ଜିନିଷ ଅଛି, ସେ ସବୁକୁ ହୁଏତ ଅନ୍ୟତ୍ର ସ୍ଥାନାନ୍ତରିତ କରି ଦେଇ ପାରନ୍ତି । ତାହେଲେବି ସୁଦ୍ଧା ସେ ଉକ୍ତ ଜିନିଷ ଗୁଡ଼ା ମୋ ଆଖି ଆଗରୁ ବେଶୀ ଦୂରକୁ ନେଇ ଯାଇ ପାରିବେ ନାହିଁ । ସେ ଯେଉଁଠାକୁ ନେବେ ମୋତେ ଅବିଦିତ ରହିବନି । ତେବେ

Digitized by PPRACHIN, SOA

ମୋର ଆପଣଙ୍କୁ କହିବାର ପ୍ରୟୋଜନ ଏହିକି କେବଳ ଆପଣଙ୍କ ମଙ୍ଗଳ ପାଇଁ, କାରଣ ତା ଯଦି ନ ହୁଏ, ତାହାହେଲେ ହୁଏତ ଆଉ ଆପଣଙ୍କର ଓ ମୋର ସେଦିନ ଘଟଣା କ୍ଷେତ୍ରରେ ଦେଖା ସାକ୍ଷାତ ହୋଇ ପାରିବନି । ତେଣୁ ଆପଣ ଏ ସବୁ କଥା ଗୋପନ ରଖି ଅମାବାସ୍ୟା ଦିନ ସାକ୍ଷାତ କରିବା ପାଇଁ ଅପେକ୍ଷା କରନ୍ତୁ । ଇତି ।

ଆପଣଙ୍କର—

ଗୀତା

ପୁନଶ୍ଚ ଆଉ ଗୋଟିଏ କଥା ଲେଖିବାକୁ ମୁଁ ଭୁଲିଗଲି, ଆଃ କି ସୁନ୍ଦର ସେହି ଗ୍ୟାସ । ଅନ୍ନପୂର୍ଣ୍ଣା, ଦେବୀ ସତେ କି ସୁନ୍ଦର ରୋଷାଇ କରି ପାରନ୍ତି । ରୋଷାଇ ଯା ହେଉନା କାହିଁକି ଆଜି ତାଙ୍କର ଯେଉଁ ସୁଗନ୍ଧର ଗ୍ୟାସ୍ ଗୁଡ଼ା ଆସି ମୋ ନାସିକାରେ ଲଗିଛି, ସେହି ଗ୍ୟାସ ମୁଁ ଆଦୌ ଭୁଲି-ପାରୁନି, ତେଣୁ ମୋର ଆଶା ଆଗାମୀ ଅମାବାସ୍ୟା ଦିନ ଯଦି ତୁମର ସେହି ପ୍ରଚଣ୍ଡ ଗୁଳି ବାରୁଦର ଆଲିଙ୍ଗନରୁ ମୁକ୍ତି ପାଏ, ତାହାହେଲେ ସ୍ୱଇଚ୍ଛାରେ ଦିନେ ଆପଙ୍କ ଘରକୁ ଅତିଥି ହୋଇ ଯିବି । ଆଉ ସେଇଦିନ ଅନ୍ନପୂର୍ଣ୍ଣା ଦେବୀ ନିଜ ସ୍ୱ ହସ୍ତରେ ରନ୍ଧା ସ୍ୱ ହସ୍ତରେ ପରିପୋଷଣ କରି ପାଖରେ ବସି ଖୁଆଇବେ ମୁଁ ସେହିଦିନ ନିଜକୁ ଧନ୍ୟ ମନେ କରିବି, ତେଣୁ ମୁଁ ନିଜକୁ ଆପଣଙ୍କ ତରଫରୁ ନିମନ୍ତ୍ରଣ ଗ୍ରହଣ କରି ନେଉଛି । ଆପଣଙ୍କୁ ଆଉ କଷ୍ଟ କରିବାକୁ ଦେଉନି ।

ଚିଠି ଖଣ୍ଡି ପଢିବା ମାତ୍ରେ ସୁବ୍ରତ ବାବୁଙ୍କ ମୁଖ ମଣ୍ଡଳଟି ହୋଇ ଉଠିଲି ହତ୍ୟାକାରି ପରି । ଦାନ୍ତରେ ଦାନ୍ତଘଷି କହି ଉଠିଲେ ସେ । ଗୀତା ଆସିବ ପୁଣି ଆମ ଘରକୁ ଅତିଥି ହୋଇ ଭୋଜି ଖାଇବାକୁ, ବ୍ୟାଘ୍ର ଗୁମ୍ଫା ମଧ୍ୟରେ ଭୋଜି ଖାଇଲେ ଶେଷ ପରିଣାମଟା କଣ ହେବ ବୋଧେ ସେ ଜାଣିନି । ଆସୁ ଦେଖୁମଧ୍ୟ ଅବସ୍ଥାଟା ସେ ଦିନ ତାର କଣ ହୁଏ ।

ତା ପରେ ସୁବ୍ରତ ବାବୁ ଖଣ୍ଡିଏ ଚୟାର ଟାଣି ଆଣି ବସି ବସି କଣ ଭାବିବାକୁ ଲାଗିଲେ ।

Digitized by PPRACHIN, SOA

ଗୌରୀଶ୍ୟାମ ବାବୁ ବହୁତ ଧନୀ, ତାଙ୍କ ଘରେ ଟଙ୍କା ରଖିବାକୁ ଯାଗା ମିଳେନା, ଏଇଟାହିଁ ସତକଥା, ଆଉମଧ୍ୟ ତାଙ୍କର ଲୋକ ସମାଜରେ ନାଁ ବ ଯଥେଷ୍ଟ ଅଛି ।

କଥିତ ହସ ହସି ମନକୁ ମନ କହିଲେ—"ଗୀତାରତ କମ ସୁନ୍ଦରୀ ନୁହେଁ ସେ ଯିବ ଗୌରଶ୍ୟାମ ବାବୁଙ୍କ ଧନ ଘରକୁ । ତାହେଲେ ବର୍ତ୍ତମାନ ଉପାୟ । ଏହାକୁ ବ ମାନ ନେବାକୁ ହେବ ଗୀତା' ଯାହା କୁହେ ତାହାହିଁ କରେ । ନ ହେଲେ ସେ କ'ଣ ଆଉ ଲିଖିତ ଆକାରରେ ମୋ ପାଖକୁ ଜଣାଇ ଦେଇ ପାରିଥାନ୍ତା ? ଏ ଅସମ୍ଭବ । ସମ୍ପୂର୍ଣ୍ଣ ଅସମ୍ଭବ । ହୁଏତ ମୁଁ ଏ ଖବରଟା ବ ସାହେବଙ୍କୁ ଜଣାଇ ଦେବି ସେ କ'ଣ ଏଥିରେ ଖୁସି ହେବ ! ତେଣୁ ହୁଏତ ଗୌରଶ୍ୟାମ ବାବୁଙ୍କ ଧନ ସମ୍ପଦର ଦାୟିତ୍ୱ ମୋ ଉପରେ ଦେଇ ଦିଅନ୍ତି ତାହାହେଲେ ସମସ୍ତେ ଜାଣିବେ ମୁଁ ଅଯୋଗ୍ୟ, ମୋର ଯୋଗ୍ୟତା ନାହିଁ; ସାମାନ୍ୟ ଗୋଟିଏ ନାରୀର ସମ୍ମୁଖୀନ ହେବାକୁ । ତା ଛଡ଼ା ଗୀତାକୁ ଗ୍ରେପ୍ତାର କରିବାର ଗୌରବ ସେ ଅବା କିପରି ଭାବରେ ଅର୍ଜନ କରିବେ ?

ବରଂ ଏ ଖବର ଗୋପନ ରଖା ବୁଦ୍ଧିଜୀବିର କାମ । ତାଙ୍କର ମହାନ ଉଦ୍ଦେଶ୍ୟ ହେଲା, ଯଦି ସେ ଗୀତାକୁ ଗ୍ରେପ୍ତାର କରି ପାରନ୍ତି ତାହେଲେ ହୁଏତ ତାଙ୍କର ଅନ୍ୟତ୍ର ପ୍ରମୋସନ୍ ହୋଇ ଯାଇପାରେ । ଆଉ ଯେଉଁସବୁ ପତ୍ର ପତ୍ରିକାରେ ତାଙ୍କୁ ଅଛାକରି ପ୍ରକାଶ କରି ଯାଉଛି ତାଙ୍କୁ ବ ଦେଖାଇ ଦେବେ । ସେ କିପରି ତାଙ୍କର ବୁଦ୍ଧିର ପରାକାଷ୍ଠା ନେଇ ଗୀତାକୁ ଆରେଷ୍ଟ କରି ପାରିଲେ ।

ଶେଷ ସିଦ୍ଧାନ୍ତରେ ସେ ଉପନୀତ ହେଲେ ଏ ଖବରଟା ବଡ଼ ସାହେବ ଓ ଧନପତି ଗୌରଶ୍ୟାମ ବାବୁଙ୍କୁ ନ ଜଣାଇ ଅପେକ୍ଷା କରିବେକି ଆଗାମି ଅମାବାସ୍ୟାର ଅନ୍ଧକାର ଭରା ରଜନୀକୁ ।

ସେ ଏହି ରକେଟ ଯୁଗର ଦସ୍ୟୁ ହେଲେ ବ ତା'ରତ କମ୍ ସାହାସ ନୁହେଁ । ଲିଖିତ ଆକାରରେ ସେ ପୋଲିସଙ୍କୁ ଖବର ଦେବ ।

Digitized by PPRACHIN, SOA

ହେଉ ଗୀତା ! ଏ ବାର ତୁ କେଉଁ ଆଡ଼େ ଯିବୁ । ମୁଁ ଦେଖିବି ତୁ ଯଦି ବରୁଣ ଦେବତା କୋଳେ ଆଶ୍ରୟ ନେଉ ତାହାହେଲେ ବି ମୋ ହାତରୁ ତୁ ବର୍ତ୍ତି ଯିବୁନ, ଏ ପ୍ରତିଜ୍ଞା ମୋର ଅଟଳ । ଏହା ଯଦି ମୁଁ ନକରେ ତାହେଲେ ମୋ ନାଁ ଆଉ ସୁବ୍ରତ ଚୌଧୁରୀ ନୁହେଁ ।

★

ବୃଦ୍ଧ ଜଣଙ୍କ ହେଉଛନ୍ତି ବଗଟ ଗୋଟିଏ ଦସ୍ୟୁ ଦଳର ନେତା ଓ ଗୁଣ୍ଡା ଦଳର ସର୍ଦ୍ଦାର । ନୂଆ ବଜାରର ଗୋଟିଏ ସ୍କୁଲଘରରେ ଏମାନଙ୍କ ଆଡ଼ାସ୍ଥଳ । ବାହାରକୁ ସମସ୍ତେ ଜାଣନ୍ତି ସେ ଲୋକଟି କୁଲିଙ୍କ ଉପରେ ସର୍ଦ୍ଦାରି କରେ । ତାର ଅଧିନରେ ପଚାଶ, ଷାଠିଏ କୁଲି କାମ କରନ୍ତି । ପୋଲିସ ଆଂଶିକ ସନ୍ଦେହ କରିଲେ ମଧ୍ୟ ଆଇନଗତ ଭାବେ ତା ଉପରେ ସେପରି ଗୁରୁତ୍ୱ ଦଅନ୍ତିନ ।

ଏହି ଦଳଟିର କାମ ହେଲା ଟ୍ରେନ ମଧ୍ୟରେ କାହାର ପକେଟ କାଟିବା, କାହାର ଗଣ୍ଠିଲି ନେଇଯିବା ଏବଂ ରାସ୍ତାରେ ମଧ୍ୟ ସମୟ ସୁଯୋଗ ପାଇ କାହାକୁ ଛୁରୀ ଦେଖାଇ ଧମକ ଦେଇ ଟଙ୍କା ପଇସା ଲୁଟି ନେବା ଓ ମୂଲ୍ୟବାନ ଦ୍ରବ୍ୟ ଜୋର କରି କାଢିନେବା ଯାହା ସବୁ ଜନସ୍ୱର ଉଚିତ ମୂଲ୍ୟ ହେବ । ସେଥି ମଧ୍ୟରୁ ବୃଦ୍ଧର ଦଶ ଅଣା ଆଉ ଆଣିଥିବା ଲୋକର ଛ, ଅଣା ।

କୌଣସି କାରଣରୁ ବା କୌଣସି କ୍ଷେତ୍ରେ ଯଦି କେହି ପୋଲିସ ହାତରେ ଧରା ପଡ଼ିଯାଏ ଓ ଜେଲ ହୁଏ ତା ହେଲେ ବୃଦ୍ଧ ଜଣଙ୍କ ଉକ୍ତ ଲୋକ ଜେଲରୁ ଖଲାସ ହୋଇ ଆସିବା ପର୍ଯ୍ୟନ୍ତ ସେ ଲୋକର ପରିବାର ପାଇଁ ଯାହା ଯାହା ଦରକାର ସେ ସବୁର ଦାୟିତ୍ୱ ବୃଦ୍ଧ ବହନ କରନ୍ତି । ଏଣୁ ସେଇଥି

Digitized by PPRACHIN, SOA

ପାଇଁ ତା ଦଳର ଲୋକେ ନିର୍ଭୟ ଭାବେ ଦସ୍ୟୁ ବୃତ୍ତି କରୁଥିଲନ୍ତି । କାହାରିକୁ ତାଙ୍କର ଭୟ ନ ଥାଏ । ତା ଛଡ଼ା ମଧ୍ଯ ସେମାନେ ଜେଲ ଯିବାକୁ ଭୟ କରନ୍ତିନି । ଆଉ ଯଦି କୌଣସି ଦିନ ସେ ଜେଲକୁ ଯାଆନ୍ତି ସେମାନେ ଭାବନ୍ତି କୌଣସି ବନ୍ଧୁ ଘରକୁ ଯାଉଛନ୍ତି ବୋଲି ।

ଏଇ ଧରଣର ଛୋଟ ଛୋଟ ଦଳର ସର୍ଦ୍ଦାର ଅନେକ ଅଛନ୍ତି । ସେମାନଙ୍କର ଚାଲିଚଳନ ଓ ପୋଷାକ ପରିଚ୍ଛେଦ ଦେଖିଲେ ସହଜେ ସେମାନଙ୍କୁ ଚୋର ବୋଲି ସାବ୍ୟସ୍ତ କରି ଯାଏନା । ଏଣୁ, ପୋଲିସ ପକ୍ଷରେ ତାଙ୍କୁ ଧରିବାକୁ ସୁବିଧା ମିଳେନା ।

ସେମାନଙ୍କର ଅନେକ ବଡ଼ ବଡ଼ ଗୁପ୍ତଚର ଅଛନ୍ତି । ସେମାନଙ୍କର କାମ ହେଲି କାହା ପାଖରେ କଣ ଅଛି କେଉଁ ରାସ୍ତା ଦେଇ ଗଲେ ବିପଦ ଆସିବନି ଆଉ ସେ ଦିନ ପୋଲିସ କର୍ତ୍ତୃପକ୍ଷଙ୍କର କେଉଁ ଆଡ଼ା ଉପରେ ନଜର ଅଛି ଏ ସବୁ ଖବର ଆଣି ଯୋଗାଇବାଟା ହେଲା ସେମାନଙ୍କର କାମ୍ୟ । ଆଉ ଏ ଖବର ପାଇବା ସଙ୍ଗେ ସଙ୍ଗେ ଦସ୍ୟୁଦଳର ନେତାମାନେ ସିଦ୍ଧାନ୍ତ କରି ନିଅନ୍ତି ତାଙ୍କ ପକ୍ଷରେ କେଉଁଟା ନିରାପଦ ।

ବହୁତ ଗୁଡ଼ିଏ ଦଳ ମଧ୍ୟରୁ ବୁଢ଼ା ଦଳର ଜଣେ ଚର ଆସି ଖବର ଦେଲା, ଖବରଟି ଅବଶ୍ୟ ଖୁବ୍ ଲୋଭନୀୟ, ଗୌରଶ୍ୟାମ ବାବୁଙ୍କ ଲୁହା ଆଲମିରା ମଧ୍ୟରେ ଗୋଟିଏ ହୀରାର ଖଣ୍ଡ ଓ ଲକ୍ଷ୍ୟାଧିକ ଟଙ୍କା ଗଚ୍ଛିତ ଅଛି । ସୁନା' ରୂପାର ହିସାବ ନାହିଁ । ସେ ଖୁବ୍ କୃପଣ, ଏଣୁ ତାଙ୍କଘରେ ବେଶୀ ଚାକର ବାକର ନାହାନ୍ତି । ଏପରିକି ଏତେବଡ଼ ଧନୀ ହୋଇବି ଘରେ ତାଙ୍କର ଗୋଟେ ଟେଲିଫୋନ୍ କିମ୍ବା ଖଣ୍ଡିଏ ମଟର ଗାଡ଼ି ପର୍ଯ୍ୟନ୍ତ ନାହିଁ ।

ଆହୁରି ମଧ୍ୟ କେଉଁ ପଥ ଦେଇଗଲେ ସେଇ ଲୁହା ଆଲମିରା ନିକଟରେ ଉପସ୍ଥିତ ହୋଇପିବେ ତା ମଧ୍ୟ ଜାଣିବାକୁ ବାକି ରହିଲାନି ।

ଆସାମି ତେର ତାରିଖ ସନ୍ଧ୍ୟାରେ ଗୌରଶ୍ୟାମ ବାବୁ ଓ ତାଙ୍କର ସପରିବାର ଯିବେ ଶ୍ରୀ କ୍ଷେତ୍ର ଜଗନ୍ନାଥ ଦର୍ଶନକୁ । ଘର ମଧ୍ୟରେ ରହିବେ

Digitized by PPRACHIN, SOA

କେବଳ, ଜଣେ ସେଷିଆ ବ୍ରାହ୍ମଣ, ଜଣେ ଗୁଜର ଓ ଜଣେ ସେଠର ଦରୱାନ । ମାତ୍ର ଗୋଟିଏ ଦିନପାଇଁ ସେମାନଙ୍କର ପୂଜାରେ ରହଣି, ପୁଣି ତା ପରଦିନ ଫେରି ଆସିବେ ନିଜ ଘରକୁ ।

ଏଇ ଦିନ ମଧ୍ୟରେ ବା ଏଇ ସୁଯୋଗରେ ଧନଗୁଡ଼ି ଅପହୃତକରି ଖୁବ୍ ସେ ନିରାପଦ ଏ ନିସନ୍ଦେହ । ଏଥିରେ କୌଣସି ବିପଦର ସମ୍ଭାବନା ନାହିଁ ।

ଏ ଖବର ଯେତେବେଳେ ଦଳପତି ବୃଦ୍ଧ ଜଣକ ଶୁଣିବାକୁ ପାଏ, ସାର ଦେହଟାବ ତାର ଆତୁର ଖୁସି ହୋଇଗଲା । ମନ ଆନନ୍ଦରେ ଉଲ୍ଲସିତ ହୋଇ ଉଠିଲା । ଲୋଭରେ ବଶବର୍ତ୍ତୀ ହୋଇ ଦୁଇଟି ଚକ୍ଷୁ ବିସ୍ଫୋରିତ କରି ସେ କହିବାକୁ ଲାଗିଲା ଏତ ହେଲା ପ୍ରଥମ ନମ୍ବର କାର୍ଯ୍ୟକ୍ରମ । ଏ କାର୍ଯ୍ୟଟି ହାସଲ ହେଲେ ଦୁଇଟା ଖାସିବଳି ଦେବ ଚଣ୍ଡି ମନ୍ଦିରେ ।

—"ସର୍ଦ୍ଦାର ତାହାହେଲେ କଣ ରାଜି ?"

—"ଖାଲି ରାଜି ନୁହଁ, ଏବାର ମୁଁ ତୁମମାନଙ୍କ ସାଥିରେ ଯିବି ।

—"ଆପଣ ନିଜେ ଯିବେ ?"

—"ହଁ ରେ, ହଁ ତୁମ୍ଭମାନଙ୍କୁ ଏପରି ମହାନ ଦାଇତ୍ୱ ଦେଇ ମୁଁ କଣ ଏଠାରେ ନିଶ୍ଚିନ୍ତ ରହି ପାରିବି ?" ଆଉମଧ୍ୟ ଏ ସୁଯୋଗ ଛାଡ଼ିଲେ କଣ......... ।"

★

ଅମାବାସ୍ୟାର ରାତ୍ରୀ ।

ଜନଶୂନ୍ୟ ରାସ୍ତାମଧ୍ୟେ ଖାଲି ଭୟଙ୍କର ଅନ୍ଧକାର । ଏତେ ଘନ ଅନ୍ଧକାର ମଧ୍ୟରେ ବୁଡ଼ି ରହିଛି ଯେ, ଇଲେକ୍ଟ୍ରିକ ଆଲୋକ ଜଳାଇଲେବି ତାର ଜ୍ୟୋତି ଯେପରି ଦେଖିବାକୁ ପାଇବେନି ଜନ ସମାଜ ।

Digitized by PPRACHIN, SOA

ଗୀର୍ଜାର ଘଣ୍ଟା ସେଇ ଘନ ଅନ୍ଧକାର ମଧ୍ୟେ ନିଜକୁ ଲୁଚାଇ ନ ପାରି ହଠାତ୍ ଦୁଇବାର ଚିତ୍କାର କରି ଉଠିଲା । ଢ଼ଂ ଢ଼ଂ

ଗୋଟିଏ ଛୋଟ ଗଳି ମଧ୍ୟରୁ ମୁହଁଟିକୁ ବାହାର କରି ସୁବ୍ରତବାବୁ କହିଲେ—

—"ବର୍ତ୍ତମାନ ସମୟ ହେଲା ମାତ୍ର ଦୁଇଟା ।"

ପଛପଟରେ ଥିବା ପୋଲିସ ଇନସ୍‌ପେକ୍ଟର କହି ଉଠିଲେ—"ଦସ୍ୟୁ ନେତ୍ରୀ ଗୀତାଟା ଆଦୌ ସମୟର ମୂଲ୍ୟ ବୁଝେନା । ରାତ୍ରୀ ତ ପ୍ରାୟ ଶେଷ ହେବା ଉପରେ । ଏତେ କମ୍ ସମୟ ମଧ୍ୟରେ ସେ କଣ ତାର କାର୍ଯ୍ୟ ହାସଲ କରି ପାରିବ ?"

ଠିକ ସେହି ସମୟରେ ଦୁଇ ଗୃହଟା କୁକୁର ଅନତି ଦୂରରେ ଭୁକି ଉଠିଲେ ।

ସୁବ୍ରତ ଏବେ ଖୁବ୍ ଧୀର ଗଳାରେ କହିଲେ—"କେହି ପାଟିତୁଣ୍ଡ କରନା ଆଉ ଚନ୍ଦ୍ରାକର କହିଲ ଦେଖି, କୁକୁର ଗୁଡ଼ା, କଣ ଦେଖି ଭୁକି ଉଠିଲେ ?"

ସୁବ୍ରତବାବୁ ତାଙ୍କର ପୋଲିସ ସନ୍ଧାନୀ ଆଖି ଯୋଡ଼ାକ ସେହି ଘନ ଅନ୍ଧକାର ଆଡ଼କୁ ବଢ଼ାଇ ଦେଲେ । ହେଲେ କିନ୍ତୁ କିଛି ଦେଖିବାକୁ ପାଇଲେ ନାହିଁ । କାହାରି ଛାୟା କିମ୍ବା କାର ପାଟିତୁଣ୍ଡ ଆଉବା କାହାର ପାଦ ଶବ୍ଦ ।

କେତୋଟି ମିନିଟ୍ କଟି ଗଲାପରେ ଆଚମ୍ବିତେ କିଛିଦୂରେ ଶୁଣିବାକୁ ପାଇଲେ ଖଣ୍ଡିଏ ଦ୍ରୁତଗାମୀ ମୋଟରକାରର ଶବ୍ଦ । ସେ ଗାଡ଼ି ଖଣ୍ଡି ଖୁବ୍ ଦ୍ରୁତଗତିରେ ଆସି ଏ ମାନଙ୍କ ନିକଟ ହେବା ସଙ୍ଗେ ସଙ୍ଗେ ପୁନଶ୍ଚ ଅନ୍ୟପଥ ଦେଇ ଛୁଟି ଗଲା । ଆଉ ମଧ୍ୟ ସେହି ସମୟରେ ଶୁଣିବାକୁ ମିଳିଲା ଗୋଟିଏ ନାରୀ କଣ୍ଠର ସ୍ୱର ।

— "ସୁବ୍ରତ ବାବୁ ଆପଣ ଉପସ୍ଥିତ ଅଛନ୍ତି ତ ?" ମୁଁ ମଧ୍ୟ ଉପସ୍ଥିତି ଅଛି ।"

Digitized by PPRACHIN, SOA

ଏହା ଶୁଣି ପୋଲିସ ଇନସ୍‌ପେକ୍‌ଟର କହିଲେ—ସାମାନ୍ୟ ଗୋଟିଏ ନାଗରର ତ କମ୍ ସାହାସ ନୁହେଁ ? ପୋଲିସ ବାହିନୀକୁ ସେ ଯେପରି ଗୋଟିଏ ମଶା; ମାଛି ପରି ମନେ କରୁଛି ।

ସୁବ୍ରତବାବୁ ଏକାବେଳକେ ବୋକା ପାଲଟି ଗଲେ । ଛୁଡନ୍ତା ମଧ୍ୟରେ ଯେପରି ସିଥିଳ ରକ୍ତ ଗୁଡ଼ାକ ଟକମକ ହୋଇ ଫୁଟିବାକୁ ଲଗିଲା । ସେତେବେଳେ ଯଦି ସ୍ୱୟଂ ନାରାୟଣ ଆସି ତାଙ୍କ ଆଗରେ ଠିଆ ହୁଅନ୍ତି ସେ ସେତେବେଳେ ଟିକିଏ ଦୃଷ୍ଟି ନିକ୍ଷେପ କରିବେନି । ତାଙ୍କର ମନ ଓ ଧ୍ୟାନଥାଏ ସେହି ମୋଟର ଗାଡ଼ିର ଶବ୍ଦ ଆଡ଼େ । କିଛି ସମୟ ପରେ ଆଉ ମଟର ଗାଡ଼ିର ଶବ୍ଦ ଶୁଣିବାକୁ ମିଳିଲା ନାହିଁ । ମନେ ହେଲା ଗାଡ଼ିଟା ବିଶେଷ ଦୂରକୁ ନ ଯାଇ ଏହି ନିକଟରେ କେଉଁଠାରେ ରହିଗଲା ବୋଧହୁଏ । କେତୋଟି ମିନିଟ୍ ଅତିବାହିତ ହେଲା ଚାରିଆଡ଼େ ଖାଲି ସେହି ଘନ ଅନ୍ଧକାରର କରାଳ ଛାୟା ।

ଇନସ୍‌ପେକ୍‌ଟର ଅଧିର କଣ୍ଠେ କହିଲେ—“କଣ ଭାବୁଛନ୍ତି ସୁବ୍ରତ ବାବୁ ! ଆମେ କଣ ଆମର ପୋଲିସ ବାହିନୀ ନେଇ ତାର ପିଛା ଧରିବୁ ?”

ଧିର ଓ କର୍କଶ ସ୍ୱରରେ ସୁବ୍ରତବାବୁ କହିଲେ ନାଁ ବର୍ତ୍ତମାନ ସେ ସମୟ ଆସିନି ।

—“ଆପଣ କଣ କହୁଛନ୍ତି ? ଆମେ ଏଠାରେ ଅପେକ୍ଷା କରୁ କରୁ ଗୀତା ତାର କାର୍ଯ୍ୟ ହାସଲ କରି ଆନ୍ୟାଧଥ ଦେଇ ପଳାଇଯିବ ଯେ ।”

ଏହାପରେ କେତେଟା ମିନଟ ଗତ ହୋଇ ଯିବାପରେ ଗୀର୍ଜା ଘଣ୍ଟାରେ ଅଢ଼େଇଟା ବାଜିବାର ସଂକେତ ମିଳିଲା ।

ସଙ୍ଗେ ସଙ୍ଗେ କେଉଁଠାରୁ ଖୁବ୍ ଠକ୍ ଶୁଣିବାକୁ ମିଳିଲା । ପୋଲିସର ହୁଇସିଲ୍ ।

ସୁବ୍ରତବାବୁଙ୍କ ଦେହରେ ଏକପ୍ରକାର ବିଜୁଳି ପ୍ରବାହିତ ହୋଇଗଲା । ପ୍ରଥମ କରି ସେ ଦୌଡ଼ି ଆସିଲେ ଗଳି ମଧ୍ୟରୁ ବାହାରକୁ ଓ ସଙ୍ଗେ ସଙ୍ଗେ

Digitized by PPRACHIN, SOA

କହି ପକାଉଲେ ତୁମ୍ଭେମାନେ ସମସ୍ତେ ଛୁଟିଯାଅ ଗୌରିଶ୍ୟାମ ବାବାଙ୍କ ଘରମଧ୍ୟକୁ ।

ମୁହୂର୍ତ୍ତିକ ମଧ୍ୟରେ ନିରବତା କେଉଁଆଡ଼େ ଦୂରେଇ ଗଲା । ଖାଲି ଶୁଣିବାକୁ ମିଳିଲା ଦୌଡ଼ାଦୌଡ଼ି ଓ ଭାରି ବୁଟର ଶବ୍ଦ । ବହୁତ ଲୋକଙ୍କ କଥାବାର୍ତ୍ତା ଓ ଟର୍ଚ୍ଚ ଲାଇଟି ଆଲୋକ ମଧ୍ୟରେ ନିବିଡ଼ ଅନ୍ଧକାରଟା ଖଣ୍ଡ ବିଖଣ୍ଡ ହୋଇଗଲା ।

ତା ମଧ୍ୟରୁ ଜଣେ ଖୁବ୍ ଦ୍ରୁତପଦରେ ଦୌଡ଼ି ଆସି ସୁବ୍ରତ ବାବୁଙ୍କୁ ଖବର ଦେଲା ଦସ୍ୟୁ ଏଇ ପଥ ଦେଇ ଘର ମଧ୍ୟକୁ ପ୍ରବେଶ କରିଛି ।

—"ଗୀତା ତାହାହେଲେ କଣ ସଦଳବଳେ ଆମ ସହିତ ଲଢ଼େଇ କରିବାକୁ ଆସିଛି ?

—"ହଁ ସାର୍ ! ଦଶ, ବାର ଜଣ ଲୋକ ହେବେ ।"

ଇନସ୍‌ପେକ୍‌ଟର ଦୌଡ଼ି ଯାଉଁ ଯାଉଁ ଟିକିଏ ଅଟକି ଯାଇଁ କହିଲେ— ମୋର ମନେହୁଏ, ସୁବ୍ରତବାବୁ ! ଆଜି ଏଠାରେ ଏକପ୍ରକାର କୁରୁକ୍ଷେତ୍ର ସୃଷ୍ଟି ହେବ ।

ଏହା ଶୁଣି ସୁବ୍ରତ ବାବୁ ଉତ୍ତର ଦେଲେ—" ହେଉ ବରଂ କୁରୁକ୍ଷେତ୍ର ରଣଭୂମି ତା ହାତରେ ହୁଏତ ମୋର ଜୀବନଟା ଯାଇପାରେ, ହେଲେ ମଧ୍ୟ ମୁ ଗୀତାକୁ ଆଜି ହାତ ମୁଠାରେ ପାଇ ଛାଡ଼ି ପାରିବନି ।

ପୋଲିସଙ୍କ ମଧ୍ୟରୁ କେତେଜଣ ବାହାରେ ରହିଲେ । ଅନ୍ୟମଧ୍ୟ କେତେଜଣ ଘର ମଧ୍ୟକୁ ପଶିଗଲେ । ତାପରେ ହେଲା ଶଭଲଭରର ଗୁଳି ବର୍ଷଣ । ଗୁଳି ଶବ୍ଦରେ ସ୍ତବ୍ଧତା ଯେପରି ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ପଡ଼ିଲା । ରାସ୍ତାର ଆସେ ପାଖେ ଥିବା ସମସ୍ତ ଘରର ଆଲୋକମାନ ଜଳି ଉଠିଲା । ଝରକା ଗୁଡ଼ି ଖୋଲିଗଲା । ସମସ୍ତଙ୍କ ମନରେ ଭୟର ଚିନ୍ତା । ଦସ୍ୟୁ ଆସିଛି ସେ ଯେ ସାମାନ୍ୟ ଦସ୍ୟୁ ତା ନୁହେଁ "ଗୀତା" ଯାହା ନାଁ । ଶୁଣି ପୋଲିସ ବାହିନୀ ଆତଙ୍କରେ ଶିହରି ଉଠନ୍ତି ।

Digitized by PPRACHIN, SOA

ତାପରେ ଆସ୍ତେ ଆସ୍ତେ ସମସ୍ତଙ୍କ ଶବ୍ଦ କମି ଆସିଲା ।

ସୁବ୍ରତ ବାବୁ ଦେଖିଲେ ଦଶ ଜଣଙ୍କ ହାତରେ ପଡ଼ିଛି ହାତକଡ଼ି । ଏବଂ ସେମାନଙ୍କ ମଧ୍ୟରେ ମେଗଟେଙ୍କ ରୂପ ଫୁଲାଇ ଠିଆହୋଇଛି ଜଣେ ମଧ ବୟସ୍କ । ସେ ଆଉ କେହି ନୁହେଁ ନୂଆ ବଜାରରେ ରହୁଥିବା କୁଲି ସର୍ଦ୍ଦାର ନରେସ୍ ।

ଏହା ଦେଖି ସୁବ୍ରତ ବାବୁଙ୍କ ମୁଖ ମଣ୍ଡଳରେ ଖେଳି ଗଲା ଗଭୀର ନୈରାଶ୍ୟତା । ଏ ଦଳ ମଧ୍ୟରେ ଗୀତା ନାହିଁ । ସେ ଜଣ ମୋତେ ଭ୍ରାନ୍ତ ପଥେ ପ୍ରବର୍ତ୍ତାଇ ଦେଇଛି ।

ଇନସ୍‌ପେକ୍‌ଟର କହି ଉଠିଲେ—"ଜାଣ ଦେଖୁଛନ୍ତି ସୁବ୍ରତବାବୁ ଏସେ ଆମ୍ଭ ମାନଙ୍କର ପୁରୁଣା ଦାଗୀ ନୂଆ ବଜାରର ନରେସ ।

ନରେସ ନିକଟକୁ ଆଗେଇ ଯାଇଁ ଇନସ୍‌ପେକ୍‌ଟର ପ୍ରଶ୍ନ କଲେ, ମୁଁ ବ ପୂର୍ବରୁ ଶୁଣିବାକୁ ପାଇଥିଲି, ତୁମେ ଗୋଟିଏ ମସ୍ତବଡ଼ ଦସ୍ୟୁ ଦଳର ସର୍ଦ୍ଦାର । କିନ୍ତୁ ଲୋକ ଲୋଚନରେ ତୁମେ କୁଲିଙ୍କ ଉପରେ ସର୍ଦ୍ଦାରଙ୍କର । ବର୍ତ୍ତମାନ ଦେଖୁଛି ପୁଣି ଓଲଟି ଗଲଣି । ସବୁ କାମରୁ ଅବ୍ୟାହତି ନେଇ ପୁନଶ୍ଚ ଯୋଗ ଦେଲଣି ଆସି ଗୀତା ଦଳରେ । ତୁମକୁ ଟିକିଏ ଲଜ୍ୟା ଲାଗିନାହିଁ । ଗୋଟିଏ ନାରୀର ଅଧୀନରେ………………… ।

ନରେସ ରାଗିଯାଇଁ କର୍କଶ ସ୍ୱରେ କହିବାକୁ ଆରମ୍ଭ କଲା—"ମୁଁ କାହାର ଅଧୀନରେ ରହିବାକୁ ଚାହେଁନା କିମ୍ବା ରହିନ ।" ଗୀତା କିଏ ? କେଉଁ ଗୀତା କଥା ଆପଣ କହୁଛନ୍ତି ?? ମୁଁତ ଗୀତାକୁ ଆଦୌ ଚହ୍ନେନା କି, ଜାଣେନା ।

—"ଓଃ, ତୁମେ ତାକୁ ଚହ୍ନନା ? ସେପରି ଆମ ଓଡ଼ିଶାର ପ୍ରଧାନ ଦସ୍ୟୁ ଅଭିନେତ୍ରୀ ତୁମେ ନ ଚହ୍ନିଲେ ଜାଣ ଆମେ କିନ୍ତୁ ତାର ଟିକି ନିକି ଖବର ରଖୁ ।

ରଖ, ତା ଖବର ରଖ, ସେଥିରେ ମୋର ଯାଏ କେତେ ନା, ଆସେ କେତେ କିନ୍ତୁ ଗୀତା ଫିତା କିଏ ମୁଁ କାହାରିକୁ ଚହ୍ନେନା । କିମ୍ବା ଜାଣେନା

Digitized by PPRACHIN, SOA

ମଧ୍ୟ ମୁଁ ଆସିଥିଲି ମୋର ନିଜ କାମରେ । କିନ୍ତୁ ଆସିବାଟା ମୋର ଅଶୁଭ ବେଳାରେ ପ୍ରତିଫଳିତ ହେଲା । ତେଣୁ ଦୁର୍ଭାଗ୍ୟବଶତଃ ତୁମମାନଙ୍କ ପରି ନିର୍ବୋଧଙ୍କ ହାତରେ ଧରା ପଡ଼ିଗଲି ତା ନହେଲେ·········

ଆଶ୍ଚର୍ଯ୍ୟଭାବେ ଇନ୍‌ସ୍‌ପେକ୍‌ଟର ସଦାଶିବବାବୁ ସୁବ୍ରତଆଡ଼କୁ ଚାହିଁ ରହିଲେ, କିନ୍ତୁ ସୁବ୍ରତବାବୁଙ୍କର ଆଦୌ ବିଶ୍ୱାସ ହେଲନାହିଁ ଯେ ନରେଶ ଗୀତା ଦଳର ନେତା ନୁହେଁ ବୋଲି । ଠିକ୍ ଗୋଟିଏ ଦିନରେ ଆଉ ଗୋଟିଏ ମୁହୂର୍ତ୍ତରେ ଗୋଟିଏ ଯାଗାରେ ଗୀତା ଓ ନରେଶର ଆବିର୍ଭାବ । ଅଥଚ ଦୁଇଜଣଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଏହାକିଣ କେବେ ସମ୍ଭବ ? ସୁବ୍ରତବାବୁ ଦସ୍ୟୁ ନରେଶକୁ ଜେରା କରିବାକୁ ଉଦ୍ୟତ ହେଲେ ।

ଠିକ୍ ସେହି ସମୟରେ ଘରର ଅପର ପ୍ରାନ୍ତରୁ କେ ପ୍ରଚଣ୍ଡ ଚିତ୍କାର ଶୁଣିବାକୁ ମିଳିଲା । ସର୍ବସ୍ୱ ନେଇଗଲା । ସର୍ବସ୍ୱ ନେଇଗଲା । ମୋତେ ସର୍ବସ୍ୱାନ୍ତ କରିଗଲା ।

ସି. ଆଇ. ଡ଼ି. ସୁବ୍ରତ ବାବୁ ଚମକି ଉଠିଲେ ; ଏ ପୁଣି କାହାର ଚିତ୍କାର ।

ଗୌରଶ୍ୟାମ ବାବୁଙ୍କ ଚାକର ଝୋକାଟା ପାଖରେ ଠିଆ ହୋଇ ଥିଲା, ସେ ହଠାତ୍ କହି ଉଠିଲା ଏପାଟି ଆମ ବଡ଼ ବାବୁଙ୍କ ବଡ଼ ପୁଅର ।

—" ବଡ଼ ପୁଅର ?"

—" ହଁ, ଆଜ୍ଞା ।"

—" ସେ, କେଉଁ ଠାରେ ପାଟି କରୁଛନ୍ତି ?"

—" ଆଜ୍ଞା ତାଙ୍କ ଶୋଇବା ଘରେ ।"

—" ତାଙ୍କ ଶୋଇବା ଘରଟା କେଉଁଠିକି ?"

—" ଏହି ଆଜ୍ଞା, ଏହି ଘରର ପଛ ପଟରେ ଥିବା ପଛ ଘରଟି ।"

—" ତାହେଲେ ମୋତେ ସେଠାକୁ ଶୀଘ୍ର ନେଇ ଚାଲ ।"

—" ଆସନ୍ତୁ ଏଇ ମୋର ପଛେ ପଛେ ।"

Digitized by PPRACHIN, SOA

ଦୁଇ, ଚାରିଜଣ କନେଷ୍ଟବଲଙ୍କ ଜିମାରେ ଦସ୍ୟୁ ମାନଙ୍କୁ ଜିମାଦେଇ ଆଉ କେତେ ଜଣ ସାଥିରେ ଧରି ଚୋରର ପଛେ ପଛେ ଚାଲିଲେ ।

ବିରାଟ ପ୍ରାସାଦ । ଏ ପ୍ରାନ୍ତ ଠାରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ପହଞ୍ଚିବାକୁ ଅବଶ୍ୟ ଅନେକ ସମୟ ଲାଗିଥିଲା । ତାପରେ ସମସ୍ତେ ଗୋଟିଏ ଘରକୁ ପଶିଯାଇଁ ଦେଖିଲେ ଅଳ୍ପ ବୟସ୍କ ଜଣେ ଯୁବକ ପଲଙ୍କ ଗୋଡ଼ରେ ଖୁବ୍ ଗୋଟାଏ ଶକ୍ତ ରଜ୍ଜୁ ଦ୍ୱାରା ବନ୍ଧା ଯାଇଛି ।

ପୋଲିସଙ୍କୁ ଦେଖି ସେ ସଜୋରରେ ଚିତ୍କାର କରି ଉଠିଲେ—" ଆପଣ ମାନେ କାଳ ବିଳମ୍ବ ନକରି ଦୌଡ଼ି ଯାଆନ୍ତୁ ସେ ଆଉ ବେଶୀ ଦୂରକୁ ଯାଇପାରି ନ ଥିବ, ହୁଏତ ଧରା ପଡ଼ି ଯାଇପାରେ ।"

ସୁବ୍ରତ ବାବୁ ତାଙ୍କ କଥାଶୁଣି ପ୍ରଶ୍ନ କଲେ ଆପଣ କାହାକୁ ଧରିବାକୁ କହୁଛନ୍ତି ?

—" ଚୋରକୁ ।"

—" ଏଘର ମଧ୍ୟକୁ କଣ ଚୋର ଆସିଥିଲା ?"

—" ଆଉ ଆସିନଥିଲାତ ମୋତେ ବାନ୍ଧିଲା କିଏ ?" ତୁମେ ମୋତେ ଅନ୍ୟ କୌଣସି ପ୍ରଶ୍ନ ନକରି ଶୀଘ୍ର ତାକୁ ଧରିବାକୁ ଧାଇଁ ଯାଆନ୍ତୁ ସେ ମୋର ସର୍ବସ୍ୱ ନେଇ ଚାଲି ଯାଇଛି । ସେ ମୋର ମୁହଁ ପର୍ଯ୍ୟନ୍ତ ରୁମାଲ ଦ୍ୱାରା ବାନ୍ଧି ଦେଇ ଯାଇଥିଲା । ବହୁ କଷ୍ଟରେ ରୁମାଲଟା ମୁଁ ବାହାର କରିଦେଇଛି । ସେଥି ପାଇଁ ଆପଣଙ୍କ ସାଙ୍ଗରେ କଥା କହିବା ପାଇଁ ସୁଯୋଗ ପାଇଲି, ଆପଣ ମାନେ କ୍ଷଣେ ମାତ୍ର ବିଳମ୍ବ ନକରି ତାକୁ ଧରି ପକାନ୍ତୁ । ସେ ହୁଏତ ବେଶୀ ଦୂର ଯାଇନଥିବ ।"

—"କେତେଜଣ ଦସ୍ୟୁ ଆସିଥିଲେ ?"

—"କେବଳ ମାତ୍ର ଜଣେ ।" ତା ହାତରେ ପିସ୍ତଲଟିଏ ଥିଲା ମଧ୍ୟ ।

—"ସେ କେତେବେଳୁ ଏଠାରୁ ପଳାଇ ଚାଲିଲାଣି ?"

—"ମାତ୍ର ପାଞ୍ଚ, ସାତ ମିନିଟ୍ ପୂର୍ବରୁ ।"

Digitized by PPRACHIN, SOA

ସୁବ୍ରତ ବାବୁ ଗମ୍ଭିର ସ୍ୱରେ କହିଲେ—"ଏତେ ସମୟ କଣ ସେ ଆମ ହାତରେ ଧରା ପଡ଼ିବାକୁ ଅନାଇ ବସିଛି । ତାହେଲେ ତାକୁ ଧରିବା ମିଛ କଥା ସେ କଏ ? ଏକଥା ମୋତେ ଜାଣିବାକୁ ଆଉ କିଛିନାହିଁ । ସେ ମଟର କରି ଆସିଥିଲା । ମଟର କରି ପଳାଇ ଯାଇଛି । ଆଚ୍ଛା ଆପଣ କୁହନ୍ତୁତ ଆପଣଙ୍କର କଣ, କଣ ଚୋରି ଯାଇଛି ।"

—" ଆଉ କଣ ଅଛି ଯାନ, ଆସନ ପର୍ଯ୍ୟନ୍ତ ସବୁ ନେଇ ଯାଇଛି । ମୋଟ ଜିନିଷର ମୂଲ୍ୟ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ହେବ, ତାଛଡ଼ା ନଗଦ ଟଙ୍କା କଥା ଛାଡ଼ନ୍ତୁ । ଏଇ ଯେଉଁ ଲୁହା ଆଲମେରା ଆପଣ ଦେଖୁଛନ୍ତି, ଏଥି ମଧ୍ୟରେ ଖାଲି ନଗଦ ଦୁଇ, ଅଢେଇ ଲକ୍ଷର ଅଳଙ୍କାର ଥିଲା । ଆଉ କୌଣସି କଥା କହିବାକୁ ସୁଯୋଗ ପାଇଲେ ନାହିଁ, ଗୌର ଶ୍ୟାମ ବାବୁଙ୍କ ଜ୍ୟେଷ୍ଠ ପୁତ୍ର । ସଙ୍ଗେ ସଙ୍ଗେ ମୂର୍ଚ୍ଛା ହୋଇଗଲେ ।

ସୁବ୍ରତ ଦେଖିଲେ ଯାଙ୍କ ସାଙ୍ଗରେ ଆଉ ଅଧିକ କଥାବାର୍ତ୍ତା କରିବା ଯୁକ୍ତିହୀନତା । ତେଣୁ ସେ ଆଗେଇ ଗଲେ ଲୁହା ଆଲମେରା ନିକଟକୁ ଆଲମେରା ନିକଟକୁ ଯାଇ କ୍ଷଣେ କାଳ ଠିଆ ହୋଇ ଦେଖିଲେ ଓ ଖୁବ୍ ଆସ୍ତେ ଆଲମେରାର ଦରଜାଟି ଖୋଲି ଦେଖିଲେ । ତା ମଧ୍ୟରେ ଏଣୁ ତେଣୁ କାଗଜ ପୁଡ଼ିଆଟିଏ । ଏହା ଏ ବ୍ୟତୀତ ଆଉ ମୂଲ୍ୟବାନ ଜିନିଷ କିଛି ନାହିଁ ।

ଠିକ୍ ସେତିକି ବେଳେ ଗୌରଶ୍ୟାମ ବାବୁଙ୍କ ବଡ଼ ପୁଅର ଜ୍ଞାନ ଫେରି ଆସିଲା । ଓ ସେ ତୀବ୍ର କଣ୍ଠେ କହି ଉଠିଲେ—"ଆପଣ ଆଲମେରା ଖୋଲି କଣ ଦେଖୁଛନ୍ତି ? ସେତ ସବୁ ନେଇ ଯାଇଛି, ଖାଲି ଆଲମେରାରୁ ଆପଣ ମାନେ କଣ ପାଇବେ ? ସେ କ'ଣ ସାଧାରଣ ଦସ୍ୟୁ ହୋଇଛି ? ସେ ବସି ବସି ଏଠାରେ ନିର୍ଭୟରେ ଚିଠି ଲେଖି ପାରେ ଓ ହସି, ହସି କହି ପାରେ କ୍ଷମା କରିବେ ଆଜ୍ଞା ମୁଁ ଆପଣଙ୍କୁ ବହୁତ କଷ୍ଟ ଦେଉଛି ଏବଂ ଶକ୍ତ ରଜୁରେ ବାନ୍ଧି ଦେଇଛି । ସେଥିରେ ତୁମର ଏହି କୋମଳ ଶରୀରକୁ ଖୁବ୍ କଷ୍ଟ ଦେଉଥିବ, ହେଉ ବେଶୀ ସମୟ ଆଉ ଆପଣଙ୍କୁ କଷ୍ଟ ସ୍ୱୀକାର କରିବାକୁ

Digitized by PPRACHIN, SOA

ପଡ଼ିବନ । ରାସ୍ତା ଉପରେ ପୋଲିସବାହିନ ଅପେକ୍ଷା କରିଛନ୍ତି, ଆଉ ମଧ୍ୟ ତାଙ୍କ ସହିତ ସି. ଆଇ ଡି. ସୁବ୍ରତ ଚୌଧୁରୀ ମଧ୍ୟ ଆସିଛନ୍ତି ।

ଏହାଶୁଣି ବିଖ୍ୟାତ ଗୋଇନ୍ଦା ମିଷ୍ଟର ସୁବ୍ରତ ବାବୁ ଆଶ୍ଚର୍ଯ୍ୟ ଭାବେ କହି ଉଠିଲେ—"କ'ଣ ହେଲା ଦସ୍ୟୁ ତାହାହେଲେ ଜାଣିଛି, ଆମ୍ଭେମାନେ ତାକୁ ପ୍ରତିକ୍ଷା କରି ରହିଛୁ ବୋଲି ଆଉ ସେ ଯେଉଁ ଚିଠିଖଣ୍ଡି ଦେଇଯାଇଛି ସେ ଚିଠି କାହିଁ ? ଆଉ କେଉଁଠାରେ ??

—"ସେହି ଟେବୁଲ ଉପରେ ଦେଖନ୍ତୁ........ । ସେ ଯାହାହେଉ ମୁଁ ବର୍ତ୍ତମାନ କ'ଣ କରିବି, ବାପା ଆସିଲେ ତାଙ୍କୁ କଣ କହିବି ?"

ଟେବୁଲ୍ ନିକଟକୁ ଆଗେଇ ଯାଇଁ ସୁବ୍ରତ ଦେଖିଲେ ଲମ୍ବା ଆଉ ନାଲି ରଙ୍ଗର ଖଣ୍ଡେ ଲଫାପା । ସେ ଲଫାପା ଖଣ୍ଡି ଦେଖି ସୁବ୍ରତ ବାବୁଙ୍କୁ ଆଉ ବୁଝିବାକୁ ବିଶେଷ ଡେରି ଲାଗିଲା ନାହିଁ । ସେ ଚିଠି ଖଣ୍ଡିକେ ଲେଖି ଥିବ ।

ଚିଠିଖଣ୍ଡି ଖୋଲିଲେ—ତନ୍ମ ମଧ୍ୟରେ ଉଲ୍ଲେଖ କରା ଯାଇଛି ।

ଶ୍ରୀମାନ୍, ସୁବ୍ରତ ଚୌଧୁରୀ !
ସମୀପେଷୁ

ଆପଣଙ୍କୁ ପୂର୍ବରୁ ବନ୍ଧୁ ବୋଲି ସମ୍ବୋଧନ କରିଥିଲି ବୋଲି ମୁଁ ନିଜକୁ ନିଜେ ଖୁବ୍ ଲଜିତ ମନେ କରୁଛି । କାରଣ ତୁମପରି ବୋକା ଲୋକ ମୋର ବନ୍ଧୁ ହେବା ଉପଯୁକ୍ତ ନୁହେଁ । ତୁମ ମୁଣ୍ଡରେ ଯେଉଁ ବୁଦ୍ଧି ଅଛି ମୁଁ ତାକୁ ଆଦୌ ପସନ୍ଦ କରେନା, ତୁମକୁ ଯଦି ଗୋଟାଏ ଗଧ ସଙ୍ଗେ ତୁଳନା କରାଯାଏ ତାହେଲେ ବି ଅତ୍ୟୁକ୍ତି ହେବନି ।

ମୂର୍ଖ ! ତୁମର ଏତିକି ସାଧାରଣ ଜ୍ଞାନ ନାହିଁ ମୁଁ ପରା ତୁମକୁ ସେ ଦିନ ଲିଖିତ ଆକାରରେ ସ୍ପଷ୍ଟ ଭାବେ ଜଣାଇ ଦେଇ ଆସି ଥିଲି ଉକ୍ତଦିନ ଉକ୍ତ ତାରିଖରେ ଉକ୍ତ ଯାଗାରେ ଉପସ୍ଥିତ ହେବ ବୋଲି । ଏଣୁ ତୁମେ ଏତିକି

Digitized by PPRACHIN, SOA

ଘଞ୍ଚ ପାରିଲ ନାହିଁ, ସମ୍ମୁଖ ଯୁଦ୍ଧକୁ ଆସିବା ପାଇଁ ଯେ, ପ୍ରସ୍ତୁତ ହୋଇ ସାହାସ ବାନ୍ଧ ଥାଏ, ସେ, କି ନୂଆ 'ପ୍ରକାର ବୁଦ୍ଧି' ଆବିଷ୍କାର ନକରି ଥିବ ଏ ବିଶ୍ୱାସ ତୁମର ଥିଲ ?"

ଦସ୍ୟୁକେବେ ପୋଲିସକୁ ଜଣାଇ ଚୋରି କରିବାକୁ ଆସେନା, ସେଇଟା ଅସ୍ୱାଭାବିକ । କାରଣ ଚୋରିଟା ଲୁଚକାଳି ଖେଳପରି, ଯେତେ-ବେଳେ ତୁମକୁ ମୋର ଇଚ୍ଛାଟା ଜଣାଇ ଦେଇଛି । ସେତେବେଳେ ତୁମର ଜାଣିବା ଉଚିତ ଥିଲ ଯେ ମୁଁ ତୁମ ମାନଙ୍କ ପାଇଁ ନୂଆ ପ୍ରକାର ଚଫ ବିଦ୍ଧ ପ୍ରସ୍ତୁତ କରିଛି ବୋଲି । ଆଜି ଚୋରିଟା ମୋର କେବଳ ମାତ୍ର ତୁମମାନଙ୍କ ସାହାଯ୍ୟରେ ହେଲ ।

ନରେଶ ଆଜି ଏଠାକୁ ଚୋରି କରିବାକୁ ଆସିଥିଲ, କେବଳ ମୋର ପ୍ରତାରଣାରେ ତା ଆସିବାର ବ୍ୟବସ୍ଥା ମୁଁ ନିଜେ କରିଥିଲି, କାରଣ ଅଜି ଯେଉଁ ଏହି ଅନ୍ଧକାର ରଜନୀରେ ସେମାନେ ଆସିଲେ ତୁମେ ସେମାନଙ୍କୁ ମୋ ଦଳର ଲୋକ ଭାବି ଆକ୍ରମଣ କରିବ । ମୁଁ ନିରାପଦରେ ମୋର କାର୍ଯ୍ୟ ଉଦ୍ଧାର କରି ପଳାଇ ଯିବି, ଶେଷରେ ଧରା ପଡ଼ିବେ ସେମାନେ । ସେମାନେତ ଆଉ ଜାଣନ୍ତିନି ମୁଁ କିଏ । ଆଉ ବୁଦ୍ଧେ କେଉଁଠି ।

ଧନେ ଆପଣ ଏକ ବିପଦରେ ପକାଇ ପାଣି ମଧ୍ୟରେ ବୁଡ଼ାଇ ରଖିଥିଲେ—ଯଦି ଆଉ କିଛି ସମୟ ସେହି ଛାତ ଉପରେ ରହି ଥାଆନ୍ତେ ତାହାହେଲେ ବାଧହୋଇ ତୁମ ହାତରେ ଧରାପଡ଼ି ଥାଆନ୍ତି । ନଚେତ୍ ଜୀବନଟା ବିପନ୍ନ କରିବାକୁ ପଡ଼ି ଥାଆନ୍ତା । କାରଣ ସାମାନ୍ୟ ଗୋଟିଏ କ୍ୱାଟର ଇଞ୍ଚ ରବର ପାଇପ୍ ଦ୍ୱାରା ମଣିଷ କେତେ ସମୟ ବା ପାଣିଟାଙ୍କି ମଧ୍ୟରେ ନିଜକୁ ଲୁଚାଇ ରଖିପାରେ ? ଆଜି ହେଲ ତା'ର ପ୍ରତିଶୋଧ ।

ତେବେ ତୁମର ଗୋଟିଏ ଉପକାର କରିଗଲି । ମୁଁ ଜନ ସମାଜର ଶତ୍ରୁ ନୁହେଁ, ମୁଁ ହେଉଛି ଅତ୍ୟାଚାରୀ ମାନଙ୍କର ଶତ୍ରୁ । କିନ୍ତୁ ମୋ ପାଇଁ ଯେଉଁ ନରେଶକୁ ହାତ ମୁଠାରେ ପାଇପାରିଛନ୍ତି, ସେ ହେଉଛି ଦେଶ ଓ

Digitized by PPRACHIN, SOA

ଦଳର ଶତ୍ରୁ । ସେ ଆପଣଙ୍କ ନିକଟରେ ବହୁଛନ୍ତି ବେଶୀ ଭାବେ ଆତ୍ମଗୋପନ କରିଥିଲି । ତାକୁ ଧରିବାର ସୁଯୋଗ ଆପଣଙ୍କୁ କେବେ ମିଳିନଥିଲା । ଆଜ ମୁଁ ତୁମ ହାତରେ ସେମାନଙ୍କୁ ଦେଇଗଲି । ସେମାନଙ୍କ ବିଚାର ତୁମ ହାତରେ । ଆଉ ମୁଁ ଚାହେଁ ତୁମ ମୁଖରୁ ଥରେ ଧନ୍ୟବାଦ ବୋଲି, ସେତିକିରେ ଅବଶ୍ୟ ମୁଁ ଟିକିଏ ଖୁସି ହୁଅନ୍ତି । ଅନ୍ୟାନ୍ୟ ପରେ ପୁଣି ସାକ୍ଷାତ ହେବ । ଇତି ।

ଗୀତା—

ଚିଠିଖଣ୍ଡି ପଢି ସାରିବା ପରେ ସୁବ୍ରତ ବାବୁଙ୍କ ମୁଖ ମଣ୍ଡଳଟି ଗମ୍ଭୀର ହୋଇ ଉଠିଲା ।

ସୁବ୍ରତ ବାବୁ, ଗୌରଶ୍ୟାମ ବାବୁଙ୍କ ପୁଅ ନିକଟକୁ ଆଗେଇ ଯାଇଁ କହିଲେ —"ଏଇକ୍ଷଣେ ଆପଣ ସୁସ୍ଥ ମନେ କରୁଛନ୍ତି ? ଆଚ୍ଛା, ଆପଣ କହିଲେ —"ଦସ୍ୟୁଟି ଦେଖିବାକୁ କିପରି ?

—"ଖୁବ୍ କମ୍ ବୟସ୍କା ବୋଲି ମନେ ହୁଏ । ଆଉ ଜଣାଯାଏ ଅବିବାହିତା ସେ, ତାର କେଶ ରାଶି ଖୁବ୍ ଲମ୍ବା ଲମ୍ବା ଆଖିରେ ନୀଳ ରଙ୍ଗର ଚଷମା । ହାତରେ ଗୋଟାଏ ଦାମି ଓ୍ୱାଚ । ପିନ୍ଧିଥିଲା ସାଲୁଆର । ଦେହର ବର୍ଣ୍ଣ ଶ୍ୟାମଳ । ସାମାନ୍ୟ ଲମ୍ବା । ଦେହଟା ଲୁହାପରି ଶକ୍ତ । ସେଇଟା ଅବଶ୍ୟ ମୁଁ ପ୍ରମାଣ ପାଇଛୁ । କାରଣ ଯେତେବେଳେ ସେ ମୋର ହସ୍ତପଦ ବନ୍ଧନ କଲା । ସେତିକି ବେଳେ ମୁଁ ଅଙ୍ଗେ ଅଙ୍ଗେ ଅନୁଭବ କରିଥିଲି ।

ସୁବ୍ରତ ବାବୁ ଚୁପ୍ ଚାପ ଠିଆହୋଇ ସେ ସବୁ କଥାଗୁଡ଼ି ଶୁଣୁ ଶୁଣୁ ତାଙ୍କର ବର୍ଣ୍ଣାନାନୁଯାଇ ତାଙ୍କର ମାନସ ପଟରେ ଗୋଟିଏ ଛବି ଅଙ୍କି ନେଲେ କାରଣ ସେ ଏତେଦିନ ତା ପଛେ ପଛେ ବୁଲୁଛନ୍ତି । ହେଲେ ଦିନଟିଏବି ତାକୁ ସ୍ୱ ଦେହରେ ଦେଖିବାକୁ ପାଇ ନାହାନ୍ତି ।

Digitized by PPRACHIN, SOA

ଇନସ୍‌ପେକ୍ଟରଙ୍କ କୌତୂହଳ ସ୍ୱରେ କହିଲେ—"ସୁବ୍ରତ ବାବୁ ! ଛଟି ଖଣ୍ଡ କଣ କହି ମୋତେ ଟିକଏ ଦେଖିବାକୁତ ସୁଯୋଗ ଦେଲେ ନାହିଁ ?"

ଏହାଶୁଣି ସୁବ୍ରତବାବୁ ଶୁଷ୍କସ୍ୱରେ କହିଲେ—"ଏଥି ମଧ୍ୟରୁ ଆପଣ କଣ ଅବା ପାଇବେ ? ଏ ଛଟି ଖଣ୍ଡ କେବଳ ପର୍ସନାଲ ଲେଖା ମୋ ନିକଟକୁ, ତେଣୁ ତୁମର ଦେବା ଦରକାର ନାହିଁ ?"

★

ସନ୍ଧ୍ୟା ବେଳକୁ ସମସ୍ତ "ଦୈନିକ ପତ୍ରପତ୍ରିକାରେ ଘଟି ଯାଇ- ଥିବା ସବୁ ଘଟଣା ଗୁଡ଼ିକ ପ୍ରକାଶ ପାଇଗଲା । ଶୀତାର ସୁବ୍ରତ ବାବୁଙ୍କ ଗୃହ ଗମନ ଓ ଗୌରିଶ୍ୟାମ ବାବୁଙ୍କ ଗୃହ ଗମନ ଓ ଗୌରିଶ୍ୟାମ ବାବୁଙ୍କ ଘରୁ ଚୋରି ଏବଂ ଦେଇଥିବା ଛଟି ମଧ୍ୟ ।

କଟକ କାହିଁକି ସାରା ଓଡ଼ିଶାର ଲୋକେ ଏ ଖବର ପଢ଼ି ଉତ୍ୟକ୍ତ ହୋଇ ପଡ଼ିଲେ । ଚୋରର ଏପରି ଦୁଃସାହାସ ଓ ଚୋରି କରିବାର ଆଦର୍ଶ କାଇଦା । ଏ ବିଷୟକୁ ନେଇ ହାଟ ବଜାର ଗ୍ଚ ଦୋକାନ, ସେଲୁନ ଓ ଲାଇବ୍ରେରି ପୋଷ୍ଟ ନିକଟରେ ସେହି ଆଲୋଚନା । ଯେଉଁଠି ଦେଖିବ ଦୁଇ ଚାରିଜଣ ଠିଆ ହୋଇ ସେଇଠି ସେହି ଶୀତାର କଥା ।

ଦିନେ ପ୍ରେସରେ ଚୋର ପାଞ୍ଚ ହଜାର ହେଣ୍ଡବିଲ କରି ରାସ୍ତା ଘାଟରେ ବାଣ୍ଟିଦିଆ ଗଲା । ମୁଁ ଚୌର୍ଯ୍ୟବୃତ୍ତିକୁ ଆଦୌ ସମର୍ଥନ କରେନା, ନିଜ ପାଇଁ ହେଉ ଅବା ଅନ୍ୟ କାହାପାଇଁ ହେଉ । ଚୋର ବୃତ୍ତିଟା ଅବଶ୍ୟ ସବୁ ସମୟରେ ନିନ୍ଦନୀୟ ।

Digitized by PPRACHIN, SOA

କିନ୍ତୁ ଗୀତା ମସ୍ତ ଗୋଟିଏ ପ୍ରତିଭା ଶାଳୀନୀ । ଏ କଥା ଭୂଲିରେ ବି ଅସ୍ୱୀକାର କରି ହିବନି । ଏହି ପ୍ରତିଭାର ପ୍ରଧାନ ଲକ୍ଷଣ ନୂଆ ନୂଆ ବୁଦ୍ଧି ଓ ନୂଆ ନୂଆ କୌଶଳ ଗୀତାର ମହାନ ଉଦ୍ଦେଶ ହେଲା ସବୁ ସମୟରେ ସେ ଚାହେଁ ପୋଲିସ ବାହାମାନଙ୍କ ଯେପରି ତା ନିକଟକୁ ନ ହେଉ, ଏବଂ ରୁହନ୍ତି ।

ଦସ୍ୟୁ ମାନଙ୍କୁ ଧରିବା ପାଇଁ କାଇଦା କୌଶଳ ମଧ୍ୟ ପୋଲିସ ମାନଙ୍କୁ ଶିକ୍ଷା ଦିଆ ଯାଇଛି । ତା ଛଡ଼ା C. I. D, ମାନଙ୍କୁ ଅଧିକ ଖବେ, ଯେଉଁ ସବୁ ନୂଆ ନୂଆ ପଦ୍ଧତି ଦ୍ୱାରା C. I. D, ମାନେ ଦସ୍ୟୁ ମାନଙ୍କୁ ସହଜରେ ଧରି ପାରୁଥିଲେ । ଆଜି କାଲି ସେ ପଦ୍ଧତି ସବୁ ଗୋଟିଏ ସ୍ଥାନ ନିକଟରେ ଅଚଳ ହୋଇପଡ଼େ । ସମସ୍ତ ଦସ୍ୟୁ ଭଳି ସେ ନୁହେଁ । ତା'ର ଚୋରର ପଦ୍ଧତି ସମ୍ପୂର୍ଣ୍ଣ ନୂଆ ଧରଣର । ଯେତେଦିନ ପର୍ଯ୍ୟନ୍ତ ଆମ ଦେଶର ଗୋଇନ୍ଦାମାନେ ନୂଆ ନୂଆ ପଦ୍ଧତି ଆବିଷ୍କାର କରି ନପାରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଗୀତାକୁ ଧରିବା ସମ୍ଭବପର ହେବନି ।

ସୁବ୍ରତ ବାବୁ ସାମାନ୍ୟ ଗୋଟିଏ ନାରୀଦସ୍ୟୁ ପାଇଁ ସେ ଆଉ କେଉଁ ଆଡ଼େ ମୁହଁ ଦେଖାଇବାକୁ ଇଚ୍ଛା କରୁ ନାହାନ୍ତି । ନିଜକୁ ନିଜେ ବଡ଼ ଲଜ୍ଜିତ ହେଉଛନ୍ତି । ଯେଉଁଠାକୁ ସେ ଯାଆନ୍ତି ସମସ୍ତେ ତାଙ୍କୁ ସେହି ଗୋଟିଏ କଥା ପଚାରି ବସନ୍ତି । ଗୀତାର ବ୍ୟବସ୍ଥା କଣ କଲେ ? ଆଉ ମଧ୍ୟ କେହି ଦିନେ ହସି ହସି ପଦେ କଥାବି ତାଙ୍କୁ କହୁନଲେ ନାହିଁ । ଗୀତାର କଥା ଯେତେବେଳେ ତାଙ୍କର ମନ ମଧ୍ୟରେ ଉପସ୍ଥିତ ହୁଏ, ସେତେବେଳେ ତାଙ୍କ ସର୍ବାଙ୍ଗରେ ଯେପରି ବିଷର ଇଞ୍ଜେକସନ୍ ଦେଲା ପରି ସେ ଅନୁଭବ କରନ୍ତି ।

ଦିନେ ପୋଲିସର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଜଣେ କନେଷ୍ଟବଳ ଦ୍ୱାରା ଡ଼କାଇ ପଠାଇଲେ । ଏ ଖବର ଯେତେବେଳେ ସୁବ୍ରତ ବାବୁ ଶୁଣିଛନ୍ତି, ମନରେ ତାଙ୍କର ଭୟ ଆସିଗଲା । ଅବଶ୍ୟ ଠିକ୍ ସମୟରେ ସୁବ୍ରତ ଯାଇଁ ଉପସ୍ଥିତ ହେଲେ ଅଫିସରଙ୍କର ନିକଟରେ । ତାଙ୍କୁ ଦେଖି

Digitized by PPRACHIN, SOA

ଅଫିସର କହିଲେ—"ଦେଖନ୍ତୁ ସୁବ୍ରତ ବାବୁ ! ଆପଣଙ୍କ ପାଇଁ ଆଜି ଆମର ପୋଲିସ ବାହିନୀଙ୍କ ସବୁ ଜାଗାରେ ଅଖ୍ୟାତି,

—"ସାର ! ମୁଁ କଣ ମୋର କର୍ତ୍ତବ୍ୟରେ ଅବହେଳା କରୁଛି ବୋଲି ଆପଣ ଭାବୁଛନ୍ତି ?" ଏପରି ପରିସ୍ଥିତିରେ ଯଦି ସଫଳତା ହାସଲ କରି ନ ପାରେ ତାହାହେଲେ ସେଇଟା ମୋର ଦୁର୍ଭାଗ୍ୟ" ।

—"ଭୁଲ ଚେଷ୍ଟା କେବେ ସଫଳ ହୁଏନା ?" ଏ କଥା କଣ କେବେ ତୁମେ ଅସ୍ୱୀକାର କରିବ ସୁବ୍ରତବାବୁ !"

—"ମୁଁ କି ପ୍ରକାର ଭୁଲ କରିଛି ଆଜ୍ଞା ?"

—"ନିଶ୍ଚୟ ତୁମେ ଭୁଲହିଁ କରିଛ, ତା ନହେଲେ ଗୌରିଶ୍ୟାମ ବାବୁଙ୍କ ଘରୁ ଗୀତା ଯେ ଚୋରି କରିବ ଏ ଖବର ତୁମେ ପୂର୍ବରୁ ପାଇ ସୁଦ୍ଧା ମୋତେ ଜଣାଇନ, ଏଇଟା କଣ ତୁମର ଅନ୍ୟାୟ ନୁହେଁ ? ତୁମେ କୁହ ??"

—"ଏତ, ଗଲା ତୁମର ପ୍ରଥମ ଭୁଲ ! ଦ୍ୱିତୀୟ ଭୁଲ କଣ ଜାଣ ? ତୁମେ ଯେତେବେଳେ ସଦଳବଳେ ଗୌରିଶ୍ୟାମ ବାବୁଙ୍କ ଘର ଉପରେ ନଜର ରଖିଥିଲ ସମସ୍ତେ ଗୋଟିଏ ଜାଗାରେ ଥିଲ କାହିଁକି ? ତା ନ ହୋଇଥିଲେ ଗୀତା କଣ ଖସି ପଳାଇ ଯାଇ ପାରିଥାଆନ୍ତା ? ?"

—"ଆଜ୍ଞା ମୋର ସମ୍ପୂର୍ଣ୍ଣ ଧାରଣା ଥିଲା, ଗୀତା ଏକା ଏକା, ଯାଇଁ ଚୋରିକରେ । କିନ୍ତୁ ସେ ଯେ ଏପରି ଗୋଟିଏ ଚକ୍ର ବହୁ ପ୍ରସ୍ତୁତ କରି ରଖିଛି ତା କିଏ ଯାଣିଥିଲା ।"

—"ସେଇଟାତ ତୁମର ପୂର୍ବରୁ ଚିନ୍ତା କରିବା ଉଚିତ ଥିଲା ? ଯେଉଁ ଦସ୍ୟୁ ପ୍ରକାଶ୍ୟ ଭାବରେ ଚୋରି କରିବାକୁ ଆସେ, ସେ କଣ କେବେ ସାମାନ୍ୟ ବୋଲି ଧରି ନଆଯାଏ, ମୋ ମତରେ ଏ ଦାୟିତ୍ୱଟା ତୁମ ଉପରେ ନଦେଇ ଅନ୍ୟ ଲୋକଙ୍କୁ ଦେଲେ ମୋ ମତରେ ଭଲ ହୁଅନ୍ତା ବୋଲି ମନେ ହୁଏ । ଏଥିରେ ତୁମର ମତ କଣ ???

ଏହା ଶୁଣିବା ମାତ୍ରେ ସୁବ୍ରତବାବୁଙ୍କ ଶିରରେ ଯେପରି ଅଗ୍ନିକ ବଜ୍ରପାତ ହେବା ପରି ମନେ କଲେ । କିଛି ସମୟ ସେ ନୀରବରେ ଆହୋଇ

Digitized by PPRACHIN, SOA

ରହିଲେ । ତା ପରେ ଖୁବ୍ ନମ୍ର ସ୍ୱରରେ କହିଲେ—"ସାର୍ ! ଏ ଅପମାନ ମୁଁ ଆଦୌ ସହ୍ୟ କରି ପାରିବିନି । ଗୀତା ପାଇଁ ହୁଏତ ମୋତେ ଆତ୍ମହତ୍ୟା କରିବାକୁ ପଡ଼ିବ ।"

ସୁବ୍ରତବାବୁଙ୍କ କଥାରେ ଅଫିସରଙ୍କ ମନରେ ଦୟା ଆସିଲା । ସେ କହିଲେ—"ଆଚ୍ଛା ଆପାତତ ଏ ଭାର ତୁମ ଉପରେ ଆଉ କିଛିଦିନ ଥାଉ... କିନ୍ତୁ ଆଜିକାଲି ଖବର କାଗଜ ଉପରେ ତୁମର ନଜର ପଡ଼ୁଛି ?

—"ଆଜ୍ଞା ନା ।"

—"ମୋର ମନେହୁଏ ଗୀତା ଶତମତ ଭାବେ ପ୍ରତ୍ୟେକ ସମ୍ବାଦ ଅଂଶ ଗ୍ରହଣ କରେ । ତା ନହେଲେ ଏତେ ଖବର ଖବର କାଗଜବାଲା ପାଆନ୍ତି କିପରି ? ଆଉ ମଧ୍ୟ ତୁମର ଦୋଷ ଦୁର୍ବଳତା ଓ ବ୍ୟଙ୍ଗଚିତ୍ର ସେମାନେ ଧାରା ବାହିକଭାବେ ଦିଅନ୍ତି କିପରି ? ଏହି ସବୁ କାରଣରୁ ଲୋକମାନେ ଆଉ ଆମ୍ଭମାନଙ୍କ ଉପରେ ଭରସା ରଖି ନାହାନ୍ତି ।

ସେ ସବୁ କଥା ସୁବ୍ରତବାବୁ ଶୁଣି ଯାଉଥିଲେ ବି ମଥାନତ କରି ନୀରବରେ ସହ୍ୟ କରି ଯାଉଥିଲେ ।

କିନ୍ତୁ ସେତିକିବେଳେ ଜଣେ ଅଫିସରଙ୍କର କଥା ମନେପଡ଼ିଲା । ତା ନୁହେଁ, ସେ ହାତର ବଳି ଆଙ୍ଗୁଠିକୁ ଗୋଟିଏ ଯାଗାରେ ଖବର କାଗଜ ଉପରେ ନିର୍ଦ୍ଦିଷ୍ଟ କରି କହିଲେ—ଏଇ ନିଅ, ସୁବ୍ରତବାବୁ ! "ଏହି ବିଜ୍ଞାପନଟା ପଢି ଦେଖନ୍ତ ।"

ବିଜ୍ଞପନଟି ଦେଲି ଏହି ।

ଗୀତାର ବୁଦ୍ଧି ଓ ଶକ୍ତି ଦେଖି ସୁବ୍ରତ ଚୌଧୁରୀ ଚମତ୍କୃତ ହୋଇଛନ୍ତି ।

ଗୀତା ଶତ୍ରୁ ହେଲେବି ସୁବ୍ରତ ଚୌଧୁରୀ ତାର ବୁଦ୍ଧି ଓ ଶକ୍ତିକୁ ସ୍ୱାଗତ ଜଣାଇବାକୁ ଚାହାଁନ୍ତି ।

ଗୀତା ଓ ତାର ସହକର୍ମୀ ମାନଙ୍କୁ ସୁବ୍ରତ ଚୌଧୁରୀ ନିଜ ବାସଭବନକୁ ନିମନ୍ତ୍ରଣ କରିଛନ୍ତି ।

ଏ ଖବରଟି ଯେତେବେଳେ ତାଙ୍କ ଆଖି ଆଗକୁ ଆସିଛି, ସେ ଏକବାର ଗୋଖର ସର୍ପପରି ଗର୍ଜି ଉଠିଲେ ଅଥଚ ମନେ ମନେ ।

Digitized by PPRACHIN, SOA

ସୁବ୍ରତବାବୁଙ୍କ ମୁଖର ଭାବ ଭଙ୍ଗୀକୁ ଦେଖି ଅଫିସର କହିଲେ—"ଏହି ସାମାନ୍ୟ ଗୋଟିଏ ବିଜ୍ଞାପନ ପଢ଼ି ଆପଣ ଅଧୀର୍ଯ୍ୟ ହୋଇ ପଡ଼ୁଛନ୍ତି ? ଏ ଖବରଟା ମିଛବୋଲି ଧରି ନିଅ । ତା ଉପରେ ଏତେଟା ଗୁରୁତ୍ୱ ଦିଅନି ।

ଅଫିସରଙ୍କ କଥା ଶୁଣି ସୁବ୍ରତ ଧୈର୍ଯ୍ୟ ଧରି କହିଲେ—"ଆଜ୍ଞା ନା, ଏ ଖବରକୁ ଅନ୍ତତଃ ମିଛ ବୋଲି ଧରିଯାଏନା ।"

— "ତେବେ ଏଟା କଣ ସତ୍ୟକାର ?"

—"ନାଁ । ଆଜ୍ଞା; ଏହା ମଧ୍ୟରେ ତାର ନିଶ୍ଚୟ କୌଣସି ଗୋଟାଏ ଗୁପ୍ତ ରହସ୍ୟ ଲୁକାୟିତ ଭାବେ ଆତ୍ମଗୋପନ କରିଛି ।"

—"ଏହାକୁ କଣ ସତ୍ୟବୋଲି ଆମ୍ଭଙ୍କୁ ସ୍ୱୀକାର କରି ନେବାକୁ ପଡ଼ିବ ?

—"ଗୀତା ହୁଏତ ମୋ ପାଇଁ କୌଣସି ଗୋଟିଏ ନୂଆ ଷଡ଼ଯନ୍ତ୍ର ତିଆରି କରିଛି ।"

—"ତା ଦ୍ୱାରା ତା'ର ଲାଭଟା ବା କଣ ?"

—"ଲାଭ ମଧ୍ୟରେ ଏତେକ ଜନ ସମାଜ ଆଗରେ ମୋତେ ହାସ୍ୟାସ୍ପଦ କରି ।"

—"ଗୀତା ତାହେଲେ ଖୁବ୍ ବୁଦ୍ଧିମତୀ ?"

—"ଆଜ୍ଞା ତା କେବେ କଣ ଅସ୍ୱୀକାର କରି ଯାଇପାରେ ?"

ଠିକ୍ ଏତିକବେଳେ ଅଫିସରଙ୍କ ଟେବୁଲର ବାମ ପାଖରେ ଥିବା ଟେଲିଫୋନଟି ବାଜି ଉଠିଲା । ସେ ରିସିଭରଟି କାନରେ ଲଗାଇ ଯାହା ଶୁଣିଲେ, ସେଥିରେ ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ ।

ରିସିଭରଟା ଫୋନ ଉପରେ ଥୋଇ ଦେଉଁ ଦେଉଁ କହିଲେ—"ସୁବ୍ରତବାବୁ ! ତୁମେ ଏହି ଦଶ ମିନିଟ ମଧ୍ୟରେ କଟକ ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇପଡ଼ । କାରଣ ତୁମକୁ ଏହି ହାବଡ଼ା ଏକସ୍‌ପ୍ରେସ ଧରି ଖଡ଼ଗପୁର ଯିବାକୁ ପଡ଼ିବ, ଏହିମାତ୍ର ଆମର ଜଣେ ପ୍ରାଇଭେଟ ଗୋଇନ୍ଦା ଖବର ପଠାଇଛେ, ଗୀତା ଆଜି ଖଡ଼ଗପୁର ଠାରୁ ଆଶାନସୋଲ ଯିବ । ସେ

Digitized by PPRACHIN, SOA

ସେଇଠାରେ ବୁଲୁଥିବ ରହିବ । ତାପରେ ହୁଏତ ସେ ଅନ୍ୟ କେଉଁଆଡ଼େ ଚାଲି ଯାଇପାରେ, ଆପଣ ଯାଇଁ ଆମ ପ୍ରାଇଭେଟ ଗୋଇନ୍ଦା ଅଫିସରେ ପହଞ୍ଚିଲେ, ସେ କେଉଁଆଡ଼େ ଗଲା ଓ କାହିଁକି ଗଲା, ସମସ୍ତ ଜଣାଇ ଦେବେ । ତୁମକୁ ଆଉ ବିଶେଷ ଅସୁବିଧା ହେବନି । ହଁ ତୁମେ ଯାଅ, ହଁ ତୁମେ ଯାଅ ଗାଡ଼ି ଆସିଯିବା ଉପରେ, ବିଳମ୍ବ କରନା । ସମୟ ଖୁବ୍ କମ୍ ।

ଏହାକହି ଅଫିସର ଟେଲିଫୋନର ଡ଼ାଇଲ ଘୁରାଇଲେ । କଟକ ଇନ୍‌କ୍ୱାରି ଅଫିସ । —"ସେଭେନ ଡାଉନ କେତେବେଳେ ଆସି ଷ୍ଟେସନରେ ପହଁଞ୍ଚିବ ? ଆଉ କେତେ ସମୟ ରହିବ ??

ହଁ, ସୁବ୍ରତ ବାବୁ, ସେଭେନ ଡ଼ାଉନ ଆଠଟା, ଛବିଶରେ ଆସି ଆଠଟା ଛତିଶରେ ଷ୍ଟେସନ୍ ଛାଡ଼ିବ । କିନ୍ତୁ ଅଳ୍ପ ଟ୍ରେନ ବିଳମ୍ବ ଅଛି, ପଚିଶ ମିନିଟ୍ । ଯାଅ ତୁମେ ଆଉ ବିଳମ୍ବ ନକରି ଶୀଘ୍ର ପ୍ରସ୍ତୁତ ହୋଇ-ପଡ଼ ଟ୍ରେନ ଧରିବାକୁ ।"

—"ମୋତେ କଣ ସାର ! ଏକୁଟିଆ ଯିବାକୁ ପଡ଼ିବ ?"

—"ନା, ତୁମେ ଯଦି ଅଧିକ ଲୋକ ସାଥିରେ ନେବାକୁ ମନେ କରୁଥାଅ, ତା ହେଲେ ଯେ କେତେଜଣ ଦରକାର ନେଇଯାଅ । ମୋର ସେଥିରେ କୌଣସି ଆପତ୍ତି ନାହିଁ । କିନ୍ତୁ ବିଳମ୍ବ କଲେ ଚଳିବନି । ହଁ, ଖୁବ୍ ସାବଧାନ୍ ।

ଅନ୍ନପୂର୍ଣ୍ଣା ଦେବୀ ସନ୍ଧ୍ୟାବେଳେ କଳଘର ମଧ୍ୟରୁ ଗାଧୋଇ ଲୁଗା ବଦଳେଇବାକୁ ଯାଉଛନ୍ତି ଇତ୍ୟାବସରେ ଘରର ଟୋକାଟା ଆସି ଖବର ଦେଲା । ବାବୁ ଗୋଟିଏ କନେଷ୍ଟବଲ ହାତରେ ଏହି ଚିଠିଖଣ୍ଡି ପଠାଇ-ଛନ୍ତି । ଏଇ ନିଅନ୍ତୁ ।

• ଚିଠି ଖଣ୍ଡି ଅନ୍ନପୂର୍ଣ୍ଣା ଦେବୀ ହାତକୁ ନେଇ ଆଗ ଅକ୍ଷରଟା ମିଳାଇ ଦେଖିନେଲେ ସେ ହାତଲେଖା ତାଙ୍କର ଆରାଧ୍ୟ ଦେବତାଙ୍କର । ଚିଠିଖଣ୍ଡି

Digitized by PPRACHIN, SOA

ସେହି ଭଜା ଅବସ୍ଥାରେ ପଢ଼ିବାକୁ ଆରମ୍ଭ କରିଦେଲେ । ସେଥି ମଧ୍ୟରେ ଲେଖାଥିଲି ;

ମୁଁ ବର୍ତ୍ତମାନ ପୁଣି ହାବଡ଼ା ଏକ୍‌ସପ୍ରେସ ଧରି ଖଡ଼ଗପୁର ଚାଲି ଯାଉଛି । ସେଠାରୁ ପୁଣି ଅନ୍ୟ ଟ୍ରେନ ଧରି ଆସାନସୋଲ ଯିବି, ବିଶେଷ ଦରକାର ଅଛି । ତେଣୁ ଘରକୁ ଯାଇ ତୁମ ସହିତ ସାକ୍ଷାତ କରି ପାରିଲି ନାହିଁ । ହୁଏତ ସମସ୍ତ ଯଦି ପାଏ ତା ହେଲେ ଫେରିବି ନ ହେଲେ ଆଜି ଫେରି ପାରିବିନି । ଆସନ୍ତା କାଲି ନିଶ୍ଚୟ ଫେରିବି । କିନ୍ତୁ ଗୋଟିଏ କଥା ପାଇଁ ମୁଁ ବି ଦୁଃଖିତ । ତୁମକୁ ପୂର୍ବରୁ କହିବାକୁ ମଧ୍ୟ ଭୁଲି ଯାଇଥିଲି । ଗଲି କାଲି ମୁଁ ମୋର କେତେଜଣ ବନ୍ଧୁଙ୍କୁ ଆମ ଘରକୁ ନିମନ୍ତ୍ରଣ କରିଥିଲି । ସେମାନେ ସାଢ଼େ ପହଞ୍ଚିବେ । ସେମାନଙ୍କର ଖାଇବା ପିଇବାର ସୁ ବ୍ୟବସ୍ଥା କରିଦେବ । ମୁଁ ରହିଥିଲେ ହୁଏତ ଠିକ୍‌ଏ ଭଲ ହୋଇଥାନ୍ତା । କିନ୍ତୁ ଦୁର୍ଭାଗ୍ୟ ରହି ପାରୁନି । ତେବେ ସେମାନଙ୍କ ମଧ୍ୟରୁ ଶୁକଦେବ ବାବୁଙ୍କ ସହ-ଧର୍ମିଣୀ ଯିବେ । ଶୁକଦେବ ବାବୁଙ୍କ ନାଁଟା ହୁଏତ ତୁମେ ମୋଠାରୁ ଆଗରୁ କେବେ ଶୁଣିଥିବ । ସେ ଭାରି ଉଦାର ଓ ଉଚ୍ଚମନା । ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କ ସହିତ ଯିବେ । ତାଙ୍କ ନାଁ ସାବିତ୍ରୀ ଦେବୀ । ସେ ଯେତେବେଳେ ତାଙ୍କ ସହିତ ଯାଉଛନ୍ତି ତୁମର କୌଣସି ଅସୁବିଧା ହେବନି । ସେମାନଙ୍କର ଯତ୍ନରେ ଅବହେଳା କରିବନି । କାରଣ ମୋର, ମାନ, ମହତ ଓ ଇଜ୍ଜତ ଅଛି, ତାକୁ ତାଙ୍କ ପାଖରେ ତଳକୁ ଠେଲି ଦେଲେ, ମୁଁ ଆଉ ମୁହଁ ଟେକି ଚାଲି ପାରିବିନି । ଗାଡ଼ିର ସମୟ ହୋଇ ଆସିଲାଣି; କିନ୍ତୁ ଖୁବ୍ ସାବଧାନ । ହଁ ଦୁଇଜଣ କନେଷ୍ଟବଳ ମଧ୍ୟ ପଠାଇଲି, ଏମାନେ ଦୁଇଦିନ ଆମ ଘରେ ଡ୍ୟୁଟି ଦେବେ । ଇତି

ସୁବ୍ରତ ଚୌଧୁରୀ

ଚିଠି ଖଣ୍ଡିକ ପଢ଼ି ଅନ୍ନପୂର୍ଣ୍ଣା ଦେବୀ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଲେ । ଦଶଜଣ ବନ୍ଧୁଙ୍କୁ ସେ ରାନ୍ଧିବାଢ଼ି ପରଶିବେ । ଗୃହ ପାହିଲେ ସମସ୍ତ

Digitized by PPRACHIN, SOA

ବ୍ୟବସ୍ଥା କରିବାକୁ ପଡ଼ିବ । ପୂର୍ବ ଦିନରୁ ଯଦି ଏହାର କୌଣସି ସୁ ବ୍ୟବସ୍ଥା କରା ନ ଯାଏ ସଖାଙ୍କୁ ସଖାଙ୍କୁ ଏ ସବୁର ଜିନିଷ ମାନ ମିଳିବ କେଉଁଠୁ ?

ରାମା ! ରାମା !! ତୁ ଶୀଘ୍ର ବ୍ୟାଗଟା ଧରି ଆସିଲୁ ବଜାରକୁ ଯିବା ।

ରାମା ବ୍ୟାଗଟା ଧରି ଆସି ଅନ୍ନପୂର୍ଣ୍ଣା ଦେବୀଙ୍କ ନିକଟରେ ଉପସ୍ଥିତ ହେଲା । ଦୁହେଁ ଚାଲିଲେ ନିକଟରେ ଥିବା ବଜାର ଆଡ଼େ । ଯାହା କିଛି ବଜାରୁ ଆଣିବାର କଥା ନେଇ ଘରକୁ ଫେରି ଆସିଲେ । ଆଉମଧ୍ୟ ମାଂସ ଦୋକାନରେ କହି ଆସିଲେ ଆସନ୍ତା କାଲି ସଖାଙ୍କୁ ଦୁଇ, ତିନି, କିଲୋ ମାଂସ ନେଇ ତାଙ୍କ ଘରଟାରେ ଦେଇ ଆସିବାକୁ ।

★

ବେଳ ସାଢ଼େ ନଅଟା । ଶଦର ଦରଜାର କଡ଼ା ନାଡ଼ିବାର ଶବ୍ଦ ସେ ଶୁଣିବାକୁ ପାଇଲେ । ଅନ୍ନପୂର୍ଣ୍ଣା ଦେବୀ ଭାବିଲେ ହୁଏ ବନ୍ଧୁ ମାନଙ୍କର ଆବିର୍ଭାବ ହୋଇଗଲା ବୋଧହୁଏ । ଦରଜାର ଫାଟକ ବାହାରକୁ ଚାହିଁ ଦେଖିଲେ ଜଣେ ବୟସ୍କ ଓ ଆଉ ଜଣେ ମଧ୍ୟ ବୟସ୍କା ଚିନ୍ତା କରିବାର କୌଣସି କାରଣ ନାହିଁ । ରାଧାକୃଷ୍ଣ ଯୁଗଳହିଁ ଶୁଭଦେବ ଓ ତାଙ୍କର ସହ-ଧର୍ମିଣୀ ସାବିତ୍ରୀ ଦେବୀ ଦରଜା ଖୋଲି ଦେଲେ । ହସି, ହସି, ଘର ମଧ୍ୟକୁ ପଶି ଆସୁ, ଆସୁ, ସାବିତ୍ରୀ ଦେବୀ କହିଲେ—"କଣ ବାବୁ ଘରେ ନାହାନ୍ତି କି ?"

ଅନ୍ନପୂର୍ଣ୍ଣା ଦେବୀ, ମୁଣ୍ଡ ହଲାଇ ଜଣାଇ ଦେଲେ ନାଁ । ।

—"କୁଆଡ଼େ ବଜାର ଆଡ଼େ ଯାଇଛନ୍ତି ବୋଧହୁଏ ?"

—"ହେଉ ତାଙ୍କ କଥା ପରେ ଶୁଣିବେ । ଆଗେ ଘରକୁ ଆସି ଗୋଡ ହାତ ଧୋଇ ବସ । ତାପରେ ସବୁ ମୁଁ ତୁମକୁ କହିବ । ଶୁଣିବେତ

Digitized by PPRACHIN, SOA

ଏତେ ବ୍ୟସ୍ତ କାହିଁକି ? ତାଙ୍କ ଅନୁପସ୍ଥିତିରେ ମୁଁ କଣ ଆପଣ ମାନଙ୍କର ଚର୍ଚ୍ଚା କରି ପାରିବିନି ??"

ସାବିତ୍ରୀ ଦେବୀ ହସି, ହସି, କହିଲେ—"ସ୍ତ୍ରୀ ମାନଙ୍କର ଧର୍ମ କଣ ଆମ୍ଭେମାନେ ଲୁପ୍ତ କରିଦେବା ? ସ୍ତ୍ରୀ ମାନଙ୍କର ଯାହା କର୍ତ୍ତବ୍ୟ ତାହାହିଁ ଆମ୍ଭମାନଙ୍କୁ କରିବାକୁ ପଡ଼ିବ । ଏଥିରେ ଖିଦିବାର, ବା ଚିନ୍ତା କରିବାର କଣ ଅଛି ?

ଏହାକହି ସାବିତ୍ରୀ ଦେବୀ ରୋଷାଇ ଘରକୁ ପଶିଯାଇଁ ଚୁଲିଟା ନିକଟରେ ବସି ଯାଇଁ କହିଲେ —"ଦେଖନ୍ତୁ, ମୋ ପାଖକୁ ସମସ୍ତ ଯୋଗାଡ଼ କରିଦେଲେ ମୁଁ ଏହି କ୍ଷଣକ ମଧ୍ୟରେ ସବୁ ସାରିଦେବି ।

—"ଆଃ ଆପଣ ଅମ ଘରକୁ ଅତିଥି ହୋଇ ଆସିଛନ୍ତି ଏଥିରେ ପୁଣି ନିଜେ ନିଜ ହାତରେ ରାନ୍ଧି ବାଢ଼ି ଖାଇ ପିଇ ଯିବେ ? ସେ ଯଦି ଏ କଥା ଶୁଣନ୍ତି ମୋତେ କଣ ବୋଲି କହିବେ ?? ନା, ନା, ତୁମେ ଆସ ବରଂ ମୋ ପାଖରେ ବସି ଗଳ୍ପ କର ମୁଁ ସବୁ କରି ଦେଉଛି ।"

କିଛି ସମୟ ବିତିଯିବା ପରେ ପ୍ରାୟ ସମସ୍ତ ରୋଷାଇ ସରିଗଲା । ଖାଇବା ପୂର୍ବରୁ କାହିଁକି କେଜାଣି ସାବିତ୍ରୀ ଦେବୀଙ୍କ ମନେପଡ଼ି ଗଲାକି କଣ ଡ଼ାକିଲେ ଅନୁ ଅପା ! ଅନୁ ଅପା ! ଆଜି ତୁମ ଘରେ କାହିଁକି ଦୁଇଟା ସିପାହି ଅଛନ୍ତି ? ସେମାନଙ୍କୁ କଣ ନିମନ୍ତ୍ରଣ କରି ଯାଇଛ ନା କଣ ?"

ନାଁ, ମ, ନାଁ, ତୁମେ କଣ ସାବିତ୍ରୀ ଜାଣିନାହଁ । ସେହି ଗୀତା ପାଇଁ ସେ ଦୁଇଜଣ ପ୍ରହରୀ ଦେଉଛନ୍ତି ।"

"ଗୀତା ପାଇଁ ? କେଉଁ ଗୀତା ??"

—"ଆରେ ବାବା; ତୁମେ କଣ ତାହାହେଲେ ଗୀତାର ନାଁ ଶୁଣି ନାହଁ ? ଯାର ନାଁ ଘରେ ଘରେ ମୁଖରିତ ।"

—"ସେତ ସେହି ଗୀତା, ଯାହାର କାମ ଦସ୍ୟୁବୃତ୍ତି ତୁମେ କଣ ତାହାର କଥା କହୁଛ ଅନୁଅପା ?

—"ହଁ. ତାରି କଥାତାରି ଭୟରେ ସବୁ ଆମ ସେ ଯେତେବେଳେ

Digitized by PPRACHIN, SOA

ଅସାନ ଶୋଲ ଗଲେ ଦୁଇଟା ପ୍ରହରୀ ବାଲା ରହିଗଲେ । କେତେବେଳେ ଯେ ଗୀତା କେଉଁ ମୁହୂର୍ତ୍ତରେ ଆସିବ, କିଏ ଜାଣେ । ସେ ପୁଣି ଖବର କାଗଜ କାରଆରେ ଲେଖିଥିଲା ଆମ ଘରକୁ ଅତିଥି ହୋଇ ଆସିବ ଖାଇବା ପାଇଁ । ଆମ ଘରକୁ ସେ ଥରେ ଆସି ମୋ ରାନ୍ଧୁଥିବା ବେଳେ ସେ ଗ୍ୟାସରୁ ସେ ଅନୁଭବ କରିଥିଲା । ମୋ ହାତରନ୍ଧା ତାର ଖାଇବାକୁ ଘାର ଇଚ୍ଛା । ବୋଧହୁଏ ସେଇଥି ପାଇଁ ।

—"କଣ ହେଲା ଅନୁଅପା ସେ ଚୋର କରିବାକୁ ଚାହେଁ ? ଏଟା କଣ ତାର ବାପାର ଅର୍ଜିତ ଧନ ନା କଣମ ??

—ସେ ତା,ର ବାପଘରେ,କ'ଣ କରେ ସେ କଥା ଅବଶ୍ୟ ମୁଁ ଜାଣିନ, ହେଲେ ପରଘରେ ଏପରି ଚୌର୍ଯ୍ୟ କରି କେତେବଡ଼ ଅପମାନ ବ୍ୟାପାର ସେ କଥା କଣ ସେ ଚନ୍ତା କରେ ?

—"ହଁ ଅନୁଅପା ସେହି ଗୀତା କଥା ସାରା ଓଡ଼ିଶାର ଘରେ ଘରେ ଚହଲା ପଡ଼ି ଯାଇଛି । ସେ, ଯେ ଦସ୍ୟୁବୃତ୍ତି କରେ କାଳେ ତା'ର ନିଜପାଇଁ ନୁହେଁ ? ପ୍ର,ପାଇଁ ?? ସେମାନେ ଏ ଯୁଗର ଦାତାକର୍ଣ୍ଣ ପରି କାମ କରୁଛି ??

—"ସେ ଦାନରୁ ଅବା କଣ ମିଳିବ ? ପରଧନରେ ପଲେଇମା ହୋଇ ଲାଭ କଣ ?? ନିଜଘରୁ ଯଦି ସେ ଆଣି ଦେଉ ଥାଆନ୍ତା । ତାହା ହେଲେ ଜାଣନ୍ତି ହଁ ସେ ଦାନ କରୁଛି । ଆଉ ଦୁଃଖି ଲୋକଙ୍କ ଦୁଃଖ ଶୁଣୁଛି । ଆ ଘର ଭାଙ୍ଗି ତା ଘର ତୋଳି ଲାଭ କଣ ?? ଆପଣ କ'ଣ କହୁଚନ୍ତି ସାବିତ୍ରୀ ଦେବୀ ???

—"ସେଇଟାହିଁ ଅବଶ୍ୟ ସତକଥା ଅନୁଅପା ! ତେବେ ମୋ ମତରେ ସେ ଯାହା କରୁଛି ଖୁବ୍ ଯେ ଅନ୍ୟାୟ କରୁଛି ତା'ବ ନୁହେଁ । କାରଣ ଯେମାନେ ଧନ ଓ ପୁଞ୍ଜିପତି ଆଉ ସେମାନେ ଗରିବଙ୍କୁ ଘୃଣା କରନ୍ତି

Digitized by PPRACHIN, SOA

ସେଇମାନଙ୍କ ଘରୁ ସେ ଯଦି ଚୋରି କରି ଆଣି ବିତରଣ କରେ ସେଥିରେ ଅବଶ୍ୟ ଅନ୍ୟାୟ ହୁଏନା ।"

—"ନାଁ, ଏଥିରେ ମୁଁ ଅବଶ୍ୟ ପକ୍ଷପାତ । କାରଣ ଧନ ଉପରେ ଏମାନେ ସମସ୍ତେ ଦାନ କରି ପାରନ୍ତି । ସେ ଅବା ଅଧିକଟା କଣ କଲା ?

—"ତୁମେ ତାହାହେଲେ କ'ଣ ଅନୁଅପା କହିବାକୁ ଚାହଁ ଧନୀ, ଧନୀ ହୋଇ ରହୁ ଆଉ ଗରିବ, ତା ଦୁଆରକୁ ଯାଇଁ ହାତ ପାତୁ । ଆଉ ସେମାନେ ସେହି ସୁଯୋଗରେ ତାକୁ ଲାଠି ପ୍ରହାର କରନ୍ତୁ । ତୁମେ ଯାହା କୁହନା କାହିଁକି ମୋ ମତରେ ଗାଁତା ଯାହା କରୁଛି ସେ ଅନ୍ୟାୟ ନୁହେଁ । ବରଂ ଠିକ୍ ହିଁ କରୁଛି । ଏଥିରେ ଯଦି ସେ ଧରା ପଡ଼ିଯାଏ । ତାହାହେଲେ ମୁଁ ଖୁସି ହେବନି । ବରଂ ଦୁଃଖ ପ୍ରକାଶ କରିବି । କାରଣ ମୋର ଆଖି ଆଗରେ ମୁଁ ଦେଖିଛି ଆମ ଘର ଠାରୁ ଅଳ୍ପଦୂରରେ ଗୋଟିଏ ଗାଁ ସମସ୍ତେ ସେଠାରେ ପ୍ରାୟ ଗରିବ । କାହାରିକୁ ପେଟପୂରା ଗଣ୍ଡିଏ ଖାଇବାକୁ ମିଳୁ ନ ଥିଲା । କମ୍ପା ଭଲ ଲୁଗା ଖଣ୍ଡେ ପିନ୍ଧିବାକୁ ପାଉ ନ ଥିଲେ । ଆଜିକାଲି ସେ ଗାଁକୁ ଦେଖିବ ସେମାନେ ଏଇନେ କେତେ ଉଚ୍ଚରେ । ଗାଁରେ ସ୍କୁଲ, କଳ, ଟାଇଲ ଘର, ଓ ଚାଷ କରିବାର ସମସ୍ତ ସାମଗ୍ରୀ କିଣି ଆଣି କିପରି ଯୋଗାଇ ଦେଇଛି । ଭବିଷ୍ୟତରେ ସେ ଯଦି ବନ୍ଦୀରହେ ଆହୁରି ବି କେତେ କଣ କରିବ ।

—"ଛାଡ଼ ସେଥିରୁ ଆମର ବା କଣ ମିଳିବ । ଯିଏ ଯାହା କରିବ ସେ ତାର ସେହି ପରିଣାମ ଭୋଗିବ ।" ଆମର ଯାଏ କେତେ ନା ଆସେ କେତେ ।

-- "ବ୍ରେଷାଇଡ ସରିଗଲା ଅନୁଅପା ! ଆଉ ହ୍ୱବ୍ରତବାବୁ ତ ଏତେବେଳ-ଯାଏ ଫେରିଲେ ନାହିଁ । ସେ କଣ ଆଜି ଆସିବେ ନାହିଁ ନା କଣମ ?

—"ଦେଖୁଛ ତ ପୋଲିସ ଘରକୁ ବୋହୁ ହୋଇ ଆସିବା କେଡ଼େ ସୁଖ ଯଦି ଭଲ ମନ୍ଦରେ କରକାର ପଡ଼େ ରହିବାକୁ ସେ କଣ ରହି ପାରିବେ । ସତେ ଯେମିତି ସେ······ । ଖାଦ୍ୟ ଜିନିଷ ଗୁଡ଼ା ଅଣ୍ଡା ହୋଇ ଯାଉଛି, ସମସ୍ତଙ୍କୁ ଖାଇବାକୁ ଦେଇଦେଲେ କଣ ଭଲ ହୁଅନ୍ତା ନାହିଁ ?"

Digitized by PPRACHIN, SOA

ହିଁ ତାହାହିଁ କର । ତାଙ୍କୁ ଅପେକ୍ଷା କରି ବସି ରହି ଲଭ ହେବନି, ବରଂ ଭାତ ତରକାରି ଗୁଡ଼ା ଥଣ୍ଡା ହୋଇଯିବ । ଆଉମଧ୍ୟ ତାଙ୍କ ଆସିବାଟା ସେହିପରି ସ୍ଥିରତା ଥାଆନ୍ତାକି, ତାହେଲେ ତାଙ୍କୁ ଅପେକ୍ଷା କରନ୍ତେ । ତା'ତ ତାଙ୍କର ଠିକ୍ ନାହିଁ ।

ଖାଇବା ପିଇବା ପ୍ରାୟ ଦୁଇଘଣ୍ଟା ମଧ୍ୟରେ ସମାପ୍ତି ଘଟିଲା । ଆହୁରି ମଧ୍ୟ କିଛି ସମୟ ସେମାନେ ସୁବ୍ରତବାବୁଙ୍କୁ ଅପେକ୍ଷା କଲେ । ଶେଷରେ ଅନ୍ନପୂର୍ଣ୍ଣା ଦେବୀଙ୍କୁ କହିଗଲେ—"ଦେଖନ୍ତୁ ଅନୁଅପା ! ସୁବ୍ରତବାବୁ ଘରକୁ ଫେରିଲେ ତାଙ୍କୁ କହିବ ଆମ୍ଭେମାନେ ତାଙ୍କ ଅନୁପସ୍ଥିତରେ ଅତ୍ୟନ୍ତ ଦୁଃଖିତ, ସେଥିରେ ଅବଶ୍ୟ ଆଜିକାର ଭୋଜିଟା ଆହୁରି ଆନନ୍ଦ ଦାୟକ ହୋଇ ଥାଆନ୍ତା । ଛାଡ଼ ପୁଣି କେବେ ଯଦି ଏହିପରି ଶୁଭ ମୁହୂର୍ତ୍ତ ଆସେ ତାହାହେଲେ ଆଜିକାର ନବାନ୍ନଟାକୁ ସେଇଦିନ ଆନନ୍ଦରେ ପରିଣତ କରିନେବା, ନାଁ । ତୁମେ କଣ କହୁଛ ଅନୁଅପା ! ହେଉ ଆମ୍ଭମାନଙ୍କୁ ଏଇଥର ବିଦାୟ ଦିଅ ?' ଆମ୍ଭେମାନେ ଯାଉ ।"

★

ରାତି ପ୍ରାୟ ବାରଟା ହେବ । ଅନ୍ନପୂର୍ଣ୍ଣା ଦେବୀଙ୍କ ନିଦ ଭାଙ୍ଗିଗଲା । ବାହାରେ କୁକୁର ଗୁଡ଼ାକ ଭୁକି ଉଠିଲେ । ଝରକା ଖୋଲି ବାହାରକୁ ଚାହିଁଲେ ସେ । ବାହାରେ ଖଣ୍ଡିଏ ଟ୍ୟାକ୍ସି ଆସି ଠିଆ ହେବାରୁ ତା ମଧ୍ୟୁ ସୁବ୍ରତବାବୁ ଓହ୍ଲାଇ ଆସିଲେ ।

ଅନ୍ନପୂର୍ଣ୍ଣା ଦେବୀ ଯାଇଁ ଦୁଆର ଖୋଲିଦେଲେ । ଘର ମଧ୍ୟକୁ ଗୋଡ଼ ନ ଦେଉଣୁ ଆରମ୍ଭ କଲେ ସେ, ବଡ଼ ଭଦ୍ରଲୋକ ତୁମେ······ଆଗରୁ ଟିକିଏ ଚିନ୍ତା କରିଥିଲେ କଣ ହୋଇଥାନ୍ତା । ଜାଣିତ ଆମର ଅଭାବ ସଂସାର ଏଥିରେ ପୁଣି·········

Digitized by PPRACHIN, SOA

ହଠାତ ସ୍ତ୍ରୀଙ୍କ ମୁହଁରୁ ଏପରି କଥା ଶୁଣି ସୁବ୍ରତବାବୁ ବଡ଼ ଆଶ୍ଚର୍ଯ୍ୟ ହେଲେ ଆଉମଧ୍ୟ ଚିନ୍ତା କରିବାକୁ ଲଗିଲେ ।

—"ତୁମର ଆଉ କେବେ ବୁଦ୍ଧି ହେବ ? ଧନସମ୍ପତ୍ତି ନିଜ କାମ ପାଇଁ ମରିବାକୁ ବେଳ ପାଉନ ସେଥିରେ ପୁଣି······।

—"ତୁମେ କଣ କହିବାକୁ ଯାଉଁଛ କୁହ ଅନୁ ! ! ମୁଁ ତ ତୁମକଥା କିଛି ବୁଝି ପାରୁନ ।"

—"ହଁ ସବୁ ଜାଣି ପୁଣି କିଛି ଜାଣନା, ଭାଗ୍ୟକୁ ସିନା ସାବିତ୍ରୀ ଦେବୀ ଥିଲେ ନଚେତ ଏକୁଟିଆ ମୋତେ କେତେ ଯେ ହଇରାଣ ହେବାକୁ ପଡ଼ିଥାଆନ୍ତା ସେ କଥା ଭଗବାନ ଜାଣନ୍ତି ।"

କଥା ଉପରେ ବାଧା ଦେଇ ସୁବ୍ରତ ବାବୁ କହିଲେ —"କିଏ ସାବିତ୍ରୀ ଦେବୀ, କେଉଁ ସାବିତ୍ରୀ ଦେବୀ ?"

—"ସାବିତ୍ରୀ ଦେବୀ, ଗୋ, ସାବିତ୍ରୀ ଦେବୀ ତୁମ ଶୁକଦେବ ବାବୁଙ୍କ ସହ ଧର୍ମିଣୀ । ଏବାର କଣ ମନେ ପଡ଼ିବ ?"

—"ଶୁକଦେବ ବାବୁ । ସେ ପୁଣି କିଏ ? ତାଙ୍କ ନାଁତ ଆଜି ମୁଁ ତୁମରି ମୁହଁରୁ ଶୁଣୁଛି ।"

—"ଓଃ ଏଇନେ ଗାଡ଼ିରୁ ଓହ୍ଲାଇଛ ବୋଲି ମନରୁ ଭୁଲି ଯାଇଛ । ଆଚ୍ଛା ତୁମେ ଯାଅ ସେ ଘରେ ଯାଇ ଲୁଗା ବଦଳାଅ, ତା ପରେ ମୁଁ ମନରେ ପକାଇ ଦେଉଛି ।"

ସୁବ୍ରତ ବାବୁ ଅନ୍ୟ ଘରେ ଯାଇଁ ଲୁଗା ବଦଳାଉଛନ୍ତି, ଏତିକବେଳେ ଅନ୍ନପୂର୍ଣ୍ଣା ଦେବୀ ହାତରେ ଖଣ୍ଡେ ଚିଠି ଧରି ଆସି ସେଇଠାରେ ଉପସ୍ଥିତ ହେଲେ ।

ଚିଠି ଖଣ୍ଡି ଅନ୍ନପୂର୍ଣ୍ଣା ଦେବୀ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ କହିଲେ —"ଦେଖନ୍ତୁ ଏବାର ମନେ ପଡୁଛିକି କଣ ?" ଏ ଚିଠି ଖଣ୍ଡି କିଏ ଲେଖି ଦେଇଥିଲା ??"

Digitized by PPRACHIN, SOA

ଚଠି ଖଣ୍ଡି ପଢୁ ପଢୁ ସୁବ୍ରତ ବାବୁଙ୍କ ଆଖି ଯୋଡ଼ାକ ଆସ୍ତେ ଆସ୍ତେ ଆହୁରି ବିସ୍ଫାରିତ ହୋଇଗଲା । ପଢ଼ାଶେଷ କରି ସେ ଦୁଇଟା ହାତ ଶୀରରେ ଦେଇ ଖଣ୍ଡିଏ ଚେୟାର ଉପରେ ବସି ପଡ଼ିଲେ ଆଉ ପାଣି ଗ୍ଲାସଟିଏ ଆଣିବାକୁ ଅନ୍ନପୂର୍ଣ୍ଣା ଦେବୀଙ୍କୁ କହିଲେ ।

ସ୍ୱାମୀଙ୍କର ଏପରି ଅବସ୍ଥା ଦେଖି ସ୍ତ୍ରୀ ଅନ୍ନପୂର୍ଣ୍ଣା ଭାବିଲେ ହଠାତ୍ ସ୍ୱାମୀ ତାଙ୍କର ଅସୁସ୍ଥ ହୋଇ ପଡ଼ିଲେ ବୋଲି ପାଣି ଗ୍ଲାସଟି ତାଙ୍କ ହାତକୁ ବଢ଼ାଇ ଦେଉଁ ଦେଉଁ ପ୍ରଶ୍ନ କଲେ କଣ ଡ଼ାକ୍ତରଙ୍କୁ ଖବର ଦେବ ?

ଗୋଟିଏ ନିଶ୍ୱାସରେ ପାଣି ଗ୍ଲାସଟି ନିଃଶ୍ୱାସ କରି କହିଲେ—ତାହାହେଲେ ସେମାନେ ଆସିଥିଲେ ?"

—"ଖାଲି ଯେ ଆସିଥିଲେ ତା ନୁହେଁ, ପେଟଭରି ମଧ୍ୟ ଖାଇକରି ଗଲେ । ଆଚ୍ଛା, ସେମାନେ ଯାହା ଖାଇଲେ ଆମପରି ଦୁଇ ସୁଣଟା ଲୋକଙ୍କର ଖୋରାକ ।

ବେଦନା ବିକୃତ ମୁଖେ କଷ୍ଟ କଣ୍ଠେ ସୁବ୍ରତବାବୁ କହିଲେ—"ଆଉ ତୁମର ବାହାଦୁରୀ ଏହି ବାହାଦୁରୀ ମୁଁ ଯେତିକ ଶୁଣୁଛି, ମୋ ଛାତିଟା ସେତିକ କମ୍ପି ଉଠୁଛି । ଆପାତତ ମୋର ଏଇନେ ଶୁଣିବାର ପ୍ରୟୋଜନ ନାହିଁ ।

—"ଆପଣଙ୍କର କଣ ହେଲା ?"

—"ଯାହା ହୋଇଛି ତୁମେ ଆଉ ସେ କଥା ମୋତେ ପଚାର ମୋର ମୁଣ୍ଡଟା ଖରାପ କରାଅ ନାହିଁ । କିନ୍ତୁ ଏତିକ ମାତ୍ର ଶୁଣ ମୁଁ ଏ ଚଠି ଦେଇନି, ଏ ଚଠି ଜାଲ ଚଠି ।"

—"ଜାଲ ? ତାହେଲେ ଯେଉଁମାନେ ଆସିଥିଲେ ?"

—"ସେ ହେଉଛି ଗୀତା ଓ ତାର ସହକର୍ମୀମାନେ ।"

ଏହାଶୁଣି ଅନ୍ନପୂର୍ଣ୍ଣା ଦେବୀ ଚିତ୍କାର କରି ଉଠିଲେ ।

ସୁବ୍ରତବାବୁଙ୍କ ଆଖି ଯୋଡ଼ାକ ଯାଇଁ ପଡ଼ିଲା ଟେବୁଲ ଉପରେ ଥିବା ଖଣ୍ଡିଏ ନାଲି ରଙ୍ଗର ଖାତା ଉପରେ ।

Digitized by PPRACHIN, SOA

କମ୍ପିତ ହସ୍ତେ ସେ ଚିଠି ଆଣି ପଢ଼ିବାକୁ ଆରମ୍ଭ କଲେ । ସେଥିରେ ଲେଖାଥିଲା—

ଶ୍ରୀମାନ୍ ସୁବ୍ରତ ଗୌଧୁରୀ

ନମସ୍ତେ !

ଆପଣ ବର୍ତ୍ତମାନ ଯେଉଁ ଚିଠି ଅନୁଅପା ଠାରୁ ପାଇଲେ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଏଥିରେ ମୋର ବାହାଦୁରୀ କରିବାର ଆଶା ବିଲୀନ ହୋଇ ଯାଇଛି । ଲେଖାଟି ଅବଶ୍ୟ ମୋର ନିଜସ୍ୱ ହାତ ଲେଖା ନୁହେଁ, ମୋର ଜଣେ ସହକାରୀ ବହୁଚେଷ୍ଟା ଓ ଶ୍ରମ ସ୍ୱୀକାର କରି ତୁମର ହାତ ଲେଖାକୁ ଗୋଟି ଗୋଟି କରି ନକଲ କରି, ପାରିଥିଲା ସତ୍ତ୍ୱେ ତେଣୁ ଆଜି ଆମ୍ଭମାନଙ୍କୁ ତୁମ ଘରେ ଅତିଥି ହେବାର ସୁଯୋଗ ମିଳି ଯାଇଲା । ପାଇଁ ଅବଶ୍ୟ ମୁଁ ମୋର ବନ୍ଧୁଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି ।

ତୁମେ ଆଜି ମୋତେ ଧରିବା ପାଇଁ ଯେଉଁ ଆଶା ଓ ଆକାଂକ୍ଷା ନେଇ ଦୌଡ଼ି ଯାଇଥିଲ, ସୁଦୂର ଆଶାନସୋଲକୁ ଅବଶ୍ୟ ତୁମର ଯିବାଟା ନିହାତ ନିଷ୍ଫଳ ହୋଇଥିବ ତା ନୁହେଁ, ମୋ ନାଁରେ ଆଜି ସେଠାରେ କେତେ କ'ଣ ହୋଇ ଯାଇଥିବ । ସେଇଟାତ ତୁମେ ନିଜ ଆଖିରେ ଦେଖି ଆସିଥିବ । ବାହାଦୁରୀ କରି ଲାଭ ନାହିଁ । ମୁଁ ଯେ ସେଠାରେ ଉପସ୍ଥିତ ରହିବି, ଏ ମିଛ ଖବରଟା ମୁଁ ଫୋନ ଦ୍ୱାରା ତୁମ ଅଫିସରକୁ ଜଣାଇ ଦେଇଥିଲି, କାରଣଟା ତୁମେ ସେତେବେଳେ ଜାଣି ପାରି ନଥିଲେ ବି ବର୍ତ୍ତମାନ ନିଶ୍ଚୟ ଜାଣି ପାରୁଥିବ । ଏ ବିଶ୍ୱାସ ମୋର ଥିଲା, ପ୍ରତ୍ୟକ୍ଷ ପ୍ରମାଣ ପରି । ରାହୁ କେବେ ଚନ୍ଦ୍ରକୁ ଗ୍ରାସ କରିବାର ଆଶା ପରିତ୍ୟାଗ କରିପାରେନା । ଏଣୁ ତୁମେ ନିଶ୍ଚୟ ମୋତେ ଧରିବା ପାଇଁ ସମସ୍ତ କାର୍ଯ୍ୟ ପଛକୁ ରଖି ଧାଇଁ ଯିବ, ଏ ଧାରଣା ମୋର ଅମୂଳକ ନୁହେଁ । ଆସାନଶୋଲରୁ ଫେରିବା ପାଇଁ ମାତ୍ର ଖଣ୍ଡିଏ ଟ୍ରେନ୍, ତା ବ୍ୟତୀତ ଆଉ ଅନ୍ୟ ଯାନବାହାନ ନାହିଁ । ସେ ବିଷୟକୁ ନେଇ ମୁଁ ସମ୍ପୂର୍ଣ୍ଣ ଭାବେ ନିଶ୍ଚିନ୍ତ ଥିଲି ।

Digitized by PPRACHIN, SOA

ଆଜ ଆଉ ଗୋଟିଏ ନୂଆଯୋଜନା ସୃଷ୍ଟି ହୋଇଛୁ' ସେଇଟା ଏତେବେଳେ ପର୍ଯ୍ୟନ୍ତ ହୁଏତ ତୁମେ ଜାଣି ନଥିବ ? ଅନ୍ନପୂର୍ଣ୍ଣା ଦେବୀଙ୍କ ବିଶ୍ୱାସକୁ ଦୃଢ଼ରୁ ଦୃଢ଼ତର କରିବା ପାଇଁ ଦୁଇଜଣ ମୋ ଦଳର ସାହାଯ୍ୟକାରୀଙ୍କୁ ନାଲି ପଗଡ଼ି ବେଶରେ ସଜ୍ଜିତ କରି ତୁମଦ୍ୱାର ଦେଶରେ ପହରା ଦେବାପାଇଁ ପଠାଇଥିଲି ଗତ କାଲିଠାରୁ । ଯଦି ସେମାନଙ୍କୁ ଧରିପାରି, ତାଙ୍କୁ ଗିରଫ୍ତାର କରି, ମୋର ସେଥିରେ କୌଣସି ଆପତ୍ତି ନାହିଁ ।

ତୁମକୁ ମୋର ଆନ୍ତରିକ ଧନ୍ୟବାଦ । ତୁମେ ଯଦି ଆଜ ଆସାନ୍‌ସୋଲ ନ ଯାଇ ଥାଆନ୍ତ ତାହେଲେ ମୋର ଆଜ ତୁମ ଘରେ ଆତିଥ୍ୟ ହେବାର ସୌଭାଗ୍ୟଟା ହୋଇ ପାରି ନଥାନ୍ତା ।

ତୁମର ସହଧର୍ମିଣୀ ଅନ୍ନପୂର୍ଣ୍ଣାଙ୍କର ଗୀତା ଉପରେ କେତେ ମମତା, ସ୍ତ୍ରୀ ସେ ସ୍ତ୍ରୀଙ୍କର କୋମଳ ପ୍ରାଣ ଠିକ୍ ମର୍ମେ ମର୍ମେ ଅନୁଭବ କରି ପାରିଛୁ । ତେଣୁ ମୁଁ ତାଙ୍କୁ ଧନ୍ୟବାଦ ନଦେଇ ରହି ପାରୁନି । ତାଙ୍କର ସ୍ୱହସ୍ତ ରନ୍ଧାର ଉପମା ଦେବା ଭଳି ମୋ ନିକଟରେ ଭାଷା ନାହିଁ । ଯାହା ସବୁ ଆମପାଇଁ ଆୟୋଜନ କରିଥିଲେ ମୁଁ ମଧ୍ୟ ସବୁ ଶେଷ କରି ଆସିନି, ତୁମ ପାଇଁ ମଧ୍ୟ କିଛି ରଖି ଆସିଛୁ । ଯଦି ଭଲ ଲାଗେ ତାହାହେଲେ ପତ୍ର ପତ୍ରିକା ଦ୍ୱାରା ଜଣାଇବାକୁ ଭୁଲିବେ ନାହିଁ । ଅନ୍ୟାନ୍ୟ ପରେ । ଆଶାକରେ ମୋ ଉପରେ କ୍ରୋଧାନ୍ୱିତ ନହୋଇ ଶାନ୍ତିରେ ଭୋଜନ କରିବେ । ଇତି—

ସାବିତ୍ରୀ ଦେବୀ, ବା (ଗୀତା)—

★

ଲୁଗା ଜାମା ଧୋଲାଇ କରିବାକୁ ଦେବେ ?

ରାସ୍ତାରେ ଡ଼ାକି ଡ଼ାକି ଜଣେ ଧୋବା ଯାଉଥିଲା ।

Digitized by PPRACHIN, SOA

ଧୋବାର ଡ଼ାକ ଶୁଣି ସୁବ୍ରତବାବୁ ତାଙ୍କ ଚାକର ଧିରେନକୁ ଡ଼ାକି କହିଲେ, ଧିରେନ ! ତୁ ସେ ଧୋବାଟାକୁ ଡାକିଲୁ ?

ଧିରେନ ବାହାରକୁ ଯାଇଁ ଧୋବାଟାକୁ ଡାକି ଆଣିଲା।

ବସନ୍ତବାବୁ ଗୋଟିଏ ଗରମ ପ୍ୟାଣ୍ଟ ଓ ଗୋଟିଏ ଗରମ କୋଟ ଦେଖାଇ ପ୍ରଶ୍ନ କଲେ—"ଏ ଯୋଡ଼ାକ ଧୋଇ କଲେ କେତେ ନେବୁ ?"

ଗରମ କୋଟ ଓ ଗରମ ପ୍ୟାଣ୍ଟ ଦୁଇଖଣ୍ଡ ହାତକୁ ନେଇ ଧୋବାଟା କହିଲା—"ବାବୁ ! ସାଢ଼େ ତନିଟଙ୍କା ଲାଗିବ ।

—"ଏଁ ଏଇ ଦୁଇ ଖଣ୍ଡକୁ ସାଢ଼େ ତିନିଟଙ୍କା ଲାଗିବ ?" କଣ କହୁଛୁ ଛବିଚନ୍ଦ୍ର ସିନା କହିଲେ ହୁଏ ?"

—"ଆଜ୍ଞା ଆପଣ ବୁଝି ପାରିବେନି, ଏଥିରେ ଆମର କେତେ ପରିଶ୍ରମ ଖାଲି ଯେ ମୁଁ ଆପଣଙ୍କଠାରୁ ସାଢ଼େ ତିନିଟଙ୍କା ନେବି ସେଥିରେ ସେପରି ପରିଶ୍ରମ କରିବାକୁ ପଡ଼ିବନି ?

—"ଯା, ଯା, ଦୁଇଟି ଟଙ୍କା ଦେବି କରିଦେ, ନହେଲେ ଆଉ କାହାଠାରୁ ଅଧିକ ଦେଇ ପାରିବନି ।"

ସେଥିରେ ଧୋବାଟି ନାରାଜ ହୋଇ କିଛି ଦୂରକୁ ଚାଲିଯାଇଁ ପୁଣି ଫେରି ଆସିଲା। ଏବଂ କହିଲା—"ଆଜ୍ଞା ଆଉ ଆପଣଙ୍କର କିଛି ସଫେଇ କରିବାକୁ ଅଛିନା ? ଏତିକି ?"

ଧିରେନ୍ ଭୁଆ ଯଦି କିଛି ସଫା କରିବାକୁ ଥାଏ ତାହାହେଲେ ସ୍ତାକୁ ଦେଇଦେ ବୋଲି ସୁବ୍ରତ ବାବୁ କହିଲେ ।

ଧୋବାଟା ବୈଠକ ଖାନା ଦ୍ୱାରଦେଶରେ ବସି ଲୁଗା ହିସାବ କରିବାକୁ ଲାଗିଲା ଓ କଣ ଗୋଟିଏ ଫଳଦ୍ୱାରା ଲୁଗାରେ ଦାଗ ଲଗାଇଲା ।

ଠିକ୍ ଏହି ସମୟରେ ଆସି ଉପସ୍ଥିତ ହେଲେ ସୁବ୍ରତ ଚୌଧୁରୀ ।

ସୁବ୍ରତ ବାବୁଙ୍କୁ ଦେଖି ବସନ୍ତ ବାବୁ ବଡ଼ ଆଶ୍ଚର୍ଯ୍ୟ ହେଲେ । ଓ ବ୍ୟଙ୍ଗସ୍ୱରରେ କହିଲେ କ ମିଷ୍ଟର ! ପୁନଶ୍ଚ ଗାଁଡା ଆସି ମୋ ଘରେ, ଅସ୍ତ୍ର ଗୋପନ କରୁଛନା କଣ ?

Digitized by PPRACHIN, SOA

ଅଣ୍ଟାକଥା ସ୍ୱରେ ସୁବ୍ରତ ବାବୁ ବସନ୍ତ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇଁ କହିଲେ —"ଆଜ ମୁଁ ଗୀତାକୁ ଖୋଜ ବାହାର କରିବାର ଉଦ୍ଦେଶ୍ୟ ନେଇ ଛୁଟି ଆସିନି. ଆସିଛୁ କେବଳ ତୁମକୁ ଖୋଜିବା ପାଇଁ ।"

—"ମୁଁ କୌଣସି ଅପରାଧ କରି ନାହିଁ ତ ?"

—"ଆପଣ କ ଅପରାଧ କରିଛନ୍ତି, ନ କରିଛନ୍ତି ସେ କଥା ଏଇନେ କହିବା ପ୍ରୟୋଜନ ନାହିଁ । ତେବେ ତୁମର ଅପରାଧର ପ୍ରମାଣ ମୋ ହାତରେ ନାହିଁ ସତ······କିନ୍ତୁ······।

"ଆପଣଙ୍କ କଥାଗୁଡ଼ି ଯେପରି ବ୍ୟଙ୍ଗପରି ଜଣା ଯାଉଛି ?"

—"ଆମେତ ହେଲୁ, ପୋଲିସ ଲୋକ । ଆମ୍ଭମାନଙ୍କ କଥା ପ୍ରାୟ ଏହିପରି ହୁଏ ।"

"ବେଶ୍ ତା ମନ୍ଦ ହୁଏ ତାହାହେଲେ ଆପଣ କେଉଁଥି ପାଇଁ ଆସି-ଛନ୍ତି କୁହନ୍ତୁ ?"

ତାକ୍ଷଣ ନେନେ ବସନ୍ତ ବାବୁଙ୍କ ଆଡ଼କୁ ଗୁହିଁ ସୁବ୍ରତ ବାବୁ ପ୍ରଶ୍ନକଲେ —"ସୀପ୍ରା ବୋଲି କୌଣସି ଝିଅକୁ ଆପଣ ଚହ୍ନିଛନ୍ତି ?"

ବସନ୍ତବାବୁ ଦୁଇଟା ଭୁଲତାକୁ ଉପରକୁ ଟେକି କହିଲେ—"କେଉଁ ସୀପ୍ରା ?"

—"ହଁ, ଆପଣ ଆଗ ମୋ ପ୍ରଶ୍ନର ଉତ୍ତର ଦଅ, ତୁମେ କଣ ତାହା-ହେଲେ, ସୀପ୍ରାକୁ ଚହ୍ନି ନାହଁ ?"

—"ଚହ୍ନେ ।"

—"ତା ସହିତ ଆପଣଙ୍କର୍ କେବେଠାରୁ ପରିଚୟ ?"

—"ବାଲ୍ୟାବସ୍ଥାରୁ ।"

—"କଣ ଗୋଟିଏ ଗ୍ରାମରେ ଦୁହିଁଙ୍କର ଜନ୍ମ ?"

—"ହଁ ।"

—"ତାହେଲେ ?"

—"ସୀପ୍ରା ବହୁଦିନ ଧରି ନିରୁଦ୍ଦେଶ୍ୟ ହୋଇ ଯାଇଛୁ ।"

Digitized by PPRACHIN, SOA

—"କଥାଟା ଆପଣଙ୍କର ଠିକ୍ ହେଲାନ ବସନ୍ତବାବୁ !"

—କାହିଁକି ? ମୁଁ କେଉଁଠି ଅବା ବେଠିକି କଲି କ ??"

—"ଆପଣ ଜାଣନ୍ତି ? ସୀପ୍ରା ଏଇନେ ନିରୁଦ୍ଦେଶ୍ୟ ନୁହେଁ ??"

—"ତେବେ ?"

—"ସେ ପୁନଶ୍ଚ ଫେରି ଆସିଛୁ ।"

—ତା ସମ୍ବନ୍ଧରେ ଆଉ କ,ଣ ଖବର ପାଇଛନ୍ତି ?

—"ସୀପ୍ରା ଆଜ ସୀପ୍ରା ହୋଇ ଫେରନି; ଫେରିଛି ଦସ୍ୟୁ ନେତ୍ରୀ ଗୀତା ହୋଇ ।"

"ଆପଣ ଯେତେବେଳେ ଏତେଗୁଡ଼ାଏ ଖବର ସଂଗ୍ରହ କରି ପାରିଛନ୍ତି ତେବେ ମୋତେ ଏତେ ଗୁଡ଼ାଏ ପ୍ରଶ୍ନ ପଚାରି ଲାଭ କଣ ?"

—"ଦେଖୁଥିଲି ଆପଣ କେତେ ଦୂର ସତ୍ୟତାର ଆଶ୍ରୟ ନେଉଛନ୍ତି ?

—"ତାହାହେଲେ କଣ ମୋତେ ଆପଣଙ୍କ ପାଇଁ ଗୋଟିଏ ନୂଆ ରୂପରେ ସଜ୍ଜିତ ହେବାକୁ ପଡ଼ିବ । ତୁମର ଭୟର ବଶବର୍ତ୍ତୀ ହୋଇ ।"

—"ତା;ତ ନିଶ୍ଚୟ ।"

—"କାହାକୁ ଭୟ କରିବ ?"

—"ପୋଲିସଙ୍କୁ ।"

—"ପୋଲିସଙ୍କୁ ଭୟ କରନ୍ତି ଦସ୍ୟୁ, ପକେଟମାର୍, ଗୁଆଡ଼ ଓ ଅପରାଧିମାନେ । ମୁଁ ତ ଆଉ ଏଥି ମଧ୍ୟରୁ କୌଣସିଟାରେ ନାହିଁ । ତେବେ ଭୟ ବା କରିବ କାହିଁକି ?"

—"ଏଇଥି ପାଇଁ ଭୟ କରିବାକୁ ବାଧ ତୁମେ, ଦସ୍ୟୁର ବନ୍ଧୁ ବୋଲି ।"

ହସି ହସି ବସନ୍ତବାବୁ କହିଲେ—"ସେ୍ତର ଯଦ ସେ୍ତଟ୍‌କରେ ଆରେଷ୍ଟ ହେବେ ତାର ବନ୍ଧୁମାନେ ?

—"ହଁ ।"

—"କାହିଁକି ?"

Digitized by PPRACHIN, SOA

—"ତା,ର ସହକର୍ମୀ ବୋଲି ।"

—"ନା,ତା ହୋଇ ପାରେନା । ମୁଁ ହୁଏତ ସୀପ୍ରାର ବନ୍ଧୁ, ହେଲେ ଗୀତାର ନୁହେଁ ?"

—"ଗୀତା, ଏଇଘରେ ଆତ୍ମ ଗୋପନ କରି ପୋଲିସଙ୍କୁ ଫାଙ୍କି ଦେଉଛି ।"

—'ଆପଣଙ୍କୁ ଲଜ୍ୟା ଲାଗୁନି ଏକଥା ଆହୁରି ମୁହଁରେ ଧରୁଛନ୍ତି ?' ଗୋଟିଏ ନାରୀ ନିକଟରେ ତୁମେ ସବୁ ସମୟରେ······।"

—"ତୁମେ ଆମକୁ ଏପରି ଅପମାନର ସମ୍ମୁଖୀନ କରାଉଛ ବୋଲି ।

—ଆପଣଙ୍କର ସମ୍ପୂର୍ଣ୍ଣ ଧାରଣା ଗୀତା ଏହି ଘରେ ଆତ୍ମଗୋପନ କରିଛି ବୋଲି ଯଦିବା ତା ହୋଇଥାଏ ତାହେଲେ ତାକୁ ଖୋଜି ବାହାର କରୁଛନ୍ତି ବା କାହିଁକି ? ଏହା ଯଦି ସତ୍ୟତାରେ ପରିଣତ ହୁଏ ମୋ, ଘରେ ଅନେକ ବିଷଧର କୀଟ ଥାଆନ୍ତି, ସେ ଆପଣଙ୍କୁ ଦଂଶନ କରେ'। କିନ୍ତୁ ସେଇଥିପାଇଁ ସେ ମୋତେ ଆରେଷ୍ଟ ହୋଇ ଥାନାକୁ ଯିବାପାଇଁ ପଡ଼ିବ, ଏ କେଉଁ ଲ' ରେ ଅଛି ?

—'ଦେଖନ୍ତୁ ବସନ୍ତବାବୁ ! ସେ ସବୁ ଉପମା ଏଠାରେ ଶୋଭା ପାଏନା ।

—"ଏହା ଯଦି କାର୍ଯ୍ୟକାରୀ ନହୁଏ, ତାହାହେଲେ ତୁମର ଅନୁମାନ ବି ପ୍ରମାଣର ଯୋଗ୍ୟ ନୁହେଁ ?"

—"ତାହାହେଲେ ମୋର ମନେହୁଏ, ଆପଣ କୌଣସି କଥା ମୋ ନିକଟରେ ସ୍ୱୀକାର କରିବାକୁ ଚାହାନ୍ତିନି ?"

—"ସ୍ୱୀକାର ! ମୁଁ କଣ ଆସାମୀ ? ଯେ ଅପରାଧକୁ ସ୍ୱୀକାର କରିବି ??"

—"ନା, ତୁମେ ଅବଶ୍ୟ ଏଇନେ ଅପରାଧୀ ନୁହଁ, ହେବାକୁ ବା, କେତେ ମାତ୍ର ?"

Digitized by PPRACHIN, SOA

—"ଦେଖନ୍ତୁ, ସୁବ୍ରତ ବାବୁ ! ଆପଣ ବାରମ୍ବାର ସେ ଭୟ ଦେଖା-ନ୍ତୁନ ।" ଭୟ ଦେଖାଇ ମୋଠାରୁ ଆପଣ କୌଣସି କଥା ଆଦାୟ କରି ପାରିବେ ନାହିଁ ।

ସୁବ୍ରତ ବାବୁ ଟିକିଏ ହସ ମୁଖମଣ୍ଡଳରେ ଦେଖାଇ କହିଲେ —"ଆପଣ ଏତେ ବେଳକେ ରାସ୍ତାକୁ ଆସିଲେ ! ସତକଥା ଗୁଡ଼ା ସ୍ୱୀକାର କଲେ ହୁଏତ ଆପଣଙ୍କଠାରୁ କିଛୁ ତଥ୍ୟ ସଂଗୃହିତ ହୋଇ ପାରିବ ।"

—"ଆପଣଙ୍କ କଥାଗୁଡ଼ା ଶୁଣି ମୋତେ କାହିଁକି ଭାରି ହସ ଲାଗୁଛି । ଆପଣ ବର୍ତ୍ତମାନର ଅବସ୍ଥା ଯେପରି ଜଳମଗ୍ନ ପରି ଆପଣ ଚେଷ୍ଟା କରୁଛନ୍ତି କୌଣସି ଗୋଟିଏ ପଦାର୍ଥ ସାହାଯ୍ୟନେଇ ଉପରକୁ ଉଠି ଆସିବେ ?"

ଅର୍ଥାତ ?

—"ଗୀତା ନିକଟରେ ପ୍ରତ୍ୟେକ କ୍ଷେତ୍ରରେ, ଅପମାନିତ ହୋଇ ନିଜର ମାନ ମର୍ଯ୍ୟାଦା ବଞ୍ଚାଇବାକୁ ପାଗଳ ହୋଇ ପଡ଼ୁଛନ୍ତି । ଲୋକମାନେ ଯେପରି ନିଜର ଶତ୍ରୁକୁ ହାତରେ ନ ପାଇ ତାର ଗୋଟିଏ ପ୍ରତମୂର୍ତ୍ତି କରି ନିଆଁ ଲଗାଇ ପୋଡ଼ି ସେଥିରେ ସେମାନେ ଶାନ୍ତି ପାଆନ୍ତି । ଠିକ୍ ସେହି ଅବସ୍ଥା ଆପଣଙ୍କର । ଗୀତାକୁ ନପାଇ ତା ପ୍ରତି ବଦଳରେ···। ବାଃ, ବଡ଼ ଚମତ୍କାର" ।

ସୁବ୍ରତ ବାବୁଙ୍କ ମୁହଁଟି, ଲଜ୍ଜ୍ୟା ଓ ରାଗରେ ଲାଲ ହୋଇ ଉଠିଲା । ବସନ୍ତ ବାବୁ ତାଙ୍କର ଯଥାର୍ଥ ଦୁର୍ବଳ ସ୍ଥାନରେ ଆଘାତ କରିଛନ୍ତି । ସେ ଗମ୍ଭୀର ସ୍ୱରେ କହିଲେ —"ମୁଁ କୋଣସି କଥା ଶୁଣିବାକୁ ଚାହେଁନା ?" ମୁଁ ଖାଲି ଜାଣିବାକୁ ଚାହେଁ ଗୀତାର ସମ୍ପୂର୍ଣ୍ଣ ଠିକଣା ।

—"କା ଠାରୁ ?"

—"ଆପଣଙ୍କ ଠାରୁ ।"

ବସନ୍ତ ବାବୁ, ଅଟ୍ଟହାସ୍ୟ ସ୍ୱରେ କହିଲେ—"ସୁବ୍ରତ ବାବୁ ! ମୁଁ ଗୀତାର ଠିକଣା ଆପଣଙ୍କୁ ଦେଇପାରେ ।"

Digitized by PPRACHIN, SOA

—"ଦେଇ ପାରନ୍ତି ଯେତେବେଳେ ତାହାହେଲେ ଦେଇ ଦିଅନ୍ତୁ ?

—"କିନ୍ତୁ ଗୋଟିଏ ସର୍ତ୍ତରେ ।"

—"ସେ ସର୍ତ୍ତଟା କଣ ?"

—"ଆଗେ ଆପଣଙ୍କୁ ଦେବାକୁ ହେବ ଗୋଟିଏ ଠିକଣା ?"

—"କାହାର ଠିକଣା ?"

—"ଛାୟାର ।"

—"ମାନେ ?"

—"ଛାୟା ହେଉଛି ଠିକ୍ ଗୀତାର ପର ।" ଛାୟାକୁ ଯେପରି ଯେଉଁଠିକୁ ଗଲେ ସେଇଠି ଦେଖିବାକୁ ମିଳେ । ଆଉ ଧରିରଖି ହୁଏନା, ଠିକ୍ ସେ ସେହିପରି । ହଠାତ୍ ତାର ହୁଏ ଆବିର୍ଭାବ । ଆଉ କ୍ଷଣକ ମଧ୍ୟରେ ହୋଇଯାଏ ଅନ୍ତର୍ଦ୍ଧାନ । ସେ ଆସେ ବା କେଉଁଠୁ ଆଉ ଯାଏ ବା କୁଆଡ଼େ ?

ସୁବ୍ରତ ବାବୁ ! ଆପଣ ମୋତେ ସେଇ ଛାୟାର ଠିକଣାଟା ଦିଅନ୍ତୁ ?

ସୁବ୍ରତ ବାବୁ ଆହୁରି ଗମ୍ଭୀର କଣ୍ଠେ କହିଲେ—"ଆପଣ ଜଣେ ସାହିତ୍ୟିକ । ତେଣୁ କବିତ୍ୱ ପ୍ରକାଶ କରୁଛନ୍ତି । କିନ୍ତୁ ପୋଲିସ ଏ ସବୁ କବିତ୍ୱର ମହତ୍ୱ କିଛି ବୁଝେନା । ବୁଝନ୍ତି ଖାଲି ସେମାନେ ସେମାନଙ୍କ କର୍ତ୍ତବ୍ୟ । ଆମ୍ଭ ନିକଟରେ ସାହିତ୍ୟ ଚର୍ଚ୍ଚା କରି କୌଣସି ଲାଭ ହେବନି । ବରଂ ସାହିତ୍ୟକୁ ଅପଭ୍ରଷ୍ଟ କରୁଛନ୍ତି ?"

—"ମଣିଷ ଗୁହା ଦୋକାନକୁ ଗଲେ ସେ କଣ ଖାଏ ?" ଖାଏ ଗୁହା, ଆଉ କେତୋଟି ଦୋକାନକୁ ଗଲେ କଣ ଆଣେ ? ଆଣେ ଡ଼ାଲି ଗୁଡ଼ିକ ଇତ୍ୟାଦି । ତୁମେତ ଆସିଛ ଜଣେ ସାହିତ୍ୟିକ ଘରକୁ, ତାଙ୍କ ଠାରୁ ଅବା ନବ୍ୟାଭଳି ଜିନିଷପତ୍ର କିଛି ନାହିଁ, କେବଳ ଶୁଣିବାକୁ ମିଳେ ଖାଲି କବିତ୍ୱର ଉପମା । ଏଥିରେ ଯଦି ଆପଣଙ୍କୁ ଖରାପ ଲାଗୁଥାଏ ତାହାହେଲେ ମୋ ମତରେ ଅନ୍ୟପଥ ଧରି ତୁମ ପକ୍ଷେ ଉଚିତ ।"

Digitized by PPRACHIN, SOA

ଟେବୁଲ୍ ଉପରେ ହାତଟାକୁ ଟିକିଏ ଜୋରରେ ବାଡ଼େଇ ଦେଇ ସୁବ୍ରତବାବୁ କହିଲେ—"ମୁଁ ଆପଣଙ୍କ ଠାରୁ ଅନ୍ୟ କୌଣସି କଥା ଶୁଣିବାକୁ ଚାହେଁନା , ମୋର କେବଳ ମାତ୍ର ପ୍ରୟୋଜନ ଗାଁଟାର ସମ୍ପୂର୍ଣ୍ଣ ଠିକଣା ।

ନିଜ ଟେବୁଲ ଉପରେ ଧଡ଼ସ କରି, ଆପୁଡ଼ଟେ ମାରି ବସନ୍ତବାବୁ କହିଲେ—"ଜାଣେନା, ଜାଣେନା ଜାଣେନା । ଗୋଟିଏ କଥାରେ ମୁ ଆଉ କେତେଥର ଉତ୍ତର ଦେବି ? ମୁଁ ଦେଖୁଛି ଆପଣ ଯେପରି ସଭ୍ୟତାର ବାହାରେ କିନ୍ତୁ ଏ ସବୁକୁ ମୁଁ ଆଦୌ ପସନ୍ଦ କରେନା । ବେଶି ଯଦି ମୋତେ ବିବ୍ରତ କରନ୍ତି ତାହାହେଲେ ତୁମକୁ ଆଉ କ୍ଷମା ଦେବିନି ।"

—"ତାହାହେଲେ ମୁଁ ତୁମକୁ ଗ୍ରେପ୍ତାର କରିବି ।"

—",ସେଥିପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିବି ବାଧା ଦେବାପାଇଁ ।

—"ବାଧା ଦେବେ ?"

—"ନିଶ୍ଚୟ ନଥିଲେ ମୋର ମତାମତକୁ କଣ ଆହୁରି ଉପେକ୍ଷା କରୁଛନ୍ତି ?" ଯଦି ମୋତେ ଗ୍ରେପ୍ତାର କରିବାକୁ ମନସ୍ଥ କରି ଆସିଛନ୍ତି ତାହେଲେ ମୋ ନାଁରେ ଓ୍ୟାରେଣ୍ଟ ନେଇ ଆସନ୍ତୁ ।

—"ଓ୍ୟାରେଣ୍ଟ ନେଇଆସିବାକୁ କେତେ ବା ସମୟ ଲାଗିବ ।

—"ଆଗେ ଓ୍ୟାରେଣ୍ଟ ନେଇ ଆସନ୍ତୁ ତାପରେ ପରର କଥା ।"

ଏହା କହି ବସନ୍ତ ବାବୁ ତାଙ୍କଆଡ଼କୁ ନଜର ନ ଦେଇ ଖଣ୍ଡିଏ ମାସିକ ପତ୍ରିକା ନେଇ ପଢ଼ି ବସିଲେ ।

ଶେଷରେ ସୁବ୍ରତ ବାବୁ ମନେ ମନେ ସ୍ଥିର କଲେ । ବସନ୍ତ ବାବୁ ଯେପରି ସାଧାରଣ ଲୋକ ନୁହନ୍ତି, ତାଙ୍କ ନିକଟରେ ମୌଖିକ ତ ନିଜ ଗର୍ଜ୍ଜନ ଚଳିବନି । ସେ ସବୁ ଏହାକୁ ଆଦୌ ଭୟ କରିବେନି ।

କିନ୍ତୁ ସେ ଜଣେ ପୋଲିସ କର୍ମଚାରୀ ଏ ବୁଦ୍ଧି ଯଦି ତାଙ୍କ ନିକଟରେ କାର୍ଯ୍ୟକାରୀ ନହେଲା, ଅନ୍ୟ ବୁଦ୍ଧି ବାହାର କରିବାକୁ ତାଙ୍କୁ ବି ବେଶୀ ସମୟ ଲାଗିବନି ।

Digitized by PPRACHIN, SOA

କିଛି ସମୟ ନୀରବ ରହିଯାଇଁ ସୁବ୍ରତ ବାବୁ ସ୍ଥିର କଲେ । କୋମଳ କଥାରେ ହୁଏତ ବସନ୍ତ ବାବୁ········ । ତେଣୁ ଖୁବ୍ ଧିର ଗଳାରେ ଡ଼ାକିଲେ—" ବସନ୍ତ ବାବୁ !

ବସନ୍ତ ବାବୁ ଯେପରି, ସେ ଡାକରେ ଉତ୍ତର ଦେବାକୁ ଇଚ୍ଛୁକ ଥିଲା-ପରି ଜଣାଯାଉ ନଥିଲେ, ସେ ଏକ ଧ୍ୟାନରେ ସେହି ପଞ୍ଜିକାଟି ଉପରେ ଆଖି ଦୁଇଟା ପୁରାଇ ବାକୁ ଲଗି ଥାଆନ୍ତି,

ସୁବ୍ରତ ବାବୁ କିଂ କର୍ତ୍ତବ୍ୟ ବିମୂଢ଼ ପରି ଖାଲି ଏପଟ ସେପଟ ଦେଖିବାକୁ ଲଗିଥାନ୍ତି ।

ହଠାତ୍ ତାଙ୍କର ତୀକ୍ଷ୍ଣ ଚକ୍ଷୁ ଦୁଇଟା ଯାଇଁ ବସନ୍ତ ବାବୁଙ୍କ ଟେବୁଲ ଉପରେ ସ୍ଥିର ହୋଇଗଲା । ସେଠାରେ ସେହି ପୂର୍ବ ପରିଚିତା ନାଲି ରଙ୍ଗର ଲଫାପା ଟାଏ ।

ସୁବ୍ରତ ବାବୁ ଆଖି ପିଛୁଳାକେ ଖାମ ନିଜ ହାତକୁ ନେଇ ନେଲେ । କିନ୍ତୁ ଆଶ୍ଚର୍ଯ୍ୟ ଖାମ ଖଣ୍ଡି ଉପରେ ତାଙ୍କ ଆଖି ଯୋଡ଼ାକ ଯେପରି ଲଖି ରହିଗଲା ।

ଚଠି ଖଣ୍ଡି ଗ୍ରୀନ୍ କାଳିରେ ଲେଖା ।

ସୁବ୍ରତ ବାବୁ ! ମନେ ରଖନ୍ତୁ ନିର୍ଦ୍ଦୋଷୀ ବସନ୍ତ ବାବୁ ଦୋଷିବୋଲି ସାବ୍ୟସ୍ତ କରି ତାଙ୍କ ହାତରେ ହାତ କଡ଼ା ପିନ୍ଧାଅ, ତାହେଲେ ତାର କାଳ ଫଳ କଣ ହେବ ଜାଣିଛକି ? ବସନ୍ତ ବାବୁଙ୍କୁତ ଥାନା ପର୍ଯ୍ୟନ୍ତ ନେଇ ପାରିବନି; କିନ୍ତୁ ଗୋଟିଏ ଜୀବନର ଅବସାନ ଘଟିବ—କା,ର ଜାଣ ?? ତୁମର । ତୁମକୁ ମୁଁ ଅନେକ ବାର ଏ ଅପରାଧ ପାଇଁ କ୍ଷମା ଦେଇ ଆସିଛି କିନ୍ତୁ ସେଦିନ ଆଉ ତୁମକୁ କ୍ଷମା ମିଳିବନି । ତୁମେତ ମୋର କ୍ରିୟା କଳାପକୁ ଭଲ ଭାବରେ ଲକ୍ଷ କରି ଦେଖିଛ ଓ ମର୍ମେ, ମର୍ମେ, ଅନୁଭବ କରିଛ ମଧ୍ୟ ମୁଁ ଯେତେବେଳେ ଯାହାନୁହେଁ ତାହାହିଁ କରେ । ସମସ୍ତ ଯଦି ଆସେ ବରଂ ହିମାଳୟ ଟଳି ପଡ଼ିବ ହେଲେ ମୁଁ ମୋର କର୍ତ୍ତବ୍ୟରୁ କେବେ ହେଲେ ଟଳିବନି । ମୁଁ ଅଟଳ ଓ ମୋ କଥା ଅଟଳ ।

Digitized by PPRACHIN, SOA

ସୁବ୍ରତ ବାବୁ ଦୁଇଟା ଦିବ୍ୟଚକ୍ଷୁ ପାଇଲା ପରି ଉଠି ଠିଆ ହୋଇ ପଡ଼ିଲେ, ଆଉ ପକେଟରେ ଥିବା ଟର୍ଚ୍ଚଲାଇଟଟା ବାହାର କରି ଘରର ଚାରିଆଡ଼କୁ ଦୃଷ୍ଟି ନିକ୍ଷେପ କରିବାକୁ ଲଗିଲେ । କିନ୍ତୁ ଘରର ମଧ୍ୟେ ଦ୍ୱିତୀୟ ବ୍ୟକ୍ତି ନାହିଁ ।

ଅକସ୍ମାତ ସୁବ୍ରତ ବାବୁଙ୍କର ଏହି ପ୍ରକାର ବେଶ ଦେଖି ବସନ୍ତ ବାବୁ କହିଲେ—" କଣ ହେଲାକି ଆପଣଙ୍କର ?"

ବସନ୍ତ ବାବୁଙ୍କ ପ୍ରଶ୍ନ ଉତ୍ତର ନଦେଇ, ସୁବ୍ରତ ବାବୁ ଖାମ୍ ଖଣ୍ଡିକ ତାଙ୍କ ହାତକୁ ବଢ଼ାଇ ଦେଲେ ।

ବସନ୍ତ ବାବୁ ଖାମ ଖଣ୍ଡି ମଧ୍ୟରୁ ଚଠି ଖଣ୍ଡି ବାହାର କରି ଆଶ୍ଚର୍ଯ୍ୟ ହୋଇଗଲେ । ଏ କଣ କାଳିଟାବ ଏ ପର୍ଯ୍ୟନ୍ତ ସୁଖୀନାହିଁ । ଆହ୍ ଯେଉଁ ସବୁ କଥା ଏହା ମଧ୍ୟରେ ଉଲ୍ଲେଖ କରା ଯାଇଛି ସବୁ ଯେପରି ବର୍ତ୍ତମାନର । ତାହା ହେଲେ·............. ।"

କର୍କଶ ସ୍ୱରେ ସୁବ୍ରତ ବାବୁ କହିଲେ—" ହଁ ଏ ଚଠି ଖଣ୍ଡିକରୁ ପ୍ରମାଣ ମିଳୁଛି ଗାଁତା ନିଶ୍ଚୟ ଏ ଅଟ୍ଟାଳିକା ମଧ୍ୟରେ ଲୁଚି ରହିଛି ।"

ଘରର କୌଣସି ସ୍ଥାନରୁ ଯେପରି କେହିଜଣେ କହି ଉଠିଲା—"କେବଳ ବସନ୍ତ ବାବୁଙ୍କ ଘରେ କାହିଁକି, କାସ୍ପା ପଛରେ ଛାୟାପରି ତୁମର ପାଖେ ପାଖେ ଅଛି ।"

ସୁବ୍ରତ ବାବୁ ଆଉପଛ ବିଚାର ନକରି ଉଚ ହସ୍ତେ ପିସ୍ତଲଟା ଧରି ପଶିଗଲେ ଘର ମଧ୍ୟକୁ କିନ୍ତୁ ବହୁ ଖୋଜା ଖୋଜି କରିବି କୌଣସି ଠାରେ କାହାରିକୁ ଦେଖିବା ପାଇଁ ପାଇଲେ ନାହିଁ ।

ଏହା ଦେଖି ବସନ୍ତ ବାବୁ ଏକବାରେବେ ଆଶ୍ଚର୍ଯ୍ୟ ।

ତାପରେ ଶୁଣିବାକୁ ମିଳିଲା ବନ୍ଧ ପାଗଳଙ୍କ ପରି କେହି ଯେପରି ଅଟ୍ଟହାସ୍ୟ କରି ଉଠିଗଲା । ଠିକ୍ ସୁବ୍ରତ ବାବୁଙ୍କ ଗୃହପଟେ ତା ପରେ ନୀରବ ।

ଭାବିବାକୁ ଲଗିଲେ ସୁବ୍ରତ ବାବୁ, ଗାଁତା କଣ ତାହା ହେଲେ ଅଦୃଶ୍ୟ ମାନବ ! ସେକି, ଆଉ କୌଣସି ଚକ୍ଷୁ ବନ୍ଧନ ଜାଣେ । ସେକି ଆଉ ପବନ

Digitized by PPRACHIN, SOA

ସାଙ୍ଗରେ ପବନ ହୋଇ ଘୁରିବୁଲେ, ସୁବ୍ରତ ବାବୁଙ୍କ ମନରେ ଭୟ ଆସିଲା । ସେ ଆଉ କ୍ଷଣେମାତ୍ର ସେଘରେ ନରହି ଏକବାର ଯାଇଁ ବାହାରେ ।

କିନ୍ତୁ ସିଡ଼ିରେ କିଏ ଯେପରି ଅଦୃଶ୍ୟରେ ରହି ତାଙ୍କ କର୍ଣ୍ଣ ନିକଟରେ ମୁଖଟିକୁ ଆଣି କହିଗଲା—" ମୁଁ ତୁମକୁ ଜୀବନ୍ତେ ସମାଧି ଦେବି । ସୁବ୍ରତ ବାବୁ ?"

ଏହା ଶୁଣି ସୁବ୍ରତ ବାବୁ ଅଣନିଶ୍ୱାସି ଭାବେ ଦୌଡ଼ିବାକୁ ଲାଗିଲେ ଘଣ୍ଟାରେ ଯେପରି ପନ୍ଦର କୋଡ଼ିଏ କିଲୋ ମିଟର ବେଗରେ ।

ବସନ୍ତ ବାବୁ ସ୍ତମ୍ଭିତ ହୋଇ ଭାବି ଚାଲିଛନ୍ତି ଏ, କଣ, ମୁଁ ଏଇନେ ସ୍ୱପ୍ନ ଜଗତରେ ନା ଏହି ମର ଜଗତରେ ।

ଠିକ୍ ଏତିକି ବେଳେ, ବସନ୍ତ ବାବୁଙ୍କ କାନରେ କିଏ ଯେପରି ଧିର, କଣ୍ଠରେ କହୁଥିବାର ଶୁଣିଲେ ବନ୍ଧୁ ବସନ୍ତ ବାବୁ !

ବସନ୍ତ ବାବୁ ଧ୍ୟାନ ଭଗ୍ନପରେ ପଛକୁ ଫେରି ଚାହିଁଲେ ନାହିଁ କେନ୍ଦ୍ରିତ କୁଆଡ଼େ ନାହାଁନ୍ତି, ଅଥଚ 'ସେ ସମ୍ପୂର୍ଣ୍ଣ ଭାବେ ଅନୁଭବ କରୁଛନ୍ତି ତାଙ୍କ କାନକୁ ଯେ କେଇ ପଦ କଥା ଆସିଛି, ସେ କଣ୍ଠସ୍ୱରେ ଠିକ୍ ସୀପ୍ରାର ପରି ମନେ ହୁଏ ।)

ଠିକ ଏତିକିବେଳେ ଉକ୍ତ ଘର ମଧ୍ୟକୁ ତାଙ୍କର ଭୃତ୍ୟ ଧିରେନ ପଶି ଆସି ପ୍ରଶ୍ନ କଲା ।

—"ବାବୁ ! ଏ ଘର ମଧ୍ୟରେ ଏପରି ବିକଟାଳିଆ ହସ ହସୁଥିଲା କିଏ ?

ଅଦୃଶ୍ୟ କଣ୍ଠରୁ ଶୁଣିବାକୁ ମିଳିଲା- ମୁଁ. ରେ ମୁଁ ।"

—"ଏଁ ତୁମେ ସୀପ୍ରା ଅପା ।" ତୁମେ କୁଆଡ଼େ ଅଛ ?"

—"ଏଇ ଯେ ତୁମ୍ଭ ମାନଙ୍କ ନିକଟରେ ।"

ସୀପ୍ରାକୁ ଧରିବା ପାଇଁ ଧିରେନ ତରକି ପରି ଥରେ ଏ ଘର ସେ ଘର ବୁଲି ଆସିଲା । କିନ୍ତୁ କାହିଁ କେଉଁଠାରେ କାହାରିକୁ ଦେଖିବା ପାଇଁ ପାଇଲା ନାହିଁ ।

Digitized by PPRACHIN, SOA

—"ଧୀରେନ ତୁମେ ଆଉ ଆଶ୍ଚର୍ଯ୍ୟ ହୁଅନା । ମୋତେ କେହି ଦେଖିବାକୁ ପାଇବେ ନାହିଁ । ମୁଁ ତ ଆଉ ମନୁଷ୍ୟ ହୋଇନାହିଁ । ମୋତେ କେହି ଦେଖିବେ ମୁଁ ବର୍ତ୍ତମାନ ପ୍ରେତାତ୍ମା ।"

ପର ମୁହୂର୍ତ୍ତରେ ଧୀରେନ ଆଶ୍ଚର୍ଯ୍ୟ ହୋଇ ସେ ଘରୁ ଅନ୍ୟ ଘରକୁ ଚାଲିଗଲା ।

କାଷ୍ଠ ପିତୁଳା ସଦୃଶ୍ୟ କିଛି ସମୟ ଚିନ୍ତା କରିବାକୁ ଲାଗିଲେ—ଲେଖକ ବସନ୍ତ କୁମାର ପଟ୍ଟନାୟକ । ତେବେ କଣ ଏହା ସତ୍ୟ । ସୀପ୍ରା- ଇହଧାମ ତ୍ୟାଗ କରିଛି ? ଏହି କଥାଗୁଡ଼ିକ ତାହେଲେ କଣ, ତାର ପ୍ରେତାତ୍ମାର ?? ପ୍ରେତ ତତ୍ତ୍ୱବାଦମାନଙ୍କ କଥା କଣ ସତ୍ୟ ମୃତ୍ୟୁର ପରେ ଦେହହୀନ ଆତ୍ମାର ଅସ୍ତିତ୍ୱ କଣ ରୁହେ·····?

ଠିକ ଏହି ଭାବନାର ଘୂର୍ଣ୍ଣାକ୍ଷିଅ ଚକ୍ଷୁଣ୍ଡିଲ ପର ବାହାରେ ଧୋବା ଜଣକ ଡ଼ାକିଲା ମୋତେ କିଛି ପଇସା ଅଗ୍ରିମ ଦିଅନ୍ତୁ ବାବୁ ? ପୁଣି ଲୁଗା ଆଣିଦେବା ବେଳେ ଏ ପଇସାଟା କାଟି ଦେବେ ?

ବସନ୍ତବାବୁ ସେତେବେଳେ ଏତେ ଦୁର୍ବଳ ହୋଇ ପଡ଼ିଥିଲେ ଯେ ତାଙ୍କ ମୁଖରୁ ସ୍ପଷ୍ଟ ଭାବରେ କଥା ପଦଟିଏ ବି ବାହାରି ନଥିଲା । ସେ କ୍ଷୀଣ ସ୍ୱରରେ କହିଲେ— "କେତେ ପଇସା ନବାର ନେଇଯାଅ ।

ଧୋବାଟି ଟେବୁଲ ନିକଟକୁ ଆସି କିଛି ସମୟ ଠିଆହୋଇ ରହିଲା ନୀରବରେ । ତାପରେ ସୁବ୍ରତବାବୁ ବସିଥିବା ଚେୟାରଟି ଉପରେ ବସି ପଡ଼ିଲା ।

ଏହାଦେଖି ବସନ୍ତବାବୁ ଆଶ୍ଚର୍ଯ୍ୟଭାବେ କେତେକଣ ଭାବିବାକୁ ଲାଗିଲେ, ଏ କଣ ଆଜିକ ଆଉ ଦୁନିଆଁଟା ବଦଳି ଗଲାକି ? ଯାହା ଯୁଗେ ଯୁଗେ ଦେଖା ନଥିଲା, ସେ ଆଜି ମୋ ଆଖି ଆଗରେ ଯାହାକୁ ଛୁଇଁଲେ ମଣିଷ ଦେହ ଧୋଇ ଥିଲା, ସେ ପୁଣି ଆଜି ମୋର ତୁଇଁ ରୁମର ହସ୍ତ ଦିଆ ଗଦି ଉପରେ ଉପବିଷ୍ଟ । ଆଜିମଧ୍ୟ ଏହାବି ଗୋଟିଏ ଗୋଟିଏ ଆଶ୍ଚର୍ଯ୍ୟ କଥା କିଏବା ଅଦୃଶ୍ୟରୁ ଆଣି ରଚି ଦେଉଛନ୍ତି ଆଉ କିଏ ଅଦୃଶ୍ୟରୁ କଥା କହୁଛି ।

Digitized by PPRACHIN, SOA

ଏହି ସବୁ ଘଟନାରେ ତାଙ୍କର ମସ୍ତିଷ୍କ ପ୍ରାୟ ଏକପ୍ରକାର ବିକୃତ ହୋଇ ଯାଇଥିଲା । ସେହି ବିକୃତ ଅବସ୍ଥାରେ ଧୋବାଟି ଉପରେ ରାଗି ଅତ୍ୟନ୍ତ କୁତ୍ସିତ ଭାଷାରେ ତାକୁ ଗାଳି ଦେବାକୁ ସେ ପଶ୍ଚାତ୍ପଦ ହେଲେନି । ଛୋଟ ଲୋକ ତୋର ପୁଣି ଏଡ଼େ ସାହସ । ସାଧାରଣ ହିତାହିତ ଜ୍ଞାନ ନାହିଁ ? ବାମନ ହୋଇ ଚନ୍ଦ୍ରକୁ ହାତ ମୁଠାରେ ଧରିବାକୁ ପ୍ରୟାସ କରୁଛୁ ?? ଯାଅ ଏହି ମୁହୂର୍ତ୍ତରେ ଏ ଘର ମଧ୍ୟରୁ ବାହାରି ଯା ମୋର ଲୁଗା ସଫା କରିବାର କୌଣସି ପ୍ରୟୋଜନ ନାହିଁ । ହୁଁ ଚାଲିଯାଅ, କି ତୁମକୁ କଣ ଶୁଭୁ ନାହିଁ ?

ଧିରେନ ! ଧିରେନ ! ତୁ ଏ ଲୋକଟା ଗଳାରେ ଧକା ଦେଇ ବାହାରେ ଛାଡ଼ି ଆସିଲୁ ?

ଧୋବା ଝିଅଣଟି ଦାନ୍ତ ଏକାବେଳକେ ବାହାର କରି ହସି ହସି କହିଲା ବାବୁ ! ଆମେ ଜାତିରେ ଧୋବା ହେଲୁ ବୋଲି କଣ ଆମେ ମଣିଷ ନୋହୁ ? ତୁମର ମଇଳା ଲୁଗା ସଫାକରି ଭଦ୍ରଲୋକ ସଜାଇବୁ ସେଥିରେ ପୁଣି ଆମେ ତୁମ୍ଭମାନଙ୍କ ନିକଟରେ ହେୟ, ତୁଚ୍ଛ, ଅହୁର ମଧ୍ୟ ଏହି ସୁଯୋଗରେ ତୁମେ ଆମ ଗଳାରେ ଧକା ଦେବ ? ତୁମେ ପରା ଏ ଯୁଗର ମଣିଷ । ଆମ ମହାତ୍ମା-ଗାନ୍ଧି କି ନୀତିଶିକ୍ଷା ଶିଖାଇ ଥିଲେ, ସେ ଶିଖାଇ ଥିଲେନା ଛୁଆଁ ଅଛୁଆଁ ଭେଦା ଭେଦ ସମସ୍ତଙ୍କ ମନ ମଧ୍ୟରୁ ଦୂର କରିବା ଉଚିତ୍ । ଆମେ ପରା ଅଛୁ ଗୋଟିଏ ମାଆର ଗୋଟିଏ ସନ୍ତାନ । ଏ କଥା କଣ ମୋତେ ଆପଣଙ୍କୁ ବୁଝାଇବାକୁ ପଡ଼ିବ ? ଆପଣ ହେଲେ ଜଣେ ସୁଦକ୍ଷ ଲେଖକ ଦୁନିଆକୁ ଆଉ କି ଶିକ୍ଷା ଦେଉଛନ୍ତି ଆପଣ ହେଉ ?? ଧିରେନକୁ କାହିଁକି ଡାକୁଛନ୍ତି 'ମୁଁ ସ୍ୱେଚ୍ଛାକୃତ ଭାବେ ବରଂ ଚାଲି ଯାଉଛି ।

ଏ କଣ୍ଠସ୍ୱର ଯେପରି ସ୍ତ୍ରୀପ୍ରାୟ ମନେହୁଏ । ଏ ପୁଣି ପୁରୁଷ କଣ୍ଠରେ କିପରି ....??

• ବିସ୍ଫାରିତ ନେତ୍ରେ କ୍ଷଣକାଳ, ବସନ୍ତବାବୁ ଧୋବାଟି ଆଡ଼କୁ ଅନାଇ ରହିଲେ । ନିଜ କର୍ଣ୍ଣ ଓ ନେତ୍ରକୁ ତାଙ୍କର ଆଉ ବିଶ୍ୱାସ ରହିଲା ନାହିଁ ।

Digitized by PPRACHIN, SOA

ବସନ୍ତବାବୁ ଆପଣ ବୋଧହୁଏ ମୋର ବିଷୟ ନେଇ ଚିନ୍ତା କରୁଛନ୍ତି ? ତୁମ ସହିତ ମୋର ପରି ଆବାଲ୍ୟ ଠାରୁ ସାବାଲ୍ୟ ପର୍ଯ୍ୟନ୍ତ ପରିଚିତ ? ଆଉ ତାହେଲେ ତୁମେ ଜଣେ ଚିହ୍ନିବ, ବା ମନେ ରଖିବ ଲେଖକ ମାନଙ୍କର ପରି ଅଧିକା ଝିନ ଥାଏ ? ତୁମର······

ତୁମେ ମୋ ସମ୍ବନ୍ଧରେ ଜାଣିବା ପାଇଁ ଅନେକ ଚିନ୍ତା କରୁଛ ବସନ୍ତବାବୁ ! ପାରିବେନି ତୁମେ ଜା ହିଁକି ଦୁନିଆରେ ବି କେହି ନୁହେଁ ମୋତେ ଚିହ୍ନିବା ଭାରି ଦୁରୁହ । ମୋତେ ପରି ନ ଚିହ୍ନି ପାରୁଛନ୍ତି ବୋଲି ଆମ ସରକାର ମୋର ପାଇଁ କେତେ ପଇସା ଖରଚ କଲେଣି ?? କେତେ ସି: ଆଇ. ଡ଼ି ଲଗାଇଛନ୍ତି । ଏଇତ ଏହି ମୁହୂର୍ତ୍ତରେ ଆପଣଙ୍କ ସହିତ ଘଣ୍ଟାଏ ସ୍ପୃକ୍ତତର୍କ କରି ସୁବ୍ରତ ଚୌଧୁରୀ ଗଲେ । ସେ କାହାପାଇଁ ଏପରି ସ୍ପୃକ୍ତି କରୁଥିଲେ । କେବଳ ମୋର ପାଇଁ । ମୁଁ ଆଉ କେହି ନୁହେଁ । ଆପଣଙ୍କର ସେହି ପୂର୍ବ ପରିଚିତ ସୀପ୍ରା ସିଏ ଙ୍କ ଗୀତା ବୋଲି ପୋଲିସ ମହଲରେ ପରିଚିତ ।

—"ତୁ ପୁରୁଷ ବେଶରେ ?

—"ହଁ ଏଇଟା ମୋର ଛଦ୍ମବେଶ ।"

—"ଛୋ ମୁହଁରେ ଦାଢ଼ି ନିଶ ଏସବୁ·········।"

—"ଏହି ବୈଜ୍ଞାନିକ ଯୁଗରେ ମଣିଷକୁ ଅବା ଆଉ ଅସାଧ କଣ ଅଛି ଚେଷ୍ଟା କଲେ ମଣିଷ କଣ ଠିକ ଅବିକଳ ତୁମର ରୂପରେ ନିଜକୁ କରିପାରିବନି ? ଦେଖିବାକୁ ଚାହୁଁବେ ତ ଖୋଲି ଦେଖାଇ ଦେବି ।"

—"କଣ ଆଉ ଖୋଲି ଦେଖାଇବୁ ତୁ ! ମୁଁ ପୂର୍ବରୁ ଏହାକୁ ଭଲ ଭାବରେ ନିରୀକ୍ଷଣ କରି ଦେଖି ସାରିଲଣି । ଏଇଟାତ କୃତ୍ରିମ ପରି ଜଣା ଯାଉନାହିଁ ।"

—"ଏ ସବୁ କୃତ୍ରିମ ରୂପ, ବସନ୍ତ ବାବୁ ! ଖାଲି ନିଦଟା କୃତ୍ରିମ ନୁହେଁ । ମୁଁ ମଝିରେ ଯେଉଁ ଅଙ୍କିତ ବାସ ଦଶ,ବାର ବରଷ ଚାଲି ଯାଇଥିଲି କାହିଁକି ଆଉ କେଉଁଥି ପାଇଁ ? କେବଳ ମାତ୍ର ଏତିକି ଜ୍ଞାନର ଅଭାବ ଥିଲା ବୋଲି ।

Digitized by PPRACHIN, SOA

—"ଆଚ୍ଛା ଏହା ପୁଣି କେତେଦୂର ସତ୍ୟ ତାହାର ତ ପୁଣି ଗୋଟାଏ ପ୍ରମାଣ ଥିବ ?"

—"ପ୍ରମାଣ," ଦେଖିବାକୁ ଚାହୁଁଛନ୍ତି ?" ହେଇ ଦେଖନ୍ତୁ ।

ଏହାକହି ସୀପ୍ରା ତାର ମୁଖ ମଣ୍ଡଳରୁ ଗୋଟିଏ ପ୍ଲାଷ୍ଟିକ ମୁଖା ବାହାର କରି ବସନ୍ତ ବାବୁଙ୍କ ଟେବୁଲ ଉପରେ ଥୋଇଦେଲା ।

ବସନ୍ତବାବୁ ସେ ଛଦ୍ମ ମୁଖାଟିକୁ ହାତରେ ଓଲଟ ପାଲଟ କରି ଦେଖି-ବାକୁ ଲାଗିଲେ । ଜଣ, ଦାଢ଼ି ଏପରି ଭାବରେ ଲଗା ଯାଇଛି ସାକ୍ଷାତ ଯେପରି ଅନ୍ୟ କାହାର ମୁଖରୁ ଆଣି ପୋତ ଦେଲା ପରି । ଆଉ ମୁହଁଠାରୁ ଛଡ଼ ଯାଏ, ଗୋଟିଏ ଫ୍ରେମ କହିଲେ ଅତ୍ୟୁକ୍ତି ହେବନି ।

—"ଆଚ୍ଛା ଏଥିରୁ ସିନା କୃତ୍ରିମ ଉପାୟର ପ୍ରମାଣ ମିଳିଲା, ହେଲେ ଏ ଚିଠି ଖଣ୍ଡି ଟେବୁଲ ଉପରକୁ ଆସିଲା କପରି ? ଆଉ ଆଣିଲା କିଏ ?"

—"ମୁଁ ।"

—"ନାଁ । ମୋର ଆଦୌ ବିଶ୍ୱାସ ହେଉନି । ତୁ ତ ଏଠାରେ ନଥିଲୁ, ସେ ଘର ଦ୍ୱାର ମୁହଁରେ ଲୁଗା ହିସାବ କରୁଥିଲୁ । ଆଉ ଚିଠିଟା କେତେ-ବେଳେ ଦେଇଗଲୁ ?"

—"ଯେତେବେଳେ ତୁମେ ରାଗିଯାଇଁ ମୁହଁ ଆଗରେ ପତ୍ରିକାଟି ଧରି ବସିଥିଲ ।"

—"ମୁଁ ସିନା ମୋର ମୁହଁଟା ଢାଙ୍କି ବସିଥିଲି ସୁବ୍ରତ ଚୌଧୁରୀ ତ ଆଉ ମୁହଁ ଢାଙ୍କି ରଖି ନଥିଲେ ?"

—"ସେଇଟାକୁବା ଆପଣ ଦେଖିଲେ କପରି ?" ନିଜର ମୁହଁ ଯେତେବେଳେ ଲୁଚାଇ ରଖିଥିଲେ, ଅନ୍ୟ କିଏ ଅବା କଣ କରୁଛି ଜାଣି ଥାଆନ୍ତେ କପରି ?" ସେ ଯେତେବେଳେ ସମ୍ପୂର୍ଣ୍ଣ ଭାବେ ଅନ୍ୟମନସ୍କ ହୋଇ ଘରର ଯେଉଁ ଦଗରୁ ମୋର ଶବ୍ଦ ଶୁଣିବାକୁ ପାଇଥିଲେ ସେଇ ଦଗକୁ ଅନାଇ ରହିଥିଲେ, ଇତ୍ୟାବସରେ ମୁଁ ଖାମ ଖଣ୍ଡି ଫୋପାଡ଼ି ଦେଇଥିଲି ଟେବୁଲ ଉପରକୁ ।

Digitized by PPRACHIN, SOA

—"ନା ଏ ମୋର କିନ୍ତୁ ବିଶ୍ୱାସ ହେଉନି । ଏତେ ହାଲୁକା ଖାମ ଝଣ୍ଡି ଏପରି ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ପଡ଼ି ପାରେନା ?"

—"ତୁମେ କଣ ତାହାହେଲେ କେବେ ଭୋଜବାଜି ଦେଖିନାହଁ ?" ଦେଖିଛ କି ?'

ଯାଦୁକର କିପରି ଖଣ୍ଡିଏ ତାସକୁ ଏ ପାଖରେ ଦେଖାଇ ସେ ପାଖରେ ରଖେ ? ଠିକ୍ ସେ କଣ ଆଉ କୌଣସି ଯାଦୁମନ୍ତ୍ର ? ସେସବୁ ତାହାର କାଇଦା ହାତ ଦ୍ୱାରା ସେ ଏଠାରୁ ସେଠାକୁ ଫିଙ୍ଗିଦିଏ । ମୁଁ ଯେତେବେଳେ ଦଶ ବାର ବରଷ ବିଦେଶରେ କଟାଇ ଦେଇଥିଲି, ଏହାକୁ ସବୁ ଅଭ୍ୟାସ କରିବାକୁ ପଡ଼ିଥିଲା ।

—"ତୁମ ବୁଦ୍ଧିକୁ ଅଶେଷ ଧନ୍ୟବାଦ ସୀପ୍ରା ।"

—"ଏତେବେଳକେ ଦେଖୁଛୁ, ଆପଣଙ୍କ ମନରୁ ସମ୍ପୂର୍ଣ୍ଣ ଭାବେ ଭ୍ରାନ୍ତ ଧାରଣାଟା ଦୂରେଇ ଯାଇଛୁ ?"

—"ଏ ଧାରଣାଟା କଣ ସମ୍ପୂର୍ଣ୍ଣ ମୋର ଅମୂଳକ ବୋଲି ତୁ ଭବୁଛୁ ସୀପ୍ରା ?" ତୁମେ କିନ୍ତୁ କାହାରବା ବିଶ୍ୱାସ ହେବ । ଗୋଟିଏ ସ୍ତ୍ରୀକୁ ପୁରୁଷ ବୋଲି ତୁମର ଏହି ଛଦ୍ମ ବେଶକୁ ଅଶେଷ ବାହାଦୁରୀ, କି ନିଖୁଣ ଭାବେ ଛଦ୍ମ ବେଶ ଧାରଣ କରି ପାରିଛୁ । କିନ୍ତୁ ଏ ଛଦ୍ମବେଶର କାରଣ କଣ ?"

—"କାରଣ ଏ ବେଶରେ ସବୁ ଯାଗାକୁ ଯିବା ଆସିବା ନିର୍ଭୟରେ କରି ପାରିବି ତେଣୁ—

ମୁଁ ତ ଓଡ଼ିନେ ଏହି କଟକର ପ୍ରତ୍ୟେକ ଗଳି କନ୍ଦରେ ବୁଲି ମୋର ଅଭିଯାନର ସୂତ୍ର ଆବିଷ୍କାର କରୁଛୁ । ପୋଲିସ ମହଲରେ ତ ସମସ୍ତେ ଜାଣନ୍ତି ମୁଁ ଜଣେ ନାରୀ, ପୁରୁଷଙ୍କ ଉପରେ ସେମାନେ ନଜର ଦେବେ ବା କାହିଁକି ?

—"ତା ପରେ ?"

—"ଆଉ କିଛି ବେଶି ଜାଣିବାକୁ ଚେଷ୍ଟା କରନ୍ତୁନି, ପୁଣି ସମସ୍ତ ଆସିଲେ ତୁମ ପାଖରେ ନ କହି, ଅନ୍ୟ କାହା ପାଖରେ କହିବ ? ହେଉ ତେବେ ଥାଆନ୍ତୁ ବସନ୍ତବାବୁ ! ମୁଁ ଗଲି ।

Digitized by PPRACHIN, SOA

—"ତୁ ସତେ ସ୍ୱଳିଚିବୁ ସୀପ୍ରା ! ତୋତେ ଯେତେବେଳେ ମୁଁ ଭଲରେ କଥା ପଦଟିଏ ବି କହିବାର ସୁଯୋଗ ପାଇଲି ନାହିଁ । ତୁ ଯାଇଛୁ ଯାଆ । ଭଗବାନ ତୋତେ ମଙ୍ଗଳରେ ରଖନ୍ତୁ । କିନ୍ତୁ ଆଜି ତୁ ମୋତେ ଯେଉଁ ବିପଦକୁ ଠେଲି ଦେଇଗଲୁ...... ..।"

—"ଆଜି ସୁବ୍ରତ ଚୌଧୁରୀ ଆମର ପୂର୍ବର ଇତିହାସ ଜାଣି ପାରିଛନ୍ତି, କାଲି ହୁଏତ ମୋତେ ଗ୍ରେପ୍ତାର କରିବା ପାଇଁ ଓ୍ୱାରେଣ୍ଟ ବାହାର କରି ଆଣିବେ ?"

ଏହାଶୁଣି ସୀପ୍ରା ହସି ହସି କହିଲା—"ତୁମେକି ସତେ ପାଗଳ ହୋଇଗଲ ବସନ୍ତବାବୁ ! ଗ୍ରେପ୍ତାର କରିବେ, ତାର କି ପ୍ରମାଣ ଅଛି ? ପ୍ରମାଣ ବିହୀନ ଲୋକକୁ କିଏ କେହି କେବେ ଗ୍ରେପ୍ତାର କରିପାରେ ?"

—"ଆଜି ଏହିଠାରେ ଯେଉଁ ଅଭିନୟଟା ହୋଇଗଲା, ଏଥିରେ ସେ ସମ୍ପୂର୍ଣ୍ଣ ଭାବେ ନିଶ୍ଚିନ୍ତ, ଯେ ମୁଁ ତୁମର ସାହାଯ୍ୟକାରୀ ।" ଆଉ ସେହି ପ୍ରମାଣକୁ ବଳ କରି ସେ ଓ୍ୱାରେଣ୍ଟ ବାହାର କରି ଆଣିବେ ?

—"ନା, ନା, ଏ ଧାରଣା ତୁମର ଭ୍ରାନ୍ତ । ସେ ଯେଉଁ ପ୍ରମାଣ ଏଠାରୁ ପାଇଲେ ସୀପ୍ରା, ବା' ଗାଁଡାର ମୃତ୍ୟୁ ହୋଇ ଯାଇଛି । ଆଜି ସେହି ଗାଁଡାର ପ୍ରେତାତ୍ମା ତାଙ୍କର ପଛରେ ଘୁରି ଘୁରି ତାଙ୍କୁ ଥଟ୍ଟା କରୁଛି । ଅଦୃଶ୍ୟ ଭାବେ ତାଙ୍କ ପାଖକୁ ଚିଠି ପଠାଉଛି । ଆଜି ସେ ସେହି ଭୂତର ବଶବର୍ତ୍ତୀ ହୋଇ ନିଜର ଜୀବନକୁ ବଞ୍ଚାଇ ରଖିବାକୁ ପଳାଇ ଯାଇଛନ୍ତି । ଏ ସବୁ କଣ ଆଇନରେ ପ୍ରମାଣିତ ହୁଏ ? ମୁଁ ଜାଣେ ସୁବ୍ରତ ଚୌଧୁରୀ କିପରି ଧରଣର ଲୋକ । ଏ ସବୁ ଆଜେ ବାଜେ କଥା ନେଇ ସେ କେବେହେଲେ ପୋଲିସ ଅଫିସରଙ୍କ ନିକଟରେ ନିଜକୁ ନିଜେ ଅପଦସ୍ତ ହେବେନାହିଁ, କିମ୍ବା ହାସ୍ୟାସ୍ପଦ ହେବେନି । ସବୁ ଘଟଣା ଅବଶ୍ୟ ସେ ଚାପି ପକାଇବେ...... । ଛାଡ଼ ! ସେ ସବୁ ବାଜେ କଥା ଉପରେ ଆଲୋଚନା କରି କିଛି ଲାଭ ନାହିଁ । ମୁଁ ସ୍ୱଳିଲି ତେଣେ ବହୁତ କାମ । ସମସ୍ତ ଅଭାବକୁ କାମ ବେଶି ।

Digitized by PPRACHIN, SOA

ବସନ୍ତ ବାବୁ ଚୟାର ଛାଡ଼ି ଠିଆହୋଇ କହିଲେ—"ତୁମର ମୋର ଯେଉଁ ମଧୁର ସମ୍ପର୍କ କଣ ଏହିପରି ଧାରା ବାହିକ ଭାବେ କଟି ଯିବ ? ଚକୋର ଚକୋରୀ ପରି ଖାଲି ପ୍ରତୀକ୍ଷା କରି ରହିବା ??"

ଦୀପ୍ତି ଚାଲି ଯାଉଁ ଯାଉଁ ଟିକିଏ ଠିଆହୋଇ ଯାଇଁ କହିଲା—"ଯେତେ ଦିନ ପର୍ଯ୍ୟନ୍ତ ଭଗବାନ ଆମର ସେ ସୁଦିନ ନ ଆଣିଛନ୍ତି ।

ତାପରେ ଅଦୃଶ୍ୟ ହୋଇଗଲା ଦୀପ୍ତି !

ଦୀପ୍ତି ଚାଲି ଯିବାପରେ ଗୋଟିଏ ଦୀର୍ଘ ନିଶ୍ୱାସ ତ୍ୟାଗକରି ବସନ୍ତ ବାବୁ ଚୟାରଟି ଉପରେ ବସିପଡ଼ି ସେହି ମାସିକ ପତ୍ରିକା ଟିଏ ଉପରେ ଆଖି ବୁଲାଇଲେ । ହେଲେ ସେଇଥିରେ ବା ମନ ପ୍ରବେଶ କରୁଛି କାହିଁ !

ଦଶ ପନ୍ଦର ମିନଟ୍ କଟି ଯିବାପରେ ବସନ୍ତ ବାବୁ ଘର ଆଗରେ ମଟର ଶବ୍ଦ ଶୁଣିବାକୁ ପାଇଲେ । ତା କିଛି ସମୟ ପରେ ଦଶପନ୍ଦର ଜଣ ବନ୍ଧୁକ ଧାରି ପୋଲିସ ଓ ଆଗେ ଆଗେ ସୁବ୍ରତ ବାବୁ ପଶି ଆସିଲେ ବସନ୍ତ ବାବୁ ବୈଠକ ଖାନାକୁ ।

ଏହାଦେଖି ବସନ୍ତ ବାବୁ ଭାବିଲେ ଏଥର ସୁବ୍ରତ ବାବୁ ତା,ର ଅପମାନର ପ୍ରତିଶୋଧ ନେବ । ତାଙ୍କୁ ଗ୍ରେପ୍ତାର କରିବାପାଇଁ ସଦଳ ବଳେ ଛୁଟି ଆସିଛନ୍ତି ।

ସୁବ୍ରତ ବାବୁ ହଠାତ୍ ଜୋର କରି ଡାକ ଉଠିଲେ ବସନ୍ତ ବାବୁ ! ବସନ୍ତ ବାବୁ" ସେ ଧୋବାଟା! କୁଆଡ଼େ ଗଲା ?"

ଘଟଣାଟାକୁ କିଛିଟା ·ସନ୍ଦେହ କରି ବସନ୍ତ ବାବୁ ମୁଖରେ ହସ ଫୁଟାଇ କହିଲେ—ଧୋବା ?" ସେ ତା,ର ଲୁଗାଧରି ଚାଲିଯାଇଛି ।"

—"ହାୟ ! ହାୟ । ସେ ଚାଲିଯାଇଛି । କେତେ ବେଳୁ ସେ ଚାଲି ଗଲାଣି ? ଏହି ତୁମ ଯିବା ପରେ ପରେ ।"

ସୁବ୍ରତ ବାବୁ ତାଙ୍କର ଦୁଇଟା ଆଖିକୁ ନାଲ କରି କହିଲେ—"କାହିଁକି ତୁମେ ତାକୁ ଚାଲିଯିବାକୁ ଦେଲ ?"

Digitized by PPRACHIN, SOA

—"ଲୁଗାପାଇଁ ଆସିଥିଲା ଲୁଗା ନେଲା ନାହିଁ ଗ୍ଲଲଗଲା । ଆଉ କହିଗଲା ପରେ ଅସି ଲୁଗା ନେଇଯିବ । ସେ ଯେତେବେଳେ ଗ୍ଲଲଗଲା ମୁଁ କଣ ଆଉ ତାକୁ ବାନ୍ଧ ରଖିଥାଆନ୍ତି ? ତା ଛଡ଼ା ସେ ପୁଣି ଚୋଟାଏ ଧୋବା ।"

—"ଧୋବା ନା, ଫୋବା । ସଗକଣ୍ଠେ ସୁବ୍ରତ ଚୌଧୁରୀ କହିଲେ ।"

—"ସେ ସେହି ଗୀତା ।"

—"ଏକଣ କହୁଛନ୍ତି ଅ:ପଣ ?" ସେ ପୁରୁଷଟିଏ । ଗୀତାତ ଜଣେ ସ୍ତ୍ରୀ, ସେ ପୁଣି ପୁରୁଷ ହେଲା କପରି ? ଥାଉ ଥାଉ ଆଉ ଏକଥା କାହାରି ନକଟରେ ବ୍ୟକ୍ତ କରନ୍ତୁନ । ଯେ ଶୁଣିବେ ସେ ଥଟ୍ଟା କରିବେ । ଗୀତା ଜଣେ ନାରୀ ସେ ପୁଣି ପୁରୁଷ ହୋଇଗଲା ।

ଘରକୁ ଯାଅ, ଗୀତା, ଗୀତା, ଭବ ମୁଣ୍ଡ ଆପଣଙ୍କର ଖରାପ ହୋଇ ଗଲଣି । ଢ଼ିନଙ୍କର କଥା ମୋର ଆଜି ମନେ ପଡ଼ୁଛି, ମୁଁ ପିଲାଥାଏ, ମୋର ବୁଢ଼ୀମା ମୋତେ ପାଖରେ ବୁଆଇ ଗପ ଶୁଣାଉ ଥାଅନ୍ତି, କେଉଁ ରାଜାଝିଅ ଯାଙ୍କୁ କେଉଁ ରଜାପୁଅ ସ୍ତ୍ରୀ ବେଶରେ ଆସି ତା ସହିତ ସଙ୍ଗାତ ବସି······ ।

—"ରଖ ତୁମର ସେହି ରଜାଘର ଗଳ୍ପ । ମୁଁ ତୁମଠାରୁ ନୀତି ଶିକ୍ଷା କରିବାକୁ ଆସିନ । ତୁମେ ଭାବଛ ମୁଁ ଅଦୃଶ୍ୟରୁ କାହାରି କଥା ଶୁଣି ଭୟରେ ପଳାଇଯିବି; କିନ୍ତୁ ତା ନୁହେଁ । ମୋର ଉଦ୍ଦେଶ୍ୟ ଥିଲା ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମୁଁ ଠିକ୍ ସେହି ଧୋବାଟି ଉପରେ ସନ୍ଦେହ କରି ଏହିପରି ଭାବରେ ଚ୍ଲି ଯାଇଥିଲି, ଏଥିରେ ଗୀତା ଜାଣିବ ମୁଁ ଭୟରେ ପଳାଇଗଲି ବୋଲି । ତାପରେ ମୁଁ ମୋର ଦଳ ବଳ ନେଇ ଆସି ତାକୁ ଗ୍ରେପ୍ତାର କରିବି । ହେଲେ ଦୁର୍ଭାଗ୍ୟ ଫିଜର୍‌ ଅଛି କିନ୍ତୁ ଚଡ଼ିୟା ଚମ୍ପଟ ।

—"ମୋ ମତରେ ସୁବ୍ରତ ବାବୁ ! ଆପଣ ଯେତେ ବେଳେ ଏ କାର୍ଯ୍ୟରେ ଅକୃତ କାର୍ଯ୍ୟ ହେଉଛନ୍ତି ଏ ଦାଇତ୍ୱଟା ତ ଅନ୍ୟ କାହାରି ହାତରେ ନ୍ୟାସ୍ତ କରି ଦେଇପାରନ୍ତି ! ଖାଲି ଯା ବୃଥାଟାରେ ଓଧ ସାଥିରେ ଭୂଆଁ ବୁଲିବା ବାଇ ହେଲାପରି ହେବାକୁ ପଡ଼ୁଛ ??

Digitized by PPRACHIN, SOA

ବ୍ୟଙ୍ଗସ୍ୱରେ ସୁବ୍ରତ ବାବୁ କହିଲେ—"ଥାଉ ଥାଉ ତୁମର ସେହି ସବ୍ ଉପଦେଶ ମୁଁ ଆସିନାହିଁ ତୁମଠାରୁ ଉପଦେଶ ଶୁଣିବାକୁ । ମୁଁ ଆସିଛି ମୋର କର୍ତ୍ତବ୍ୟ ନେଇ ।

☆

ପରଦିନ ସକାଳ ବେଳା ପ୍ରତ୍ୟେକ ଖବର କାଗଜରେ ବାହାରି ପଡ଼ିଲା ସୁଦକ୍ଷ ସି. ଆଇ. ଡି, ମିଷ୍ଟର ସୁବ୍ରତ ଚୌଧୁରୀଙ୍କ ଆଖି ଆଗରେ ଗୀତାଛଦ୍ମ ବେଶୀ, ଧୋବା ଭୂମିକାରେ ଅଭିନୟ କରି କ୍ଷଣକ ମଧ୍ୟରେ ଅଦୃଶ୍ୟ ହୋଇଗଲା । ଏଥିପାଇଁ ସୁବ୍ରତ ବାବୁ ଅତ୍ୟନ୍ତ ଲଜ୍ଜିତ ।

ଗୀତା କାହିଁକି ତାର ଏହି କୀର୍ତ୍ତିଗାଥା ଗୁଡ଼ିକ ଏପରି ଧାରାବାହିକ ଭାବେ ପତ୍ର ପତ୍ରିକାରେ ଦେଉଛି ଏକା ସେ ଜାଣେ । ମନେହୁଏ ଗୀତା ଗାଁକୁ ସି. ଆଇ, ଡି କାର୍ଯ୍ୟରୁ ଇସ୍ତଫା ଦେବାକୁ ଚାହେଁ । ସେ, ବା, କାହିଁକି ତାପଛେ ପଛେ ଏପରି କାଠି ସଙ୍ଗେ ଅଠା ଲଗିଲା ପରି ଲାଗି ରହିଥାଆନ୍ତି ।

ସମୟ ଦଶଟା, ଜଣେ କନେଷ୍ଟବଲ ଆସି ସୁବ୍ରତ ବାବୁଙ୍କୁ ଖବର ଦେଇଗଲା ଥାନାର ବଡ଼ ବାବୁ ତାଙ୍କୁ ଡକାଇଛନ୍ତି । ବଡ଼ ବାବୁଙ୍କ ନାଁ ଶୁଣି ତାଙ୍କ ଛାତିଟା ଯେପରି ଧଡ଼ପଡ଼ ହେବାକୁ ଲଗିଲା । କାଗଜରୁ ତ ଖବର ପାଇଛନ୍ତି । ତାଙ୍କର ଦୋଷ ଦୁର୍ବଳତଟା କେଉଁଠି ?

ଖବର ପ୍ରାପ୍ତି, ସଙ୍ଗେ ସଙ୍ଗେ ସୁବ୍ରତ ବାବୁ ବାହାରି ପଡ଼ିଲେ ଥାନାଭିମୁଖେ । ଠିକ୍ ସମୟରେ ସେଠାରେ ଉପସ୍ଥିତ ହେଲେ, ଥାନାର ବଡ଼ ବାବୁ କିଛି କହିବା ପୂର୍ବରୁ ସୁବ୍ରତ ବାବୁ ନିଜକୁ ନିଜେ କହିବସିଲେ—"ଏଥିପାଇଁ ମୁଁ ଅତ୍ୟନ୍ତ ଲଜ୍ଜିତ ସାର୍ !

Digitized by PPRACHIN, SOA

—"ଆଚ୍ଛା ଗୀତାର ରୂପଟା ଦେଖିବାକୁ କିପରି ? ଗୀତା ତୁମର ଏତେ ବଡ଼ ଶତ୍ରୁ ଅନେକଥର ସେ ତୁମ ନିକଟକୁ ଆସିଛି । ନିମନ୍ତ୍ରଣ କରି ଘରେ ଖୁଆଇଛ ତେବେ ସୁଦ୍ଧା କଣ ଗୀତାର ପ୍ରକୃତ ରୂପ ତୁମେ ଦେଖିନା ?"

—"ନା ଆଜ୍ଞା, କେତେ ବେଳେ କେଉଁ ମୁହୂର୍ତ୍ତରେ କିଛୁପରେ ଗୀତା ବିଦ୍ୟମାନ ହୁଏ ଜାଣିବା ଖୁବ୍ ଦୁରୁହ । ତେବେ ଗୌରଶ୍ୟାମ ବାବୁଙ୍କ ପୁତ୍ର ମୁହଁରୁ ଯାହା ଜାଣିବାକୁ ମିଳିଥିଲା, ସେଇଟା ହୁଏତ ତାର ପ୍ରକୃତ ରୂପ ହୋଇପାରେ ।"

—"ସେ ରୂପଟି କଣ କିପରି ଟିକିଏ ବର୍ଣ୍ଣନା କର ? ମୁଁ ଯାହା ଦେଖୁଛି ଗୀତା ଆଉ ତୁମର କଥା ଠିକ୍ ଅନ୍ନପୂର୍ଣ୍ଣା କମ୍ପାନୀଥିଏଟରର ପରି ହୋଇ ଉଠିଛି କଣ କହୁଛ ସୁବ୍ରତ ବାବୁ ! ମୋ କଥା କ'ଣ ଯୁକ୍ତ ଯୁକ୍ତ ନୁହେଁ ??

ସୁବ୍ରତ ବାବୁ ମୁହଁ ତଳକୁ ପୋତି କହିଲେ—"ଆଜ୍ଞା ଯାହା ଶୁଣିଛନ୍ତି ଓ ଯାହା ଖବର କାଗଜ ଜରିଆରୁ ଜାଣିଛନ୍ତି ଘଟଣା ଟା ପ୍ରକୃତ ପକ୍ଷେ ତା ନୁହେଁ । ସେଇଟା ଖବର କାଗଜ ବାଲା ଆଉ କିଏ ଅତି ରଞ୍ଜିତ କରି ବଢ଼ାଇ ଲେଖି ଦେଇଛନ୍ତି ।

—"କିନ୍ତୁ ଏହାକୁ ତୁମେ ଅସ୍ୱୀକାର କରି ପାରିବନି ସୁବ୍ରତ ବାବୁ । ଏହା ସେ କାଳ୍ପନିକ, ତାନୁହେଁ ?"

—"ଯାହା ଦେଖିଲେ ସେଥିରେ ଖାଲି ମୋତେ ଭିରୁ ପ୍ର, କା ପୁରୁଷ ବୋଲି ଉଲ୍ଲେଖ କରାଯାଇଛି । କିନ୍ତୁ ତାପରର ଘଟଣା କଣ ହେଲା, କାହିଁ ସେ ବିଷୟନେଇ କିଛିତ ଲେଖା ଯାଇନି ?" ମୁଁ ଯେତେବେଳେ ସେ ଧାବାଟା ଉପରେ ସନ୍ଦେହ କରି ଥାନାକୁ ଆସି ପୌାଜ ନେଇ ତାକୁ ଆରେଷ୍ଟ କରିବାକୁ ଛୁଟି ଯାଇଥିଲି ?"

Digitized by PPRACHIN, SOA

—"ଛାଡ଼ ! ସେସବୁ କଥା ନେଇ ଆଲୋଚନା କରି କୌଣସି କାର୍ଯ୍ୟ ନାହିଁ । ବର୍ତ୍ତମାନ ସୁଦ୍ଧା ମୋର ତୁମ ଉପରୁ ଭରସା ତୁଟିନି ଭରସା ଅଛି । କାରଣ ଜାଣେ ତୁମେ ଖୁବ ପରିଶ୍ରମି ସୁଚତୁର ଓ ସୁଯୋଗ୍ୟ ପୋଲିସ କର୍ମଚାରୀ । କିନ୍ତୁ ଗୋଟିଏ ଦିଗରୁ ଲକ୍ଷ କଲେ ଜଣାଯାଏ, ଗୀତାର ବୁଦ୍ଧି ତୁମ ବୁଦ୍ଧି ଠାରୁ ଯଥେଷ୍ଟ ଗୁଣରେ ବେଶୀ ।"

ସୁବ୍ରତ ବାବୁ ତଳକୁ ମୁହଁ ପୋତି ଚିନ୍ତା କରିବାକୁ ଲାଗିଲେ, ତାଙ୍କୁ ପରିହାସ କରୁ ନାହାନ୍ତି ?

ଚିନ୍ତା ମଝିରେ ଅଫିସର ପ୍ରଶ୍ନ କଲେ—ତୁମେ ବସନ୍ତ କୁମାର ପଟ୍ଟନାୟକଙ୍କୁ କିଧରଣର ଲୋକ ବୋଲି ଭାବୁଛନ୍ତ ?"

—"ତାଙ୍କ କଥା ଆଉ କୁହନ୍ତୁନି ! ଗୀତାଠାରୁ ତାର ବୁଦ୍ଧି ଶତଗୁଣାଠାରୁ ଅଧିକ, ମୋ ମନେହୁଏ ସେ ସମସ୍ତ କଥା ଜାଣେ ସେ ହେଉଛନ୍ତି ଗୀତାର ବାଲ୍ୟବନ୍ଧୁ କିନ୍ତୁ କୌଣସି କଥାରେ ବ୍ୟକ୍ତ କରିବାକୁ ଚାହାନ୍ତିନି ।"

—"ସେ ସମ୍ବନ୍ଧରେ ତୁମେ କିଛି ପ୍ରମାଣ ପାଇଛ ?"

—"ପ୍ରମାଣ ?" ମୁଁ ତାଙ୍କର ବହୁ କାଗଜ ପତ୍ର ସଂଗ୍ରହ କରି ଦେଖିଲି ଯେ ଦିନଠାରୁ ଗୀତା ତାଙ୍କଠାରୁ ଦଶ ବରଷ ଦୂରେଇ ଗଲା, ସେ ଦିନଠାରୁ ଆଉ କୌଣସି ପ୍ରମାଣ ନାହିଁ । ତେବେ ଦଶବର୍ଷ ପୂର୍ବରୁ ସମସ୍ତ ପ୍ରମାଣ ସଂଗୃହିତ ହୋଇ ପାରିଛି । ଆଉ ଗୋଟିଏ କଥା ଗୀତା ମଝିରେ ମଝିରେ ତାଙ୍କ ସହିତ ସାକ୍ଷାତ କରିବାକୁ ଯାଏ ?"

—"ସେ ଯେ ଯେପରି ତା ନୁହେଁ । କାରଣ ବସନ୍ତ ବାବୁ ଯେତେବେଳେ ତାର ବାଲ୍ୟବନ୍ଧୁ ମୋର ବି ଯଦି ଏହିପରି ବନ୍ଧୁ ଥାଆନ୍ତା ମୁଁ ବି ମଝିରେ ମଝିରେ ଦେଖା କରିବାକୁ ଯାଇ ଥାଆନ୍ତି । କିନ୍ତୁ ତା ବୋଲି ସେ ଯେଉଁ ଧରଣର ଲୋକ ହେଉନା କାହିଁକି ସେ ପାଇଁ କଣ ମୋତେ ଶାସ୍ତି

Digitized by PPRACHIN, SOA

ଦେବାକୁ ପଡ଼ିବ ? ଗୀତାର ଯେ ବସନ୍ତ ପଟ୍ଟନାୟକ ସାହାଯ୍ୟକାରୀ ଏହାର କିଛୁ ପ୍ରମାଣ ରଖିଛ ?" ସେ ପ୍ରମାଣ ତୁମ ନିକଟରେ ନାହିଁ ।"

—"ତା ନାହିଁ ସତ ହେଲେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି, ଏହି ଅଳ୍ପଦିନ ମଧ୍ୟରେ ତାର ପ୍ରମାଣ ପାଇବି ବୋଲି ।"

—"ଯେତେବେଳେ ତୁମ ସହିତ ଓ ବସନ୍ତ ପଟ୍ଟନାୟକ ସହ ଆଲୋଚନା କରାଯିବ ।" ବର୍ତ୍ତମାନ ତୁମକୁ କାହିକି ଡ଼ାକିଛି ଶୁଣ ।"

ଏହାକହି ଅଫିସର ଖଣ୍ଡିଏ କାଗଜ ବାହାର କରି କହିଲେ—"ଏହି ଦୁଇ ଗୁରିଦିନ ପୂର୍ବରୁ ଆସାମ ସହରରେ ଗୋଟିଏ ବଡ଼ ଧରଣର ଟ୍ରେଣ୍ ହୋଇ ହୋଇ ଯାଇଛି ଏ ଖବର କିମ୍ ଶୁଣିବାକୁ ପାଇଛ କି ?"

—"ହଁ ଆଜି ପାଇଛି ଗୋଟିଏ ବେଙ୍ଗଲ ପତ୍ରିକାରୁ ।"

—"ଅନେକଙ୍କ ମନରେ ଧାରଣା ହୁଏ, ଏ ଟ୍ରେନ ସେ ସମ୍ପୂର୍ଣ୍ଣଭାବେ ସଂପୃକ୍ତ ଗୀତା ଅଛି ବୋଲି ।"

—"ଏ ଯେଉଁ କଥା ଆପଣ କହୁଛନ୍ତି ତା ଅବିଶ୍ୱାସର କୌଣସି କାରଣ ନାହିଁ । ତେବେ ଏତକ ନାହିଁ ଜାଣିବାର କଥା, ଗୀତା କୌଣସି କ୍ଷେତ୍ରେ କାହାରିକୁ ମର୍ଡ଼ର କରେନା ; କିନ୍ତୁ ସେ ଟ୍ରେଣ୍ରେ ଉଲ୍ଲେଖ ଅଛି ଗୁରିଜଣ ଆହତ ଓ ଦୁଇଜଣ ମୃତ୍ୟୁ ।"

—"ମୁଁ ମଧ୍ୟ ତା ଶୁଣିଛି । କିନ୍ତୁ ପରିସ୍ଥିତି ତାଡ଼ନାରେ ବାଧ୍ୟହୋଇ ଏହିପରି ଗୋଟିଏ ଅମାନୁଷିକ ଘଟଣା ସୃଷ୍ଟି ହୋଇଥାଏ ?"

ହଁ ସାର୍ ! ତାବ ଅବିଶ୍ୱାସ କରି ଯାଏନା ।

—"ଗୀତା ତାହାହେଲେ ବର୍ତ୍ତମାନ ଓଡ଼ିଶା ଛାଡ଼ି ଆସାମ ଚାଲି ଯାଇଛି । ଏ ଚିଠିଖଣ୍ଡି ପଢ଼ିଲେ ସମସ୍ତେ ବୁଝିପାରିବେ । ଏ ଯେଉଁଟା ତୁମକୁ ଦେଖାଉଛି ଏଇଟା ହେଉଛି ଗୋଟିଏ ନକଲ ଚିଠି ଅସଲ ଚିଠିଟା ଯାଇଁ ଯଥା ସ୍ଥାନରେ ପହଞ୍ଚି ଯାଇଛି ।

Digitized by PPRACHIN, SOA

ଚଠିଝଣ୍ଟିକରେ ଉଲ୍ଲେଖ କରା ଯାଇଛି ·····।

ବଙ୍କମ !

ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ମୁଁ ଏଠାରୁ ଏକ୍ସପ୍ରେସ ଦ୍ୱାରା ଯାଇଁ ପୂର୍ଣ୍ଣିମୀ ପରଦିନ ହାଓଡ଼ାରେ ପହଞ୍ଚିବି । ତୁମେ ଓ ଆମର ସମସ୍ତ କର୍ମଚାରୀଙ୍କ ଉକ୍ତ ଦିନ ସାଥିରେ ୪ର ତେର ନମ୍ବର ଆଡ଼ାରେ ଯାଇଁ ପହଞ୍ଚିଥିବ । ବିଶେଷ ଜରୁରୀ ପରାମର୍ଶ କରିବାର ଅଛି ।

। ଇତି ।

ଗୀତା—

ଅଫିସର କହିଲେ—"ଏ ଚିଠିଝଣ୍ଟି ଥିଲା ଲଫାପା ମଧ୍ୟରେ । ସେମାନେ ଏତେ ନିର୍ବୋଧ ଜାଣି ପାରିଲେ ନାହିଁ । ପୋଲିସ ସେମାନଙ୍କ ପାଇଁ କିପରି ଭାବରେ ଗୋଟିଏ ଶକ୍ତ ଜାଲ ତିଆରି କରିଛନ୍ତି ? ଯେପରିକି ବୁଢ଼ିଆଣି ବସାରେ ମାଛି ଅଟକିଲା ପରି ଅଟକି ରହିବେ ।

—"ବଙ୍କମ କିଏ ଅଟେ ?" ତା ସମ୍ବନ୍ଧରେତ ସେପରି କିଛି ଉଲ୍ଲେଖ କରାଯାଇନି, "ବଙ୍କମ ଗୋଟିଏ ଚୋରା କମ୍ପାନୀର ମାଲିକ । କିନ୍ତୁ ବଙ୍କମ ତା ଅଜାଣତରେ ସେ ପୋଲିସ ନଜରବନ୍ଦୀରେ ।"

—"କାର୍ତ୍ତିକ ପୂର୍ଣ୍ଣିମାତ ଆଉ ମାତ୍ର ତିନିଦିନ ଅଛି । ତାହାହେଲେ ଗୀତା କାଲି········। ଆଚ୍ଛା ଏଇନେ ମୋର··କର୍ତ୍ତବ୍ୟ କଣ ?"

—"ତୁମେ ଆଜି ଚାଲିଯାଅ, ଦଳ ବଳ ନେଇ ହାଓଡ଼ା ଷ୍ଟେସନରେ ଅପେକ୍ଷାକର ।

ଗୀତାକୁ ଆରେଷ୍ଟ କରିବା ସୁବ୍ରତବାବୁଙ୍କର କେତେ ଉଚ୍ଚ ଆଶା ପୁନରାୟ ତାଙ୍କ ଭାଗ୍ୟରେ ସେପରି ଗୋଟିଏ ସୁଦିନ ଆସିବ ମନ ଆନନ୍ଦରେ ପ୍ରାଣ ତାଙ୍କର ନାଚିବାକୁ ଲାଗିଲା । ଅନେକବାର ସେ ଗୀତା ନିକଟରେ

Digitized by PPRACHIN, SOA

ଅପମାନିତ ଓ ଲାଞ୍ଛିତ ହୋଇଛନ୍ତି । ପୁଣି ଯଦି ସେହିପରି ଗୋଟିଏ ଅବସ୍ଥା ସୃଷ୍ଟି ହୁଏ, ତାହାହେଲେ ସେ ଜନ ସମାଜରେ ମୁହଁ ଦେଖାଇବେ ବା କିପରି ?

ଠିକ୍ ଏତିକି ବେଳେ ଅଫିସର ପ୍ରଶ୍ନ କଲେ—"କଣ ଭାବୁଛ ସୁବ୍ରତ ବାହାସ ହେଉନି ?"

—"ନା ସାର୍ ! ତା ନୁହେଁ ।"

—"ତେବେ ?"

—"ମୋର ଆପଣଙ୍କୁ ଗୋଟିଏ କଥା କହିବାର ଅଛି ।"

—"କଣ କହିବାର ଅଛି କୁହ ?"

—"ଏବାର ଦାଉକ୍ତଟା ଯଦି ଆପଣ କରୁଟା ନିଜେ ବହନ କରନ୍ତି ତାହାହେଲେ ମୁଁ ଟିକିଏ........।"

—"ତାର ମାନେ ?."

—"ମାନେ ଏହିକି, ଆପଣଙ୍କର ସାହାଯ୍ୟ ।"

—"ମୋ ଦ୍ୱାରା ! ମୋ ଦ୍ୱାରା ପୁଣି କି ସାହାଯ୍ୟ ?"

ତେବେ ଶୁଣନ୍ତୁ ସାର୍ । ଗୀତା ଖୁବ୍ ବୁଦ୍ଧିମତୀ, ସେ ଯଦି ଆମର ଏହି ଷଡ଼ଯନ୍ତ୍ରର କୌଣସି ଗନ୍ଧ ବାସନା ପାଇ ମଝିରେ ଅନ୍ୟ କୌଣସି ଷ୍ଟେସନରେ ଓହ୍ଲାଇ ଯାଏ ?

—"ହଁ ତା କିନ୍ତୁ ଅସମ୍ଭବ ନୁହେଁ ।"

"ସେଥିପାଇଁ ଆପଣ ଆଉ ଗୋଟିଏ କାମ କଲେ ଚଳନ୍ତା ନାହିଁ ?"

"କି କାମ ଆଜ୍ଞା ?

ତୁମେ ଯଦି ଆଜି ରାତ୍ରୀ ଟ୍ରେନରେ ହାଓଡ଼ାରେ ପହଞ୍ଚି ସିଧା ସଳଖ ଯାଇଁ ଆସାମଠାରେ ଗୀତାକୁ ପ୍ରତୀକ୍ଷା କର ।

—"ସେ ବ ଅବଶ୍ୟ ମନ୍ଦ ବୁଦ୍ଧି ନୁହେଁ ଆଜ୍ଞା ? ଆଉ ଗୋଟିଏ କଥା ସେହି ସମୟରେ ଯଦି ଆପଣ ନିଜେ ଟିକିଏ ମୋତେ ହାଓଡ଼ା ଷ୍ଟେସନଠାରେ ଟିକିଏ ସାହାଯ୍ୟ କରନ୍ତେ । ତାହାହେଲେ ମୋର ଅନୁସନ୍ଧାନର କେତେକାଂଶରେ ଭଲ ହୁଅନ୍ତା ବୋଲି ମୋର ଧାରଣା ।"

Digitized by PPRACHIN, SOA

—"ତାହାହିଁ ହେବ । ତୁମେ ତାହାହେଲେ ଆଜଠାରୁ ପ୍ରସ୍ତୁତ ହୋଇପଡ଼........।

★

ଆସାମର ରେଲ ଷ୍ଟେସନ ।

ସୁବ୍ରତ ବାବୁ ପ୍ଲାଟ ଫର୍ମରେ ଏପଟ ସେପଟ ହେଉଥାନ୍ତି । ଠିକ୍ ଏତିକି ବେଳେ ଆଉ ଦଳେ ଲୋକ ଆସି ସେଠାରେ ଉପସ୍ଥିତ ହେଲେ । ସେମାନେ ସମସ୍ତେ ପୋଲିସ ଦଳର ଲୋକ । କିନ୍ତୁ ସେମାନଙ୍କର ଦେହରେ ପୋଲିସ ପୋଷାକ ନାହିଁ । ସିଭିଲ ଡ୍ରେସରେ ସେମାନେ ଯେପରି କାହାକୁ ପ୍ରତୀକ୍ଷା କରି ରହିଥିବା ପରି ଜଣା ଯାଉଥାଏ ।

ଟ୍ରେନ ଆସିବାର ଫାଷ୍ଟ ବେଲ ବାଜି ଉଠିଲା । ପ୍ରତ୍ୟେକ ଯାତ୍ରୀମାନେ ପ୍ଲାଟ ଫର୍ମକୁ ଦୌଡ଼ା ଦୌଡ଼ି କରିବାକୁ ଲାଗିଲେ । ତା ପରେ ସେକେଣ୍ଡ ବେଲ, ଥାର୍ଡ ବେଲ ହେବା ସଙ୍ଗେ ସଙ୍ଗେ ଗାଡ଼ି ଆସି ପ୍ଲାଟଫର୍ମ ଧଇଲା । କେହି କେହି ଗାଡ଼ି ମଧ୍ୟକୁ ଉଠି ପଡ଼ିଲେ ଓ କେହି କେହି ମଧ୍ୟ ଗାଡ଼ି ମଧ୍ୟରୁ ଓହ୍ଲାଇ ଆସିଲେ ।

ସୁବ୍ରତ ବାବୁ ଯେଉଁ ସ୍ଥାନରେ ଦଣ୍ଡାୟମାନ ଥିଲେ ଠିକ୍ ତାଙ୍କ ନିକଟରେ ଗୋଟିଏ ଫାଷ୍ଟ କ୍ଲାସର ବଗିଟାଏ । ସେ ବ ରିଜର୍ଭ କରା ।

ସୁବ୍ରତ ବାବୁ, ସେହି ଦିଗକୁ ଲକ୍ଷ କରି କଣ ଯେପରି ଲକ୍ଷ କରି ଦେଖୁଛନ୍ତି ଏକ ଧ୍ୟାନରେ । ପଛ ପଟରୁ ଜଣେ କେହି ତାଙ୍କ ଦେହରେ ଆଘାତ ଦେବାର ଜାଣି ପାରି ପଛକୁ ଫେରି ଚାହିଁଲେ । ଜଣେ ପକ୍କା କେଶୀ ବୁଢା, ଗୋଟିଏ ଗୋଡ଼ ଅର୍ଦ୍ଧେକ ନାହିଁ । ସେ ପ୍ରଶ୍ନ କରୁଛି । ବାବୁଜୀ ! ଏହି ଟ୍ରେନଟା କଣ ଯିବ ?

Digitized by PPRACHIN, SOA

ସୁବ୍ରତବାବୁ ମୁଣ୍ଡ ହଲାଇ ଉତ୍ତର ଦେଲେ ହଁ ।

ବୃଦ୍ଧା ଜଣକ ଗୃହ ଯାଉଁ ଯାଉଁ ପୁନର୍ବାର ସୁବ୍ରତ ବାବୁଙ୍କ ନିକଟକୁ ଫେରିଆସି କହିଲେ—"ବାପା ! ତୋର ଧର୍ମ ହେବ; ମୋତେ ଟିକିଏ ଗାଡ଼ି ମଧ୍ୟକୁ ଉଠାଇ ଦେ ?"

ସୁବ୍ରତବାବୁ ବୃଦ୍ଧା ଜଣଙ୍କୁ ଗୋଟିଏ ଥାର୍ଡକ୍ଲାସ ବଗି ମଧ୍ୟକୁ ଉଠାଇ ଦେଇ କହିଲେ—"ମାଉସୀ ! ତୁମେ ଏଇଠାରେ ବସ ।"

ଏହାକହି ସୁବ୍ରତବାବୁ ତଳକୁ ଓହ୍ଲାଇ ଆସିଲେ ।

ବୃଦ୍ଧାଜଣକ ପୁଣି ତାଙ୍କୁ ପଛରୁ ଡାକି କହିଲେ—"ବାବୁ ତୁମେ କଣ ଏହି ଟ୍ରେନରେ ଯିବ ? ଯଦି ଯାଆନ୍ତ ତାହାହେଲେ ମୋତେ ଟିକିଏ କଲିକତାରେ ଗାଡ଼ି ପହଞ୍ଚିଲେ ଓହ୍ଲାଇ ଦେବେ ।

ସୁବ୍ରତବାବୁ ହଁ ଟିଏ ମାତ୍ର ସେ ବଗି ମଧ୍ୟରୁ ତଳକୁ ଓହ୍ଲାଇ ଆସି ସେହି ଫାଷ୍ଟକ୍ଲାସ ବଗି ନିକଟକୁ ଗଲେ । ବଗି ନିକଟରେ ପହଞ୍ଚି କିଛିକ୍ଷଣ ନୀରବରେ ସେଇଠାରେ ଠିଆ ହୋଇ ଦେଖିଲେ ତା ମଧ୍ୟରେ ଦଶ ପନ୍ଦର ଜୋଡ଼ାଏ ସ୍ତ୍ରୀ ପୁରୁଷ ମିଳି ବସି ହେଉଛନ୍ତି । ସମସ୍ତେ ଯେପରି ବିଷାଦରେ ମ୍ରିୟମାଣ ।

ହୁଏତ କେତେକାଂଶରେ ସନ୍ଦେହ ତାଙ୍କର ସେହି ବଗୀଟା ମଧ୍ୟରେ ଘନୀଭୂତ ହୋଇଗଲା । ସେ ମଧ୍ୟ ସେହି ବଗୀଟା ମଧ୍ୟକୁ ଉଠି ପଡ଼ିଲେ; କିନ୍ତୁ ବେଶି ସମୟ ରହି ପାରିଲେ ନାହିଁ । ସେମାନେ ତାଙ୍କୁ ପରିହାସ ଛଳରେ କହିଲେ—"କହୋ ବାବୁ ! ତୁମେ କଣ ପାଠ ଶାଠ ପଢ଼ିନା ଦେଖିଲେତ ତୁମର ଚେହେରାରୁ ମନେହୁଏ,ଜଣେ ହାସ୍ପାର ଅଫିସର କିମ୍ବା ଗେଜେଟେଡ଼ । ଯାଅ, ଯାଅ ଏଇନେ ବ ସମୟ ଅଛି । ଅନ୍ୟ ବଗୀରେ ଉଠିପଡ । ନହେଲେ ଶେଷରେ ହଇରାଣ ହେବ । ଏଇ ବଗୀଟା ଆମର ରିଜର୍ଭ କରା ।

ଏଇ କଥା ପଦକରେ ଅତ୍ୟନ୍ତ ଲଜ୍ଜିତ ହେଲେ ସୁବ୍ରତବାବୁ । ମୁହଁ ତଳକୁ କରି ସେ ବଗୀ ମଧ୍ୟରୁ ଓହ୍ଲାଇ ଆସିଲେ । ଓ ସେହି ବଗୀଟାର ଏପଟ ସେପଟ ଘୁରିବାକୁ ଲାଗିଲେ । ହେଲେ କେହି ସନ୍ଦେହ ହେବାଭଳି ସ୍ତ୍ରୀ ଲୋକ

Digitized by PPRACHIN, SOA

ତାଙ୍କ ଆଖି ଆଗକୁ ଆସିଲେ ନାହିଁ । ମନେ ମନେ ଭାବିଲେ, କିଏ ଜାଣେ "ଗୀତା" ଆଜି କି ରୂପରେ ନିଜକୁ ସଜାଇଛି ।

ଗାଡ଼ି ଛାଡ଼ିବାର ସମୟ ହୋଇ ଯିବାରୁ ପ୍ରଥମ ଘଣ୍ଟା ବାଜି ଉଠିଲା ।

ଗାଡ଼ି ଛାଡ଼ିବାର ପ୍ରଥମ ଘଣ୍ଟା ହେବା ସଙ୍ଗେ ସଙ୍ଗେ ଦଳେ ପଞ୍ଜାବୀ ଯୁବକ ଓ ଯୁବତୀ । ପାଟି ତୁଣ୍ଡ କରି ଗୋଟିଏ ବଗୀ ମଧ୍ୟକୁ ଉଠି ପଡ଼ିଲେ । କିନ୍ତୁ ସୁବ୍ରତବାବୁଙ୍କ ଆଖି ଦି'ଟା କେତେଜଣଙ୍କ ଉପରେ ଥରେ ଘୂରି ଆସିବାରୁ ଦେଖିଲେ ସେଥିରେ ପୁରୁଣା ଡାଗୀ ସପନ ସିଂ, ମୋହନ ସିଂ, ନାରାୟଣ ସିଂ ଏହିପରି କେତେଜଣ ସେହି ଦଳ ମଧ୍ୟରେ ଅଛନ୍ତି । ତାଙ୍କ ମନରେ ସାମାନ୍ୟ ଆନନ୍ଦର ଝିଅଟିଏ ପ୍ରକାଶ ପାଇଲା । କୌଣସି କଥା ନଭାବି ସେମାନଙ୍କ ପଛେ ପଛେ ସେହି ବଗୀ ମଧ୍ୟକୁ ଉଠି ପଡ଼ିଲେ ।

ଗାଡ଼ି ଛାଡ଼ିଲା—ସୁବ୍ରତବାବୁ ଗେଟ୍ ନିକଟରେ ଠିଆ ହୋଇ ବାହାର ଆଡ଼କୁ ଚାହିଁ ଥାଆନ୍ତି । ଗାଡ଼ି ପ୍ଲାଟଫର୍ମ ଛାଡ଼ିବା ପୂର୍ବରୁ ଜଣେ ଲୋକ ଦୌଡ଼ି ଦୌଡ଼ି ଆସି ବହୁ କଷ୍ଟରେ ଗାଡ଼ି ଧରିଲେ । ଠିକ ସୁବ୍ରତ ବାବୁଙ୍କ ବସିଥିବା ପାଖ ବର୍ଗାଟାରେ ।

ସୁବ୍ରତବାବୁ ସେ ଲୋକଟାକୁ ଦେଖି ବିଚଳିତ ହୋଇ ପଡ଼ିଲେ । ମନରେ ଅନେକଆଡ଼୍ ଅନେକ କଥା ଆସି ତାଙ୍କ ଆଖି ଆଗରେ ନାଚିବାକୁ ଲାଗିଲା । ଗୀତା; ଗୀତାର ଚେହେରା ଯାହା ତାଙ୍କ ଡ଼ାଇରୀରେ ଲେଖାଯାଇଛି ସେ ଚେହେରା ସାଙ୍ଗରେ ଏ ନେହେରାର ଯେପରି କେତେକାଂଶ ସମ୍ପୂର୍ଣ୍ଣଭାବେ ମିଳି ଯାଉଛି । ଗୀତା ସ୍ତ୍ରୀ ଜାତି । ଏଇଟା ହିଁ ତଫାତ୍ । ହେଲେ ଗୀତା କଣ ପୁରୁଷ ବେଶରେ ନିଜକୁ ସଜାଇ ରଖିବା ତା ପକ୍ଷରେ ସେପରି କଷ୍ଟକର କଥା । ସେଦିନ ସେତ ପୁଣି ଧୋବା ବେଶରେ ଆସିଥିଲା । ଆଜି ବା ସେ କାହିଁକି ପୁରୁଷ ବେଶରେ ଆସି ନଥିବ । ମନଟା ତାଙ୍କର ଅତ୍ୟନ୍ତ ବ୍ୟାକୁଳିତ ହୋଇ ଉଠିଲା ସେହି ବଗୀ ମଧ୍ୟକୁ ଯିବା ପାଇଁ ।

କିଛି ସମୟପରେ ଗାଡ଼ି ଆସି ଆଉ ଗୋଟିଏ ଷ୍ଟେସନରେ ଠିଆହେଲା । ସୁବ୍ରତବାବୁ ଏ ବଗୀ ମଧ୍ୟରୁ ସେ ବଗୀକୁ ଯାଇଁ ଦେଖିଲେ ଉକ୍ତ ଭଦ୍ରଲୋକ

Digitized by PPRACHIN, SOA

ଜଣକ ଜାଲଣା ଦେଇ ବାହାର ଆଡ଼କୁ ଅନାଇ ବାହାରର ସୌନ୍ଦର୍ଯ୍ୟ ଉପ-ଲବ୍ଧି କରୁଛନ୍ତି । ସେ ତାଙ୍କ ନିକଟରେ ଥିବା ଗୋଟିଏ ସିଟ ଅଧିକାର କରି ବସି ରହିଲେ ।

କିଛି ସମୟ ପରେ ଜଣେ ଭଦ୍ର ମହିଳା ଆସି କହିଲେ—"ଆପଣ ଆଉ ଗୋଟିଏ ଜାଗା ଦେଖି ନଅନ୍ତୁ । ମୁଁ ଏଇଠାରେ ବସିଥିଲି ।

ସୁବ୍ରତବାବୁ ଦେଖିଲେ ସେ ଯାହାକୁ ଖୋଜି ଖୋଜି ପାଉ ନ ଥିଲେ, ସେ ଅ.ଜି ଆଖି ଆଗରେ ମନରେ ତାଙ୍କର ଆନନ୍ଦ କହିଲେ ନସରେ । ସେ ଟନା ବାକ୍ୟ ବ୍ୟୟରେ ସେ ସ୍ଥାନଟି ତ୍ୟାଗକରି ଆଉ ଗୋଟିଏ ସ୍ଥାନରେ ବସି ପଡ଼ି ଖଣ୍ଡିଏ ମାସିକ ପତ୍ରିକା ଆଣି ମୁହଁକୁ ଢ଼ାଙ୍କିଦେଖି ଗୀତାର ରୂପ ଓ ବର୍ଣ୍ଣକୁ ନିଜ ମାନସ ପଟରେ ଆଙ୍କିବାକୁ ଲଗିଲେ ଓ ସବନା ଗାଇଜର କଷଟି ପଥରରେ କସିବାକୁ ଲଗିଲେ । ଠିକ ଏହି ରୂପ, ଏହି ବର୍ଣ୍ଣ, ଏହି ମୁଖ, ଏହି ଚଷମା. ସବୁ ଯେପରି ଏକ ଏକ କରି ମିଳି ଯାଉଛି, ସ୍ତ୍ରୀଲୋକଟି ତାହାଣ ପାଖରେ ବସି ଥାଆନ୍ତି ଦୁଇଜଣ ବର୍ଷୀୟ ଯୁବତୀ । କଥୋପ କଥନରେ ସେମାନେ ପ୍ରଶ୍ନକଲେ—"ଅଚ୍ଛା ତୁମେ କଣ ଏହି ଆସାମ ଷ୍ଟେସନରୁ ଉଠିଲ ?

ସ୍ତ୍ରୀ ଲୋକ ଜଣକ ଉତ୍ତର ଦେଇ କହିଲେ—"ହଁ !" କଣ ହୋଇଛି କ

—"ଏହି ଷ୍ଟେସନର ନିକଟବର୍ତ୍ତୀ କୌଣସି ସ୍ଥାନରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍ଟ ହୋଇ ଯାଇଛି ?" ଓ ଦସ୍ୟୁମାନେ କେତେଜଣଙ୍କୁ ଆହତାବସ୍ଥାରେ ପକାଇ ଦେଇ ଦୁଇଜଣ ଙ୍କନେରୁ ମାରି ଦେଇଛନ୍ତି ??

—"ହଁ ଲୁଟ ହୋଇଛି ସତ; କିନ୍ତୁ ଲକ୍ଷ୍ୟାଧିଅ ଟଙ୍କାର ସମ୍ପତ୍ତି ନୁହେଁ ହୁଏତ ଦଶ ବିଶ ହଜାର ହେବ । କିନ୍ତୁ ମର୍ଡ଼ର ଫରଡ଼ କଥା ଅବଶ୍ୟ ମୁଁ ଶୁଣିବାକୁ ପାଇନ ।"

—"ମୋଟେ ଦଶ ବିଶ ହଜାର ? ଏଥର ଯାହାହେଲେ ଗୀତା ଦେକ ଯାଇଛି, ବେଶୀ ଟଙ୍କା ପାଇ ପାରିନ । ଏହି ସାମାନ୍ୟ କେଇଟା ଟଙ୍କା ପାଇଁ ଦୁଇ ଦୁଇଟା ମର୍ଡ଼ର କଲ ?"

Digitized by PPRACHIN, SOA

—"ମର୍ଡ଼ର ହୋଇଛୁ ବୋଲି ତୁମେ କାହାଠାରୁ ଶୁଣିଲ ?"

—"ଏଇ ସମସ୍ତେ ଏଇଠାରେ କୁହାକୁହି ହେଉଥିଲେ ।"

—"ସମସ୍ତେ ନା, ଖାଲି ପୋଲିସ ଲୋକ ?"

—"ଆପଣ ଯାହା ଆନୁମାନିକ ଭାବେ କହିଲେ ତା ଅବଶ୍ୟ ଠିକ ଏ ଖବରଟା ଏହି ଷ୍ଟେସନରେ ପୋଲିସ ମାନେ କୁହାକୁହି ହେଉଥିଲେ ।

—"ଛାଡ଼, ସେଥିରୁ ଅବା ଆମକୁ କଣ ମିଳିବ ? କିନ୍ତୁ ମୋର ଦୃଢ଼ ଧାରଣା ଏ ମର୍ଡ଼ରଟା ଗୀତା ଦ୍ୱାରା ହୋଇନି । କାରଣ ଗୀତାର ମର୍ଡ଼ର କରା ଧର୍ମ ନୁହଁ । ମୁଁ ଅନେକ ମୁହଁରୁ ଶୁଣିବାକୁ ପାଇଛୁ ଗୀତା କାଳେ କୌଣସି ଦିନ କୌଣସି କ୍ଷେତ୍ରେ ମର୍ଡ଼ର କରେନା । ଆଉ ମଧ୍ୟ ସେ କେବେ ହେଲେ ଲୋକମାନଙ୍କର ଅମଙ୍ଗଳ ଚାହେଁନା ।

ସୁବ୍ରତବାବୁ ପର୍ଦ୍ଦାର ଅନ୍ତରାଳରେ ମୁହଁ ରଖି ସମସ୍ତ କଥା ଶୁଣୁ-ଥିଲେ । ଆଉମଧ୍ୟ ଭାବୁଥିଲେ ସବୁଦିନ ମୋତେ ଠକେଇ ଦେଇଚାଲି ଯାଉଥିଲୁ କିନ୍ତୁ ଆଜି ଆଉ ଠକେଇ ପାରିବୁନି ।

ଠିକ ଏତିକିବେଳେ ଟ୍ରେନ ଗୋଟିଏ ଷ୍ଟେସନରେ ରହିଲା । ଆଉ ସେହି ସଙ୍ଗେ ସଙ୍ଗେ ସେ ବଗି ମଧ୍ୟକୁ ଉଠି ପଡ଼ିଲେ ଲେଖକ ବସନ୍ତ କୁମାର ପଟ୍ଟନାୟକ ।

ବସନ୍ତ ପଟ୍ଟନାୟକଙ୍କର ପ୍ରଥମେ ନଜର ପଡ଼ିଲା ଉକ୍ତ ଭଦ୍ର ମହିଳାଙ୍କ ଉପରେ । ତାଙ୍କୁ ଦେଖି କହି ଉଠିଲେ—"ହ୍ୟାଲୋ !

ମିସ୍ ଗୀତା ! ତୁମେବି ଏଇଠାରେ ? କ'ଣ କୌଣସି ପୋଗ୍ରାମ କରି-ଥିଲା ଆଜି ଅଛୁନା କଣମ ?? ବାଃ, ଆଜିବି ଗୋଟାଏ ସୌଭାଗ୍ୟର ଦିନ ବହୁଦିନ ତୁମ ସାଙ୍ଗରେ ଆଉ ସାକ୍ଷାତ ହୋଇ ପାରି ନଥିଲା କଣ, ଆସାମ ଆଡ଼େ ସ୍ୱାସ୍ଥ୍ୟର ପରିବର୍ତ୍ତନ ପାଇଁ ଆସିଥିଲ ???

—"ଗୋଟିଏ ପଥରେ ଦୁଇଟା କାମ ।"

—"ମାନେ ?"

Digitized by PPRACHIN, SOA

—" ବୁଲିବାକୁ ବୁଲିବା ସଙ୍ଗେ ସଙ୍ଗେ ଜଣେ ବନ୍ଧୁଙ୍କ ଘରର ନିମନ୍ତ୍ରଣ ବି ରକ୍ଷା କରାଗଲା ।

ଏହାଦେଖି ଓ ଏହାଶୁଣି ସୁବ୍ରତବାବୁ ଆହୁରି ଆନନ୍ଦରେ ବିଭୋର ହୋଇ ଉଠିଲେ । ବହୁ ଦିନର ସାଇତା ହିଂସା ଓ ପ୍ରତିଶୋଧ ଅଗ୍ନି ଯେପରି ହୁ, ହୁ, ଜଳିବାକୁ ଲାଗିଲା ।

ସେ ସ୍ତ୍ରୀ ଲୋକଟି ଉପରେ ଯାଇବା ଟିକିଏ ସନ୍ଦେହ ଥିଲା ବସନ୍ତବାବୁଙ୍କ ପାଇଁ ସନ୍ଦେହ କ୍ଷଣକ ମଧ୍ୟରେ ଅପସରି ଯାଇଛି । ଗୀତା ଓ ବସନ୍ତବାବୁ ଗୋଟିଏ ଯାଗାରେ । ତା ଛଡା ନୋଉଁଦିନ ଏମାନେ ଆଶ୍ରମ ଛାଡ଼ିବାର କଥା ଠିକ୍ ସେହି ଦିନ ଆଶ୍ରମ ଛାଡ଼ିଛନ୍ତି ।

ଆଉ କଣ ଭାବୁଥିଲେ—କିନ୍ତୁ ତାଙ୍କ ଭାବନା ଭାବନାରେ ରହିଗଲା 'ତାଙ୍କୁ ଲକ୍ଷକରି ବସନ୍ତବାବୁ କହୁଛନ୍ତି, ଆପଣବି ଏଇଠାରେ ସୁବ୍ରତବାବୁ ! ବାଃ ଖୁବ୍ ଆନନ୍ଦର କଥା । ଦୁଇ ଆଡ଼େ ଦୁଇ ବନ୍ଧୁ, ଏ ପାଖରେ ତୁମେ, ଆଉ ସେ ପାଖରେ ମିସ୍ ଗୀତା ।

ବସନ୍ତବାବୁଙ୍କ କଥାର ଉତ୍ତର ଦେଇ ସୁବ୍ରତ ବାବୁ କହିଲେ—

—" ଗତକାଲି ରାତ୍ରି ଟ୍ରେନରେ ଗୋଟିଏ ବିଶେଷ ଜରୁରୀ କାର୍ଯ୍ୟ ପାଇଁ ଆଶ୍ରମ ଆସିବାକୁ ପଡ଼ିଥିଲା । ଆଜ କଲିକତା ହୋଇ ଘରକୁ ଫେରି ଯିବି ।

—" କଣ କୌଣସି ମୃଗୟାର ସନ୍ଧାନ ନେଇ ?"

—" ମୃଗୟା ?"

—" ହଁ, ହଁ, ମୃଗୟା ତୁମେ ମାନେତ ହେଲ ବନ୍ୟଜୀବ ବ୍ୟାଘ୍ର ମୃଗ ମାଂସ ନହେଲେତ ଚଳେନା ।"

• ସୁବ୍ରତବାବୁ ତାଙ୍କ ସାଙ୍ଗରେ ଯୁକ୍ତି କରିବାକୁ ଆଦୌ ଯେପରି ପସନ୍ଦ କରୁ ନଥିଲେ । ଅଟ୍ଟାଳିଆ ସ୍ୱରେ କହିଲେ —" ତୁମେତ ହେଲ ସୁଦକ୍ଷ

Digitized by PPRACHIN, SOA

ସାହଚର୍ଯ୍ୟକ, ତେଣୁ ତୁମର ସବୁବେଳେ ଖାଲି ସେହି ଉଦାହରଣ ।"

ଏହା କହି ସୁବ୍ରତବାବୁ ବସନ୍ତ ବାବୁଙ୍କ ମୁହଁ ବୁଲାଇ ବସିଲେ । ଅତ ଠିକ୍ ସେତିକି ବେଳେ ତାଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ କଲା, ଗୀତାର କଅଁଳିଆ କଣ୍ଠସ୍ୱର । ଗୀତା ବସନ୍ତ ବାବୁଙ୍କୁ ପ୍ରଶ୍ନ କରୁଛି ଏ ଭଦ୍ର ଲୋକଜଣଙ୍କ କଣ ସେହି ସୁନାମ ଧନ୍ୟ ସି. ଆଇ. ଡି ସୁବ୍ରତ ଚୌଧୁରୀ ?" ଓଃ, ସେଇଥି ପାଇଁ ସେ ଅଠାପରି ମୋ ପଛେ ପଛେ ଲଗି ରହିଛନ୍ତି । ମୁଁ ଟିକିଏ ଠିଆ ହୋଇ ପଡ଼ିଲେ ସେ ଠିଆହୋଇ ପଡ଼ୁଛନ୍ତି, ମୁଁ ବାହାରକୁ ଗଲେ ସେ ବାହାରକୁ ଯାଉଛନ୍ତି । ମୁଁ ଯାହା ଯେତେବେଳେ କରୁଛି, ସେ ଠିକ୍ ତାହାହିଁ କରୁଛନ୍ତି ।

ଗାଡ଼ି ଆସି ହାଓଡ଼ା ଷ୍ଟେସନର ନିକଟ ବର୍ତ୍ତୀ ହେଲା । ବସନ୍ତବାବୁ ସୁବ୍ରତବାବୁଙ୍କୁ ଡାକି ପ୍ରଶ୍ନକଲେ । ଆଜି କାହିଁକି ଆପଣଙ୍କ ମୁଖ ମଣ୍ଡଳଟି ଅତ୍ୟନ୍ତ ମାଗ୍ଲ୍ଲୀକ ପରି ଜଣା ଯାଉଛି ।"

କୁଞ୍ଚିତ ହସ ମୁଖ ମଣ୍ଡଳରେ ପ୍ରକାଶ କରି ସୁବ୍ରତବାବୁ କହିଲେ

—" ମୁଁ ଦେଖୁଛି ମୁଁ ଯେପରି ହବୁଚନ ରାଜା ତୁମ ଆଖି ଆଗରେ ପୂ ତୁଣ ହୋଇ ନାହିଁ । ନୂଆ ରୂପରେ ନୁହେଁ ?

—" ଆଚ୍ଛା ସେ ସବୁ କଥା ଛାଡ଼ନ୍ତୁ ସୁବ୍ରତବାବୁ ! କହିଲେ ଦେଖି ଆପଣ କଣ ସେ ଦିନ ସେ ଧୋବାଟାର କୌଣସି ସନ୍ଧାନ ପାଇଲେ ?

—" ଧୋବା ପାଇଁ ଯେଉଁ ଦିନ ମୋର ପ୍ରୟୋଜନ ହେବ ସେ ଦିନ ଖୋଜି ବାହାର କରିବି ।"

ସୁବ୍ରତ ବାବୁଙ୍କ କଥା ଶୁଣି ବସନ୍ତବାବୁ ଟିକିଏ ହସି କହିଲେ । ହେଉ, ଆସିଗଲା ଏଥର ହାଓଡ଼ା ଷ୍ଟେସନ ।

ହାଓଡ଼ା ଷ୍ଟେସନ ଗାଡ଼ି ରହିଲା । ସୁବ୍ରତବାବୁ ଖୁବ୍ ସତର୍କ ଦୃଷ୍ଟି ରଖିଲେ ମିସ୍ ଗୀତା ଉପରେ ।

ଗୀତା ଗାଡ଼ି ମଧ୍ୟରେ ଥାଇ କୁଲି କୁଲି ବୋଲି ଡାକ ଛାଡ଼ିଲେ । ଓ ଗାଡ଼ି ମଧ୍ୟରୁ ତଳକୁ ଓହ୍ଲାଇ ଆସିଲେ । କୁଲି ଆସି ଗୀତାର ବେଡ଼ିଂ ପଢ଼ି ଗାଡ଼ି ମଧ୍ୟରୁ ବାହାର କରି ପଦାରେ ଠିଆ ହେଲା ।

Digitized by PPRACHIN, SOA

ସୁବ୍ରତବାବୁ ଠିକ୍ ଗୀତାଠାରୁ ପାଞ୍ଚ ଫୁଟ ବ୍ୟବଧାନରେ ଅଛନ୍ତି । ଖୁବ୍ ନିକଟରେ ଯେ, ହାତ ବଢ଼ାଇଲେ ହାତ ପାହାନ୍ତାରେ ।

ସୁବ୍ରତବାବୁ ଶୁଣିଲେ କିଏ ଜଣେ ବାବା, ବାବା; କହି ତାଙ୍କୁ ଡ଼ାକୁଛି ।

ସୁବ୍ରତବାବୁ ଦେଖିଲେ ଯେ ସେହି ବୁଢ଼ା, ବୃଦ୍ଧ ଜଣକ ତାଙ୍କୁ କହୁଛି ଗାଡ଼ି ମଧ୍ୟରେ ଟିକିଏ ତଳକୁ ଓହ୍ଲାଇଦେ ।"

ସୁବ୍ରତବାବୁ ବୁଢ଼ାକୁ ତଳକୁ ଓହ୍ଲାଇ ଦେବାକୁ ଯିବା ପୂର୍ବରୁ ପୋଲିସ ଅଫିସର ଆସି ସେଇଠାରେ ଉପସ୍ଥିତ ହୋଇ ସାରିଥିଲେ । ସେ ଅଫିସର ଚକ୍ଷୁର ଇସାରାରେ କଣ ଯେପରି କହି ବୁଢ଼ାଟିକୁ ତଳକୁ ଓହ୍ଲାଇ ଦେଲେ । ଆଉ ସେ ବୁଢ଼ା ଉପରେ ଦୟା ଆସିଲା ତାଙ୍କର । ତାଙ୍କୁ ପ୍ରଶ୍ନକଲେ ମାଉସୀ ତୁମେ କୁଆଡ଼କୁ ଯିବ ?

—"ଏଇ ବାବା ସେଇ ପୋଲ୍ ସେ ପଟକୁ । ଯଦି ବାବା ଟିକିଏ ଦୟାକରି ଖଣ୍ଡିଏ ଗାଡ଼ି ମୋ ପାଇଁ ଠିକ କରି ଦିଅନ୍ତୁ ଭଗବାନ ତୋର ମଙ୍ଗଳ କରନ୍ତେ ।

ସୁବ୍ରତ ବାବୁ ବୁଢ଼ୀଟିକୁ ନିଜ ସାଥିରେ ନେଇ ଯିବାର ସମୟ ନଥିବା ସତ୍ୱେ ଜଣେ କନେଷ୍ଟବଲକୁ କହିଲେ—ତୁମେ ନେଇଯାଅ ଏ ବୁଢ଼ୀକୁ ଖଣ୍ଡିଏ ଟ୍ୟାକ୍‌ସି ଠିକ କରିଦେଇ ପଠାଇ ଦେଇ ଆସିବ ।"

କନେଷ୍ଟବଲଟି ବୁଢ଼ୀ ଜଣକୁ ନେଇ ପ୍ଲାଟଫର୍ମ ପାର ହୋଇ ଟ୍ୟାକ୍‌ସି ଷ୍ଟାଣ୍ଡକୁ ଚାଲିଗଲେ ।

କୁଲିମୁଣ୍ଡକୁ ବେଡ଼୍‌ଂଟା ଟେକି ଦେଇ ମିସ ଗୀତା କହିଲେ—"ଚାଲ ତେର ନମ୍ବର ପ୍ଲାଟଫର୍ମ ଦେଇ ।

Digitized by PPRACHIN, SOA

ଏହାଶୁଣି ସୁବ୍ରତବାବୁ ଗୀତା ଦେବୀଙ୍କ ଆଗକୁ ବଢ଼ି ଆସି ଶଭଲଦ୍ଭର ବାହାର କରି ଗୋଟିଏ କନେଷ୍ଟବଲକୁ ଆଦେଶ ଦେଲେ ଏହାକୁ ତୁମେ ଆରେଷ୍ଟ କର ?"

ଏହାଶୁଣି ଗୀତା ଦେବୀ କହିଲେ—"ତୁମେମାନେ ମୋତେ ଆରେଷ୍ଟ କରିବ ? କାହିଁକି ?? ମୋର କି ଅପରାଧ ହେଲକି ? ଅନ୍ୟ ତାଛଡ଼ା କେଉଁ କାରଣରେ ???

ସେ ସବୁ ପରେ ଜାଣି ପାରିବେ । ଆପାତତ ତୁମ ହାତରେ ହାତକଡ଼ା ଦିଆ ଯିବନ । କନ୍ତୁ ଆମ ସାଙ୍ଗରେ ଥାନାକୁ ଯିବାକୁ ପଡ଼ିବ ।

—"କାହିଁକି ? ମୁଁ ଯଦି ନ ଯାଏ ??"

—"ଆପଣ ଯିବାକୁ ବାଧ୍ୟ ହେବେ ।"

ଠିକ ଏତିକି ବେଳେ ଦଳେ ପଞ୍ଜାବୀ ଆସି ସେଇଠାରେ ଉପସ୍ଥିତ ହେଲେ । ସେମାନେ ହେଉଛନ୍ତି ମୋହନ ସିଂ, ନାରଣ ସିଂ ଓ ଅନ୍ୟାନ୍ୟ ମାନେ ।

ସେମାନଙ୍କୁ ଦେଖି ସୁବ୍ରତବାବୁ ଅଫିସର ଆଡ଼କୁ ଲକ୍ଷ କରି କହିଲେ—"ଏମାନଙ୍କୁତ ଆପଣ ଚହ୍ନିଛନ୍ତି ? ଏମାନେ ହେଉଛନ୍ତି ସେହି ୧୯୭୮ ମସିହାରେ ଘଟି ଯାଇଥିବା ହିଂସାତ୍ମକ କାଣ୍ଡର ମୂଳଧର ଓ ସ୍ୱାଙ୍କର ସାହାଯ୍ୟ କାରି । ଆଉ ଏହି ୧୩ ନମ୍ବର ଗେଟ ନିକଟରେ ଯାହାକୁ ଛୁଡ଼ା ହେବାର ଦେଖୁଛନ୍ତି । ସେ ହେଉଛନ୍ତି ଲେଖକ ବସନ୍ତ କୁମାର ପଟ୍ଟନାୟକ । ସ୍ୱାଙ୍କର ଆରାଧ୍ୟ ଦେବତା । ତାଙ୍କୁ କିଏ ଥାନାକୁ ନେଇ ଯିବ ?

ନା,ନା ତାଙ୍କ କଥା ପରେ । ଉତ୍ତର ଦେଲେ ପୋଲିସ ଅଫିସର ।

—"ଆଉ ଏହି ନାରଣ ସିଂ,ମୋହନ ସିଂ ଇତ୍ୟାଦି ଏମାନଙ୍କୁ ।

Digitized by PPRACHIN, SOA

—"ନା ସେମାନଙ୍କ ନାମରେ ତ କୌଣସି ଓ୍ୟାରଣ୍ଟ ବାହାରନ । ତେଣୁ ସେମାନଙ୍କୁ ଆରେଷ୍ଟ କର୍‌ବା ଆଇନ ବିରୁଦ୍ଧ ।

ଠିକ ଇତ୍ୟାବସରରେ ବୃଦ୍ଧାକୁ ନେଇ ଯାଇଥିବା କନେଷ୍ଟବଲଟି ଫେରି ଆସି ସୁବ୍ରତବାବୁଙ୍କ ହାତକୁ ଖଣ୍ଡିଏ ନାଲି ରଙ୍ଗର ଖାମ୍ ବଢ଼ାଇ ଦେଲା, ସେ ଖାମଖଣ୍ଡି ସୁବ୍ରତ ଗ୍ରେଧୁରୀଙ୍କ ନିକଟକୁ ଲେଖା ଯାଇଛି ।

ସୁବ୍ରତ ଗ୍ରେଧୁରୀ ଯେତେବେଳେ ସେ ଖାମଖଣ୍ଡି ହାତକୁ ନେଇଛନ୍ତି ସେ ମନେ ମନେ ସ୍ଥିର କରି ନେଲେ ଗୀତା ନିଶ୍ଚୟ ଆମ୍ଭମାନଙ୍କ ଆଖିରେ ଅଙ୍ଗୁଳି ଗେଞ୍ଜି ପଳାଇ ଗଲାଣି ।

ସୁବ୍ରତବାବୁଙ୍କ ଅନ୍ୟମନସ୍କକୁ ଲକ୍ଷ କରି ଅଫିସର ପଚାରିଲେ —"କଣ ହେଲାକି ଆପଣଙ୍କର? ଆପଣ ଘରି ପଡୁଛନ୍ତି? ହଁ ଗୀତାକୁ ସାଥିରେ ଧରି ଚାଲନ୍ତୁ ନଅ ନମ୍ବରରେ ଆସି ହାଓଡ଼ା ପୁରୀ ଏକସ୍‌ପ୍ରେସ ଲାଗି ଗଲାଣି ଯେ?"

ଅଫିସରଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଆଗ ସେ ଚିଠି ଖଣ୍ଡି ଖୋଲି ପକାଇ ଆଖି ବୁଲାଇ ଦେଲେ, ଯାହା ପଢ଼ିଲେ ସେଥିରେ ଆଉ ତାଙ୍କର ଧର୍ଯ୍ୟ ରହିଲା ନାହିଁ । ଧର୍ଯ୍ୟଚ୍ୟୁତ ହୋଇଗଲା, ପୁନରାୟ ଚିଠି ଖଣ୍ଡି ଅଫିସରଙ୍କ ହାତକୁ ବଢ଼ାଇ ଦେଇ କହିଲେ—"ସିପାହି ! ସିପାହି ! ସେ ବୃଦ୍ଧାଟି କେଉଁଆଡ଼େ ଗଲା ?"

କନେଷ୍ଟବଲ ଜଣକ ଉତ୍ତର ଦେଲା—"ବାବୁ ସେ ବୃଦ୍ଧାକୁ ପାଛୋଟି ନେବା ପାଇଁ କଳାରଙ୍ଗର ଖଣ୍ଡେ କାର ଧରି କେତେଜଣ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । ସେ ସେହି କାରରେ ବସି ଚାଲି ଯାଇଛନ୍ତି ।

ସର୍ବନାଶ ! ସର୍ବନାଶ ହୋଇଗଲା । ଦେଖୁ ଦେଖୁ ଗୀତା ଆମ୍ଭମାନଙ୍କ ସାଙ୍ଗରେ ଭେଲିକି ଲଗାଇ କଟି ପଡ଼ିଲା ।

ସମସ୍ତେ ଏକା ସାଙ୍ଗରେ କହି ଉଠିଲେ, ଗୀତା କଣ ତାହାହେଲେ ପଳାଇଗଲା, ତାହେଲେ ଏଭଦ୍ର ମହିଳା ଗୀତା ନୁହଁନ୍ତି?"

Digitized by PPRACHIN, SOA

ସୁବ୍ରତବାବୁ ମୁଣ୍ଡ ହଲାଇ କହିଲେ ନା, ସ୍ବାଙ୍କ ନା ପ୍ରକୃତ ଗୀତା କିନ୍ତୁ ସେ ହେଉଛନ୍ତି ଲେଡ଼ିଡକ୍ଟର ମିସ ଗୀତା ଆଉ ଯେ ଗୃହଗଳ ସେ ହେଉଛନ୍ତି ଧନନେଷୀ ନାଗଦସ୍ୟୁ ଗୀତା—

ତାପରେ ପୁରୀ ଅଭିମୁଖରେ ଏକ୍‌ସପ୍ରେସ ଖଣ୍ଡି ଛୁଟି ଚାଲିଲ ସୁବ୍ରତ ବାବୁ ଓ ପୋଲିସ ଅଫିସର ସମୁଦ୍ର ନିରାନନ୍ଦରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କଲେ—

ସମାପ୍ତ

SURYODAYA PRESS, CUTTOCK.8

Digitized by PPRACHIN, SOA

କ ମିଳେ ଏବଂ ଗଞ୍ଜିକା ମଧ୍ୟମିଳେ ।
।।ଦ ଭବ ମନଙ୍କୁ ସରସ କରିବାପାଇଁ
କେତେଖଣ୍ଡି ପୁସ୍ତକ ପଢ଼ନ୍ତୁ !!!

ଉପନ୍ୟାସ

ତୁମେକି ମୋର ବର

ଭୁଲ୍ କା ଘଟେ ?

ନାରୀ ଦସ୍ୟୁ

କାହାଣୀ

କପୋତ-କପୋତୀ କାହାଣୀ

ପ୍ରଥମ, ଓ ଦ୍ୱିତୀୟ ଭାଗ ସେଟ,

ସଇତାନ ଭ ତ ଚରିତ

ମୁକ୍ତି ପ୍ରତୀକ୍ଷାରେ

ପ୍ରେମ ବାୟାଣୀ

ଅଜାବୁଢ଼ାଙ୍କ ମଜା କଥା

— ପ୍ରାପ୍ତିସ୍ଥାନ —

ସୂର୍ଯ୍ୟମଣି ବିଦ୍ୟା ଭଣ୍ଡାର

ଶେଖ୍‌ବଜାର, କଟକ-୮

Digitized by PPRACHIN, SOA